

ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



କୁମୁଦ



ସିଦ୍ଧରଥ



ମଞ୍ଜିତ



ଶିବରାମ



ସୌମ୍ୟା



ବୁଲୁ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ରାଇଟ୍ ଟୁ ଏଜୁକେଶନ ଯୋଜନା ବନ୍ଦ



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଭିଭାବକମାନେ ଅଭିଯୋଗ କରିବାକୁ ଆସିଛନ୍ତି ।

**ସମ୍ବଲପୁର,୨୦।୧(ବ୍ୟୁରୋ)**

### ୯୦ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

ସରକାର ଶିକ୍ଷାବ୍ୟବସ୍ଥାରେ ସୁଧାର ଆଣିବା ସହ ଗରିବ ପିଲାଙ୍କ ପାଠ ପଢା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଯୋଜନା ଆରମ୍ଭ କରି ଦେଇ ବେଶ୍ କିଛି ବର୍ଷ ଲାଗୁ କରି ବାହାବା ନେଉଛନ୍ତି। ହେଲେ ପରେ ଯୋଜନା ବନ୍ଦ ହୋଇଯାଉଛି। ଏଣୁ ଯୋଜନାରେ ସାମିଲ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି। ଏଭଳି ଏକ ଘଟଣାର ଅଭିଯୋଗ ହୋଇଛି ବରେଇପାଲି ସେବାଶ୍ରମ ସ୍କୁଲର ୯୦ ଜଣ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ। ଅଭିଯୋଗ କ୍ରମେ ୨୦୧୪ରେ ରାଇଟ ଟୁ ଏଜୁକେସନ ଯୋଜନାରେ ଗରିବ ପିଲାପିଲଙ୍କୁ ଚୟନ କରାଯାଇ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖା ଯାଇଥିଲା। ପ୍ରଥମ କିଛି ବର୍ଷ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପ୍ରଶାସନ ବହି, ଡ୍ରେସ୍, ଜୋତା ଓ ଅନ୍ୟାନ୍ୟ ସାମଗ୍ରୀ ଦେଇଥିଲା। ହେଲେ ଏବେ ତାହା ବନ୍ଦ କରି ଦିଆଯାଇଛି। ସମସ୍ତେ ଗରିବ ଶ୍ରେଣୀର ହୋଇଥିବାରୁ ଅଭିଭାବକମାନେ ଟଙ୍କା ଖର୍ଚ୍ଚ କରି କେନ୍ଦ୍ରୀୟ ବିଦ୍ୟାୟରେ ପାଠ ପଢାଇବା କଷ୍ଟକର। ଏ ନେଇ ଜିଲା ସମାଜିକ ମଙ୍ଗଳ ବିଭାଗରେ ଅଭିଯୋଗ କଲେ ସେମାନେ କହୁଛନ୍ତି ଯେ, ଏହି ଯୋଜନା ବନ୍ଦ ହୋଇ ଗଲାଣି। ଏଣୁ ସୁବିଧା ଯୋଗାଇ ଦିଆଯାଇ ପାରବ ନାହିଁ। ଏବେ ଏହି ୯୦ ଜଣ ଛାତ୍ରୀଛାତ୍ର କୁଆଡେ ଯିବେ। କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢିବା ପରେ ଅନ୍ୟ ସ୍କୁଲରେ କେମିତି ପାଠ ପଢିବେ ବୋଲି ପ୍ରଶ୍ନ ଉଠିଛି। ତେଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ନ ଖେଳି ଏ ଦିଗରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ସୁବର୍ଣ୍ଣ ଜୟପୁରିଆ, ସମିତ୍ରା ବାଗ, ସୁରଭା ମାଝି, ଶ୍ରୀଧର ନାଏକ, ରଣେଶ୍ୱର ମିର୍ଦ୍ଧା ପ୍ରମୁଖ ସୋମବାର ଜିଲାପାଳଙ୍କ ଅଫିସରେ ଅଭିଯୋଗ କରିଛନ୍ତି।

# ଟ୍ରେନ୍ ଆଗକୁ ଡେଇଁଲେ ନାବାଳିକା

**ଭଦ୍ରକ ଅଫିସ, ୨୦।୧**

### ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବିଜୟୱାଡାରୁ ହାୱଡା ଅଭିମୁଖେ ଯାଉଥିବା ହମ୍‌ସଫର୍ ଏକ୍ସପ୍ରେସ୍ ସମ୍ମୁଖକୁ ଡେଇଁ ସୋମବାର ଅପରାହ୍ନରେ ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ମୃତା ନାବାଳିକାଙ୍କ ପରିଚୟ ଅସ୍ପଷ୍ଟ ରହିଥିବାବେଳେ ଆତ୍ମହତ୍ୟାର କାରଣ ମଧ୍ୟ ଜଣାପଡ଼ି ନାହିଁ। ହମ୍‌ସଫର୍ ଏକ୍ସପ୍ରେସ୍‌ର ଭଦ୍ରକ ଷ୍ଟେଶନରେ ରହଣି ନ ଥିବା କାରଣରୁ ଟ୍ରେନର ଗତି ଦ୍ରୁତ ଥିଲା। ନାବାଳିକା ଜଣଙ୍କ ଇଞ୍ଜିନ୍ ପଛ ବଗି ସିଧା ୩ ନଂ. ପ୍ଲାଟଫର୍ମରୁ ଡେଇଁ ପଡ଼ିଥିବାରୁ ୨ଟି ଗୋଡ଼ କଟିଯାଇଥିବା ବେଳେ ମୁହଁ ଓ ହାତ କ୍ଷତାକ୍ତ ହୋଇଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜାଣିବା ପରେ ଚାଳକ ଟ୍ରେନ୍‌କୁ ଅଟକାଇଥିଲେ। ଗୁରୁତର ନାବାଳିକାଙ୍କୁ ଆର୍‌ପିଏଫ୍ ଉଦ୍ଧାର କରି ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ନାବାଳିକାଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅପରାହ୍ନରେ ନାବାଳିକା ଜଣଙ୍କ କିଛି ସମୟ ଧରି ୩ ନମ୍ବର ପ୍ଲାଟ୍‌ଫର୍ମରେ ବୁଲୁଥିଲେ। ପ୍ରାୟ ସାଢ଼େ ୪ଟା ବେଳେ ସେ ହଠାତ୍ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ଟ୍ରେନ୍ ଧକ୍କାରେ ସେ ଛିଟିକି ରେଳଧାରଣା କଡ଼ରେ ପଡ଼ି ଯାଇଥିଲେ। ତାଙ୍କ ବାମଗୋଡ଼ ଟ୍ରେନ୍‌ରେ କଟି ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିବାବେଳେ ଡାହାଣ ଗୋଡ଼ ଛିନ୍‌ଭିନ୍ ହୋଇଯାଇଥିବା ସୂଚନା ମିଳିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ଆନ୍ତଃ କ୍ଲବ କ୍ୟାରେମ ପ୍ରତିଯୋଗୀତା, ବଡବଜାର ନେତାଜୀ ସୁବାଷ ସଂଘ ପରିସର, ପୂର୍ବାହ୍ନ ୧୦ଟା ।
- ବାର୍ଷିକ ସମୀକ୍ଷା ବୈଠକ, ମୋତିଝରନସ୍ଥିତ ଆରସିସିଏଫ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ।
- ସିଏଏ ଶୀର୍ଷକ ଆଲୋଚନାଚକ୍ର, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୬ଟା ।

**ସୁବର୍ଣ୍ଣପୁର**

- ଜିଲାସ୍ତରୀୟ ପାଣି ପଞ୍ଚାୟତ ସମାରୋହ, ଡିଆରଡିଏ ସଭାଗୃହ, ପୂର୍ବାହ୍ନ ୧୦ଟା।

**ବୌଦ୍ଧ**

- ୧୫ତମ ସର୍ବଭାରତୀୟ ଡିଏସ୍ କପ ଫୁଟବଲର ଫାଇନାଲ ମ୍ୟାଚ, କଚେରି ଖେଳପଡ଼ିଆ, ଅପରାହ୍ନ ୨.୩୦ ମିନିଟ।

**ଦେବଗଡ଼**

- ହରିଜନ ଓ ଆଦିବାସୀ ଡେ଼ଭଲପମେଣ୍ଟ ଟ୍ରଷ୍ଟର ନୂତନ ଗୃହ ଉଦ୍‌ଘାଟନ, ନିରବେନି ସାହି, ଦେବଗଡ଼, ପୂର୍ବାହ୍ନ ୧୦ଟା।

## ନାଳରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଧାମନଗର/ଦୋବଲ,୨୦।୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ କରଦା ପଞ୍ଚାୟତ ଅଲ୍ଲୀନଗର ନିକଟ ବତାସିଆ ନାଳରୁ ସୋମବାର ଅପରାହ୍ନରେ କମଳା ପୃଷ୍ଟି ନାମ୍ନୀ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତା କମଳା ଯୁକ୍ତ ୨ କଲେଜ ଛାତ୍ରୀ। ମୃତଦେହ ଉଦ୍ଧାର କରି ଧାମନଗର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। କମଳା ଶୌଚ ହେବାକୁ ଯାଇ ପାଣିରେ ବୁଡିଯାଇଥିବା ତାଙ୍କ ସାନବାପା ଥାନାରେ ଅଭିଯୋଗ କରିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଏସ୍‌ଆଇ ମୋତିଲାଲ ମାରାଣ୍ଡି ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ ହୋଇଛି।

## ବସ୍ ପଛରେ ପିଟିଲା ଟ୍ରକ୍: ୭ ପର୍ଯ୍ୟଟକ ଗୁରୁତର

**ଜଳେଶ୍ୱର,୨୦।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ନିକଟସ୍ଥ ୬୦ନଂ ଜାତୀୟ ରାଜପଥର ନନ୍ଦିକା ବାଇପାସ୍ ଛକଠାରେ ସୋମବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ୭ ପର୍ଯ୍ୟଟକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜି.କେ. ଭଟ୍ଟର ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ପଶ୍ଚିମବଙ୍ଗର ପର୍ଯ୍ୟଟକମାନେ କଟକରୁ କୋଲକାତାକୁ ଫେରୁଥିବାବେଳେ ନନ୍ଦିକା ଛକରେ ରାସ୍ତା ପାର୍ଶ୍ୱରେ ସେମାନଙ୍କ ବସ୍‌ଟି ଛିଡ଼ା ହୋଇଥିଲା। ଏହି ସମୟରେ ଏକ ଗୋରୁ ବୋଝେଇ ଟ୍ରକ ପଛରୁ ଆସି ଧକ୍କା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌ଟିକୁ ଜବତ କରିଛି। ଟ୍ରକ୍‌ର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ୧ଲକ୍ଷ ୩୦ହଜାର ଟଙ୍କା ଜବତ, ଜଣେ ଗିରଫ

**ଜଳେଶ୍ୱର,୨୦।୧(ସ୍ୱ.ପ୍ର)**

ଜଳେଶ୍ୱରରେ ମାଦକଦ୍ରବ୍ୟ ଓ ବ୍ରାଉନ୍‌ସୁଗାର ପରେ ଏବେ ବ୍ୟାପକ ସଟ୍ଟା ଖେଳ ହେଉଥିବା ପୋଲିସ୍‌କୁ ସୂଚନା ମିଳିଛି। ରବିବାର ରାତି ୯ଟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁ ରାଜପୁର ଅଞ୍ଚଳରେ ସଦଳବଳ ଚଢ଼ାଉ କରିଛନ୍ତି। ସୂଚନା ଅନୁଯାୟୀ ନିର୍ଦ୍ଦିଷ୍ଟ ଘରେ ସଟ୍ଟା ଖେଳ ଚାଲିଥିବା ବେଳେ ଏହାର ମୁଖ୍ୟ ରାଜପୁର ଗାଁର ସେକ୍ ଅମିରୁଦ୍ଦିନଙ୍କୁ ପୋଲିସ୍ ଗିରଫ କରିବା ସହିତ ଏକ ମାମଲା (ନଂ.୨୮/୨୦) ରୁଜୁ କରିଛି। ସେଠାରେ ଅନ୍ୟ କେତେକ ଯୁବକ ସନ୍ଦେହଘେରରେ ଥିବାବେଳେ ଖସିଯିବାରେ ସକ୍ଷମ ହୋଇଛନ୍ତି। ସେକ୍ ଅମିରୁଦ୍ଦିନ ପାଖରୁ ୧ଲକ୍ଷ ୩୦ହଜାର ଟଙ୍କା ଜବତ ହୋଇଥିବା ଆଇଆଇସି ସାହୁ ସୂଚନା ଦେଇଛନ୍ତି। ଏହା ଜଣାଯିବା ପରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ କୋକୁଆଭୟ ସୃଷ୍ଟି ହୋଇଛି । ଅନ୍ୟ କେତେକ ସ୍ଥାନ ଉପରେ ପୋଲିସ ତୀକ୍ଷଣ ଦୃଷ୍ଟି ରଖିଛି।

## ବାଇକ୍ ଡିକି ଭାଙ୍ଗି ୧.୯୯ ଲକ୍ଷ ଲୁଟ୍

**ବାସୁଦେବପୁର,୨୦।୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ସହର ମଧ୍ୟରେ ଥିବା ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସ ସାମ୍ନାରୁ ସୋମବାର ମଧ୍ୟାହ୍ନରେ ଏକ ବାଇକ୍ ଡିକି ଭାଙ୍ଗି ୧.୯୯ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ କରାଯାଇଛି। ଲୁଟ୍‌ର ଶିକାର ହୋଇଥିବା ବ୍ୟକ୍ତି ହେଲେ ସାନକୃଷ୍ଣପୁର ଗ୍ରାମର ତାପସ କୁମାର ଦାସ। ସେ ଏ ନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ତାପସ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ଦେଢ଼ଲକ୍ଷ ଓ କୋଅପରେଟିଭ୍ ବ୍ୟାଙ୍କରୁ ୪୯ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ନୀଳମଣି ମାର୍କେଟ୍ କମ୍ପ୍ଲେକ୍ସରେ ପହଞ୍ଚି ସେଠାରେ ଗାଡ଼ି ରଖି ଜିନିଷ କିଣିବା ପାଇଁ ଯିବା ସମୟରେ ଜଣେ ଲୁଟେରା ଆସି ଡିକି ଭାଙ୍ଗି ଟଙ୍କା ନେଇ ଚମ୍ପଟ ମାରିଥିଲେ। ତେବେ ଲୁଟେରାଙ୍କ ପତ୍ତା ମିଳିପାରି ନ ଥିବା ପୋଲିସଠାରୁ ସୂଚନା ମିଳିଛି।

୫ ମୋ ସରକାର ☎14545
ଓଡ଼ିଶା ଶାସନ
FICCI

କୃଷି ଓଡ଼ିଶା
୨୦-୨୪ ଜାନୁଆରୀ, ୨୦୨୦
ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା

ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ
୨୧ ଜାନୁଆରୀ, ୨୦୨୦ (ମଙ୍ଗଳବାର) ସନ୍ଧ୍ୟା ୫ ଘଟିକା
ସମବାୟ ଏବଂ ବ୍ୟାଙ୍କିଙ୍ଗ୍ ଦିବସ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ
ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ କୃତିବାସ ପାତ୍ର
ଉପଦେଷ୍ଟା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ଅସିତ ପଟ୍ଟନାୟକ
ଅଧ୍ୟକ୍ଷ, ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମ ଲିଃ.
ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର, ଭା.ପ୍ର.ସେ.
କୃଷି ଉତ୍ପାଦନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା
ଶ୍ରୀଯୁକ୍ତ ଏମ୍.କେ. ମଲ୍ଲ
ଆଞ୍ଚଳିକ ନିର୍ଦ୍ଦେଶକ, ଆର୍.ବି.ଆଇ. ଭୁବନେଶ୍ୱର
ଶ୍ରୀଯୁକ୍ତ ଏସ୍. କୁମାର
ମଣ୍ଡଳ ମୁଖ୍ୟ ପରିଚାଳକ, ୟୁକୋ ବ୍ୟାଙ୍କ, ଭୁବନେଶ୍ୱର

ସଭାପତି
ଡଃ ଅରୁଣ କୁମାର ସାହୁ
ମାନ୍ୟବର ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ, ଉଚ୍ଚ ଶିକ୍ଷା, ଓଡ଼ିଶା

ସ୍ୱାଗତ ଭାଷଣ
ଶ୍ରୀଯୁକ୍ତ ଭି. ଭି. ଯାଦବ, ଭା.ପ୍ର.ସେ.
କମିଶନର ତଥା ଶାସନ ସଚିବ, ସମବାୟ ବିଭାଗ, ଓଡ଼ିଶା

ଧନ୍ୟବାଦ ଅର୍ପଣ
ଶ୍ରୀଯୁକ୍ତ ଡି. କେ. ଜେନା, ଭା.ପ୍ର.ସେ.
ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଭୁବନେଶ୍ୱର

କୃଷି ପ୍ରଦର୍ଶନୀ, ଆଲୋଚନା ଚକ୍ର, କୃଷକ-ବୈଜ୍ଞାନିକ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର
01034/13/0040/1920
DSPL-239



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ। -ସତ୍ୟସାଇ ବାବା

**ସଂକ୍ଷେପରେ..**

## ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବରପାଲି,୨୦।୧(ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ବ୍ଲକ ଅଧୀନ ବିଶିପାଲି ରାସ୍ତା ବୁଲାଣିଛକରେ ଦୁର୍ଘଟଣା ଘଟିଛି। ଗୋଟିଏ ଗାଡି ଧକ୍କାରେ ରବିବାର ରାତି ପ୍ରାୟ ୮ଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶିପାଲି ଗ୍ରାମର ଲେକରୁ ପଧାନ(୬୮)। ମିଳିଥିବା ସୂଚନା ମୁତାବକ, ବଲିଚିଖ୍ରା ଛକରୁ ଲେକରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ହେଲେ ରାମପୁରରୁ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ବିଶିପାଲି ରାସ୍ତା ବୁଲାଣିଛକରେ ସାଇକେଲକୁ ଧକ୍କା ଦେଇ ଫେରାର ହୋଇଥିଲା। ଫଳରେ ଲେକରୁ ରାସ୍ତାରେ ଛିଟିକି ପଡି ମୁଣ୍ଡରେ ଗଭୀର ଆହାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଚିହ୍ନଟ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବରପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରପାଲି ଥାନା ପୋଲିସ ଡାକ୍ତରଖାନା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୋମବାର ସକାଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବରପାଲି ଥାନା ପୋଲିସ ଏକ ମାମଲା(ନଂ.୧୯/୨୦) ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଭାଇଚାରା, ଏକତା ବଜାୟ ରଖ



ଅଖିଳ ଭାରତୀୟ ଗଣ୍ଡୱାନା ଗଣ୍ଡ ମହାସଭାରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

ନାକଟିଦେଉଳ,୨୦।୧(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ମିନି ଷ୍ଟାଡ଼ିୟମଠାରେ ଦୁଇ ଦିନିଆ ଅଖିଳ ଭାରତୀୟ ଗଣ୍ଡୱାନା ଗଣ୍ଡ ମହାସଭା ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସଭାପତି ମହେନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହାସଭାର ତୀତିନୀତି ଏବଂ ସାମାଜିକ ସଂଗଠନ ଉପରେ ବକ୍ତବ୍ୟ ରଖିଥିଲେ। ମହାସଭାର ସମ୍ବଲପୁର ଜିଲା ସଭାପତି ସନ୍ତୋଷ କୁମାର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ କୁମାର ସାଏ ଯୋଗଦେଇ ଗଣ୍ଡ ସମାଜର ଐତିହ୍ୟ, ସାଂସ୍କୃତିକ ପରମ୍ପରା ଏବଂ ରୀତିନୀତି ସଂପର୍କରେ ଆଲୋଚନା କରି ସମାଜରୁ କୁସଂସ୍କାର ଦୂର ଓ ନିଜର ସନ୍ତାନ ମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ଗଢିତୋଳିବା ଦିଗରେ ମାତୃ ସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଶା ପ୍ରସାସନିକ ସେବା ଅଧିକାରୀ ବିରଞ୍ଚି ନାରାୟଣ ନାଏକ ଯୋଗଦେଇ ଗଣ୍ଡ ସମାଜର ପାରମ୍ପାରୀକ ରୀତିନୀତି, ଶିକ୍ଷା ବ୍ୟବସ୍ଥା ସହ ସେମାନଙ୍କ ଅଧିକାର ଏବଂ ସମାଜର ନୀତିନିୟମ ସମ୍ପର୍କରେ ଆଲୋକପାତ କରି ସାମାଜର ନୀତି ଆଦର୍ଶକୁ ଦୃଢତାର ସହ ପ୍ରତିପାଦିତ କରି ରାଜାମହାରାଜାଙ୍କ ଅମଳରେ ଗଣ୍ଡ ସମାଜର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରରେ ସମ୍ମାନୀତ ଅତିଥି ଭାବେ ଦେବଗଡ଼ ରାଣୀ ଅରୁନ୍ଧତୀ ଦେବୀ, ମହାସଭାର ରାଜ୍ୟ ସଂପାଦକ ପ୍ୟାରୀ ମୋହନ ନାୟକ, ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସୁକାନ୍ତି ବାଳା ନାୟକ, ଉପସଭାପତି ଦୀପ୍ତିମୟୀ ମହାପାତ୍ର, ଦେବଗଡ଼ ଜିଲା ସଭାପତି ଦିବାକର ପାତ୍ର, ଝାରସୁଗୁଡ଼ା ମହାସଚିବ ଶ୍ୟାମଲାଲ ନାଏକ, ରାଜ୍ୟ କମିଟିର ମହାସଚିବ ସଦାଶିବ ନାୟକ, ନାକଟିଦେଉଳର ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ ଏବଂ ସରପଞ୍ଚ ଶଙ୍କର୍ଷଣ ବିଶି ପ୍ରମୁଖ ଯୋଗ ଦେଇ ଗଣ୍ଡ ସମାଜର ଜନସାଧାରଣ ନିଜ ଭିତରେ ଏକତା ଓ ଭାଇଚାରର ସଂପର୍କକୁ ଦୃଢୀଭୁତ କରି ଏକ ନିଶାମୁକ୍ତ, ନାରୀ ନିର୍ଯାତନା ମୁକ୍ତ ଏବଂ ଶିକ୍ଷିତ ସମାଜ ଗଠନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ମହାସଭାର ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ ଜଗନ୍ନାଥ ଦେହୁରୀ ଶେଷରେ ଧନ୍ୟ ବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗଣ୍ଡୱାନା ଗଣ୍ଡ ମହାସଭାର ଆରାଧ ଦେବତା ଜଙ୍ଘା ବଡ଼ଦେଓଙ୍କ ପୂଜାର୍ଚ୍ଚନା କରାଯାଇ ନଗର ପରିକ୍ରମା କରାଯିବା ପରେ ସପ୍ତରଙ୍ଗୀ ପତାକା ଉତ୍ତୋଳନ କରାଯାଇଥିଲା।

## ରେଙ୍ଗାଲି ବ୍ଲକ ଶିକ୍ଷକ ସଂଘ ସମ୍ମିଳନୀ

ରେଙ୍ଗାଲି, ୨୦।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ଶିକ୍ଷକ ସଂଘର ଦ୍ୱାଦଶ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ସଂଘର ସଭାପତି ରବିଚନ୍ଦ୍ର ଗରଡିଆଙ୍କ ସଭାପତିତ୍ୱରେ ରେଙ୍ଗାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗଙ୍ଗାଧର ମେହେର କଲେଜର ପୂର୍ବତନ ଭାଇସ ପ୍ରିନ୍ସିପାଲ ସୁରୁବାବୁ ମେହେର ମୁଖ୍ୟବକ୍ତା, ରେଙ୍ଗାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆ, ପୂର୍ବତନ ବିଧାୟକ ରମେଶ ପଟୁଆ, ଧ୍ରୁବଚରଣ ପରିଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ସଂଘର ସମ୍ପାଦକ ଗଣେଶ୍ୱର ଶ୍ରୀଚନ୍ଦନ ବିବରଣୀ ପାଠ କରିଥିବା ବେଳେ ସାବିତ୍ରୀ ପୁରୋହିତ ଏବଂ ରତ୍ନପ୍ରଭା ମାହାଣା ବିଭିନ୍ନ ଦାୟିତ୍ୱ ନିଭାଇଥିଲେ। ଶିକ୍ଷକ ଭୋଜରାଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ତଥା ଗୀତିକାର ପର୍ଶୁରାମ ନାଥଙ୍କୁ ସମ୍ମାନୀତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ହିମାଂଶୁ ସାହୁ, ମହାବୀର ପଟୁଆ, ଲକ୍ଷ୍ମଣ ବାରିକ, ପିତାମ୍ବର ପଧାନ, ବସନ୍ତ ରାଉତ, ଟିକେଶ୍ୱର ସାହୁ, ଅଶୋକ ମାହାଣା ପ୍ରମୁଖ ସହଯୋଗ କରିଥିଲେ।




ରେଙ୍ଗାଲି ବ୍ଲକ ଶିକ୍ଷକ ସଂଘ ସମ୍ମିଳନୀରେ ମଞ୍ଚାସୀନ ଅତିଥି।



ଦନ୍ତାମୁରା ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟନ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଅତିଥି।

## ଦନ୍ତାମୁରା ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ରେଙ୍ଗାଲି, ୨୦।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦନ୍ତାମୁରା ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହକୁ ସୋମବାର ଖିଣ୍ଡା ସରପଞ୍ଚ ନିଳାବତୀ ଓରାମ ଉଦ୍‌ଘାଟନ କରିଛନ୍ତି । ଚତୁର୍ଦ୍ଦଶ କେନ୍ଦ୍ରୀୟ ଅର୍ଥ କମିଶନଙ୍କ ୨୦୧୯-୨୦ ଆର୍ଥିକ ବର୍ଷରେ ୧ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନରେ ଏହି ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି । ଏହି ଉଦଘାଟନୀ ଉତ୍ସବରେ ସ୍କୁଲ କମିଟିର ସଭାପତି ରାଜେଶ ସା, ପ୍ରଧାନ ଶିକ୍ଷୟିତ୍ରୀ ସୈରେନ୍ଦ୍ରୀ ବାଗ, ସୁଦର୍ଶନ ରାଉତ, ମାତୃଭୂମୀ ସଂଗଠନର ସଭାପତି ହେମନ୍ତ ପାଣ୍ଡେ, କାର୍ଯ୍ୟକାରୀ ସଭାପତି ପିତାମ୍ବର ବିଶ୍ୱାଳ, ବିଜୟ କୁମାର ଭୋଇ, ଗୁରୁଦେବ ସାହୁ, ଅଜୟ କୁମାର ନାଥ, ଶଶୀଭୂଷଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ

ସମ୍ବଲପୁର, ୨୦।୧ (ବ୍ୟୁରୋ)

ସମ୍ବଲପୁର ଲାୟନ୍ସ କ୍ଲବ ଓ ସିଲ୍କ ପକ୍ଷରୁ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭତରା ଦୁର୍ଗା ମଣ୍ଡପଠାରେ ସମ୍ବଲପୁର ଲାୟନ୍ସ କ୍ଲବ କର୍ମକର୍ତ୍ତାମାନେ ୧୦ କେଜି ଚାଉଳ ଥିବା ୨୫୧ଟି ପ୍ୟାକେଟ ଅଞ୍ଚଳବାସୀଙ୍କୁ ପ୍ରଦାନ କରିଥିଲେ । ସୁନୀଲ ମସଣ୍ଡ, ମହେଶ ସିଂହାନିଆଁ, ସିଦ୍ଧେଶ ଅଗ୍ରୱାଲ, ମହେଶ ଅଗ୍ରୱାଲ, ସଞ୍ଜୟ ଗୁପ୍ତା, ଦେବେନ୍ଦ୍ର କୁମାର ଲାଠ, ଓମ୍‌ପ୍ରକାଶ ଶାହା, ସନ୍ତୋଷ ଶର୍ମା, ମନୋଜ ଖେମକା, ଗୋପାଳ ନାରୋଲିଆ, ରାଜେଶ ଗର୍ଗ, ରାଜୁ ମୋଦି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ଲାୟନ୍ସ କ୍ଲବ ସମ୍ବଲପୁର ସିଲ୍କ କର୍ମକର୍ତ୍ତା ଦୁର୍ଗାପାଲିରେ ୫୦ ପ୍ୟାକେଟ ପ୍ରଦାନ କରିଥିଲେ । ସଭାନେତ୍ରୀ ଆଶା ଲାଠ, ସମ୍ପାଦିକା ମୁନମୁନ ସୌଦାଗର, କୋଷାଧକ୍ଷା ମୋନିଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସମ୍ବଲପୁର ଲାୟନ୍ସ କ୍ଲବ ସିଲ୍କ ପକ୍ଷରୁ ଦୁର୍ଗାପାଲିଠାରେ ଚାଉଳ ବଣ୍ଟନ କରାଯାଉଛି ।

## ହୀରାକୁଦରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ହୀରାକୁଦ, ୨୦।୧ (ଡି.ଏନ.ଏ.)

ହୀରାକୁଦରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା ସୋମବାର ୫ମ ଦିନରେ ପହଞ୍ଚିଛି। ବଜାର, ବ୍ୟାଙ୍କ ଇତ୍ୟାଦି ଆଦି ବନ୍ଦ କରାଯାଇ ଆନ୍ଦୋଳନକୁ ଜୋରଦାର କରାଯାଇଛି। ରବିବାର ଅପରାହ୍ନରେ ଡେପୁଟି କମିଶନର ଏଞ୍ଜେଲିନା ପ୍ରଧାନ ଧର୍ମଘଟ ସ୍ଥଳକୁ ଆସିଥିଲେ । ଜିଲାପାଳ ଶୁଭମ ସକସେନା ମୁଖ୍ୟାଳୟରେ ନ ଥିବାରୁ ସୋମବାର ସୁଦ୍ଧା ଜିଲାପାଳଙ୍କ ଅନୁମତି ନେଇ ସବୁ ଦାବି ପୂରଣ କରାଯିବ ବୋଲି କହିଥିଲେ ।

ଠିକା ସଫେଇ କର୍ମଚାରୀମାନେ ୨ବର୍ଷ ହେଲା ଦରମା ନିୟମିତ ଭାବେ ପାଉନାହାନ୍ତି । ଠିକାସଂସ୍ଥାର ମାଲିକ ଶାସକ ଦଳର ଜଣେ ନେତା। ଏଣୁ ମହାନଗର ନିଗମ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ପ୍ରତିମାସରେ ପିଏଫ୍ ବାବଦରେ ସଫେଇ କର୍ମଚାରୀଙ୍କଠାରୁ ଦେୟ କାଟୁଛି। ହେଲେ ଠିକାସଂସ୍ଥା ନିଜର ସେୟାର ଜମା କରୁନି। ଏଣୁ କର୍ମଚାରୀମାନେ ଏହାର ବିରୋଧ କରି ଡେପୁଟି କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଇଏସ୍‌ଆଇ ଦେୟ ଠିକାଦାର କାଟି ରଖୁଛନ୍ତି। ହେଲେ ସେମାନଙ୍କୁ ସାମାନ୍ୟତମ ଇଏସଆଇ ସୁବିଧା ଯୋଗାଇ ଦିଆଯାଉ ନାହିଁ । ଦରମାର ସ୍ଲିପ୍ ମିଳୁନି। ଏଣୁ ସେମାନେ ତାଙ୍କର ଦରମା ଏବଂ କେଉଁ ବାବଦରେ କେତେ ଅର୍ଥ କଟାଯାଉଛି ତାହା ଜାଣି ପାରୁନାହାନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ଶ୍ରମିକମାନଙ୍କ ଉନ୍ନତି ପାଇଁ ବିଭିନ୍ନ ସ୍ଲୋଗାନ ଦେଉଛନ୍ତି। ହେଲେ ସରକାରୀ ନୀତି ନିୟମକୁ ବେଖାତିର କରି ନିମ୍ନତମ ମଜୁରୀ, ଇଏସ୍‌ଆଇ, ପିଏଫ ଇତ୍ୟାଦିକୁ ବେଖାତିର କରାଯାଉଛି। ରାଜନୈତିକ ପଶାପାଲିରେ ଶ୍ରମିକମାନେ ପେଶି ହେଉଛନ୍ତି। ସମ୍ବଲପୁର ମହାନଗର ନିଗମରେ ସଫେଇ ବ୍ୟବସ୍ଥା ଠପ୍ ହୋଇପଡିଛି।

## ଶିଶୁ ଶିକ୍ଷା କାର୍ଯ୍ୟକ୍ରମର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ରେଙ୍ଗାଲିଠାରେ ଶିଶୁ ଶିକ୍ଷା କାର୍ଯ୍ୟକ୍ରମ ପ୍ରୟାସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଅତିଥି ଓ କର୍ମକର୍ତ୍ତା ।

ସମ୍ବଲପୁର, ୨୦।୧ (ବ୍ୟୁରୋ)

ଶିଶୁ ଶିକ୍ଷା କାର୍ଯ୍ୟକ୍ରମ ପ୍ରୟାସର ନୂତନ କାର୍ଯ୍ୟାଳୟ ରେଙ୍ଗାଲିଠାରେ ଉଦ୍‌ଘାଟିତ ହୋଇଯାଇଛି। ଓମ୍ ପ୍ରକାଶ ଶର୍ମାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ରେଙ୍ଗାଲି ବ୍ଲକ ଶିକ୍ଷା ଅଧିକାରୀ ଅଶ୍ୱିନୀ କୁମାର ରାଉତ, ଅତିରିକ୍ତ ଶିକ୍ଷା ଅଧିକାରୀ ଦୁଷ୍ମନ୍ତ ମିଶ୍ର, ସୁବିତ ଦାସ, ପଦ୍ମାସିନୀ ଓରାମ, ବିକାଶ ଗୁପ୍ତା, ପୁଷ୍ପାଞ୍ଜଳି ମାଝି, ନାରାୟଣ ମାଝି, କୈଳାସ ଭୋଇ, ମାନସ କୁମାର ସୁନାନୀ, ଜିତେଶ ପ୍ରଧାନ ଓ ଶିବା ବେହେରା ଯୋଗ ଦେଇଥିଲେ ।

## ପ୍ରଶାସନ କାମ ଶିକ୍ଷକ, ଛାତ୍ରୀଛାତ୍ର କଲେ

କୁଚିଣ୍ଡା, ୨୦।୧ (ଡି.ଏନ.ଏ.)

କୁଚିଣ୍ଡା ରାଜୀବ ଗାନ୍ଧୀ ଛକ ତଥା କଂଗ୍ରେସ ଭବନ ଆଗ ଛକରେ ଲୁହାପଥର, କୋଇଲା ବୋଝେଇ ବଡ ବଡ ଭାରିଯାନ ଚଳାଚଳ ହେତୁ ରାସ୍ତାରୁ ପିଚୁ ଓ ମେଟାଲ ଉଠି ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ବହୁ ଦିନରୁ ପଡିରହିଥିଲା । ଏହାଫଳରେ ବର୍ଷା ପାଣି ଜମି ପଥଚାରୀଙ୍କ ଉପରେ ଛିଟୁକୁଥିଲା। ବିଭିନ୍ନ ସମୟରେ ଖାଲଖମା ଯୋଗୁ ଦୁର୍ଘଟଣା ଲାଗି ରହିଥିଲା । ଏହାକୁ ରାଜପଥ ବିଭାଗ କିମ୍ବା କୁଚିଣ୍ଡା ପ୍ରଶାସନ ଦେଖି ମଧ କିଛି ନ କରିବାରୁ ଶ୍ରୀ ଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃ ମୀରାଧାମର ଅଧକ୍ଷ ମନୋଜ କୁମାର ପଣ୍ଡା ଅନ୍ୟ ଶିକ୍ଷକ, ଛାତ୍ରୀଛାତ୍ର, କର୍ମଚାରୀ ମିଶି ମୋରମ ଆଣି ଖାଲଖମା ଭର୍ତ୍ତି କରି ରାସ୍ତା ସମତୁଲ କରିଛନ୍ତି।

## ଶହୀଦ ରଞ୍ଜନ ସାହୁଙ୍କ ଘରେ ସିଆରପିଏଫ ଅଧିକାରୀ

ରେଢାଖୋଲ, ୨୦।୧(ଡି.ଏନ.ଏ.)

ରେଢାଖୋଲର ଶହୀଦ ରଞ୍ଜନ ସାହୁଙ୍କ ପରିବାର ବର୍ଗଙ୍କୁ ସୋମବାର ସମ୍ବଲପୁର ସିଆରପିଏଫ ଗ୍ରୁପକେନ୍ଦ୍ରର ଏକ ପ୍ରତିନିଧି ଦଳ ତାଙ୍କ ଦେହୁରୀସାହିସ୍ଥିତ ବାସଭବନକୁ ଯାଇ ଭେଟିଛନ୍ତି। ଶହୀଦଙ୍କ ପରିବାରବର୍ଗ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ପାଇଛନ୍ତି ନା ନାହିଁ ସେ ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ସରକାର ଏ ପର୍ଯ୍ୟନ୍ତ ଘରଡିହ ପଟ୍ଟା ଓ ଜମି ଦେଇ ନାହାନ୍ତି ବୋଲି ରଞ୍ଜନଙ୍କ ସ୍ତ୍ରୀ ଦୀପ୍ତିମୟୀ ସାହୁ ଜଣାଇଥିଲେ। ତେବେ ରଞ୍ଜନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ସ୍ତ୍ରୀ ଦୀପ୍ତିମୟୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ଏହି ଅଧିକାରୀମାନେ ସମ୍ମାନିତ କରିଥିଛନ୍ତି। ସିଆରପିଏଫ ଗ୍ରୁପ କେନ୍ଦ୍ରର ଡିଆଇଜିପି ରାଜ କୁମାର, କମାଣ୍ଡାଣ୍ଟ ଅଚ୍ୟୁତାନନ୍ଦ ବସ୍ତିଆ, ହଳଧର ଦାସ, ମଧୁସୂଦନ ବେହେରା, ରେଢାଖୋଲ ଥାନାର ଏଏସଆଇ ସୌମ୍ୟରଞ୍ଜନ ମହାଲିକ ପ୍ରମୁଖ ତାଙ୍କ ଘରକୁ ଯାଇଥିଲେ। ଶହୀଦ ରଞ୍ଜନ ସାହୁ ୨୦୧୦ ଜୁନ ୨୧ରେ ଛତିଶଗଡ ନାରାୟଣପୁରରେ ନକ୍ସଲଙ୍କ ଗୁଳିରେ ପ୍ରାଣ ହରାଇଥିଲେ।



ଶହୀଦ ରଞ୍ଜନ ସାହୁଙ୍କ ଘରେ ସିଆରପିଏଫ ପ୍ରତିନିଧି ଦଳ।

## ଆମ୍ବୁଲାନ୍ସ ଡ୍ରାଇଭର ସମେତ ୩ ଗୁରୁତର

ପୁରୁଣାକଟକ,୨୦।୧(ଡି.ଏନ୍.ଏ.):

ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅଧୀନ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଡିଗ୍‌ସିରା ନିକଟରେ ସୋମବାର ଏକ ଆମ୍ବୁଲାନ୍ସ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଡ୍ରାଇଭଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ହେଲେ ଗାଡିରେ ଥିବା ୧୧ମାସର ଶିଶୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଲକ୍ଷ୍ମଣପୁର ଗ୍ରାମର ନରୋତ୍ତମ ବିଶ୍ୱାଳ(୪୦) ଏବଂ ତାଙ୍କ ସ୍ତ୍ରୀ ସୁମତୀ ପ୍ରଧାନ(୩୧) ତାଙ୍କ ୧୧ ମାସର ଶିଶୁକୁ ଝାଡ଼ା ହେଉଥିବାରୁ ଚିକିତ୍ସା ପାଇଁ ଏକ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲ ଆସୁଥିଲେ। ହେଲେ ଚାରିଛକ-ପୁରୁଣାକଟ ରାସ୍ତାର ଡିଗସିରା କେନାଲ ନିକଟରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ଆମ୍ବୁଲାନ୍ସ ଡ୍ରାଇଭର ଅଜୟ ମହାନନ୍ଦିଆ(୨୫), ନରୋତ୍ତମ ଏବଂ ସୁମତୀ ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ପୁରୁଣାକଟକ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

## କଲେଜ ଛାତ୍ରୀଛାତ୍ରଙ୍କୁ ଜୀବିକା ଉପଦେଶ

କୁଚିଣ୍ଡା,୨୦।୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ କୁନ୍ତରାସ୍ଥିତ ଗୋକୁଳ ପାର୍ବତୀ କଲେଜରେ କ୍ୟାରିୟର କାଉନସିଲିଂ ସଭା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏନଆଇଆଇଟି ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ସୁରଜ ନାୟକ, ଗୋଛରା ଷ୍ଟେଟ ବ୍ୟାଙ୍କ ତରଫରୁ ସମ୍ବଲପୁର ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଯୁଗଳ କିଶୋର ଶତପଥୀ, ପୂର୍ଣ୍ଣଚନ୍ଦ୍ର ପୁରୋହିତ ଯୋଗଦେଇ ବକ୍ତବ୍ୟ ରଖିଥିଲେ।



କୁନ୍ତରାସ୍ଥିତ ଗୋକୁଳ ପାର୍ବତୀ କଲେଜରେ କ୍ୟାରିୟର କାଉନସିଲିଂ ସଭାରେ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଆଜି ମା' ସମଲେଇଙ୍କୁ ଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୨୦ା୧(ବ୍ୟୁରୋ): ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା' ସମଲେଇଙ୍କ ଦର୍ଶନ କରିବେ। ଭୁବନେଶ୍ୱର ବିମାନ ବନ୍ଦରରୁ ବିମାନରେ ବାହାରି ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ପୂର୍ବାହ୍ନ ୧୧ଟା ୧୫ରେ ପହଞ୍ଚିବେ। ଏଠାରୁ ହେଲିକପ୍ଟରରେ ବରଗଡ଼ ଯିବେ। ସେଠାରୁ ଫେରି ସମ୍ବଲପୁର ମନ୍ଦଲିଆ ପଡିଆରେ ଅପରାହ୍ନ ୧.୨୫ରେ ପହଞ୍ଚିବା ପରେ କାର ଯୋଗେ ସମଲେଇ ମନ୍ଦିର ଯାଇ ମା'ଙ୍କ ଦଶନ କରିବେ। ସମଲେଇ ମନ୍ଦିର ପରିସରରେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ପୁଣି ମନ୍ଦଲିଆ ଯାଇ ହେଲିକପ୍ଟରରେ ଜମାଦାର ଏୟାରଷ୍ଟ୍ରିପ ପହଞ୍ଚି ଭୁବନେଶ୍ୱର ଅଭିମୁଖେ ବିମାନରେ ଯାତ୍ରା କରିବେ।

### ନିଆଁ ଲାଗି ୨ ବଖରା ଜଳିଗଲା

ସମ୍ବଲପୁର,୨୦ା୧(ବ୍ୟୁରୋ): ସମ୍ବଲପୁର ବଡବଜାରସ୍ଥିତ କେଶବ ମିତ୍ରଙ୍କ ଘରେ ନିଆଁ ଲାଗି ୨ ବଖରା ପୋଡି ଯାଇଛି। ଘର ଭିତରେ ଥିବା କୁଲର, ଫ୍ୟାନ୍, ଟିଭି ସହ ଅନ୍ୟାନ୍ୟ ଜିନିଷ ପୋଡି ଯାଇଛି । ୨ଟି ଦମକଳ ପହଞ୍ଚି ନିଆଁ ଲିଭାଇଥିଲା। ପ୍ରାୟ ୮୦ ହଜାର ଟଙ୍କାର ଜିନିଷ ନଷ୍ଟ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଶର୍ଟସର୍କିଟ ଯୋଗୁ ଏଭଳି ହୋଇଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛି।

### ଧମା ସ୍କୁଲରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା

ସମ୍ବଲପୁର, ୨୦ା୧ (ବ୍ୟୁରୋ): ଓଡିଶା ସାଂସ୍କୃତିକ ସମାଜ ସୁବର୍ଣ୍ଣଜୟନ୍ତୀ ବର୍ଷ ପାଳନ ଉପଲକ୍ଷେ ଆମ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଶୀର୍ଷକ ପ୍ରଶ୍ନଉତ୍ତର ପ୍ରତିଯୋଗିତା ଧମାସ୍ଥିତ ମଥୁରାପ୍ରସାଦ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଏହି ସଭା ବସିଥିଲା । ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି, ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତା, ସମ୍ପାଦକ ସରୋଜ କୁମାର ଦାଶ, ସଭ୍ୟ ଅଶୋକ କୁମାର ମିଶ୍ର ଯୋଗ ଦେଇଥିଲେ। ସାଂସ୍କୃତିକ ସମାଜ ପରିବେଶ ଉପସମିତି ଆବାହକ ସତ୍ୟନାରାୟଣ ଠାକୁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଶିକ୍ଷା ଓ ପାଠାଗାର ଉପସମିତି ଆବାହକ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ରାଜନାରାୟଣ ହୋତା, ସ୍ୱସ୍ତିସ୍ୱାଗତିକା ମିଶ୍ର, ଦମୟନ୍ତୀ ଭୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ନିର୍ବାଚନ

ସମ୍ବଲପୁର, ୨୦ା୧ (ବ୍ୟୁରୋ): ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ସମ୍ବଲପୁର ମଣ୍ଡଳ ଓ ପୂର୍ବ ମଣ୍ଡଳର ସମ୍ପାଦକ ପଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଦ୍ୟୁତ ମଣ୍ଡଳ ସମ୍ପାଦକ ଭାବେ ଦିବ୍ୟଲୋଚନ ସାହୁ ଓ ସମ୍ବଲପୁର ପୂର୍ବ ବିଦ୍ୟୁତ ମଣ୍ଡଳ ସମ୍ପାଦକ ଭାବେ ସୁଶୀଲ ସେଠ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ସଂଘର ବୈଠକ ହୋଇଥିଲା । ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା, ଘରୋଇକରଣକୁ ଦୃଢ଼ ବିରୋଧ କରାଯିବା, ୱେଷ୍କୋ କର୍ତ୍ତୃପକ୍ଷ ସବୁବେଳେ କର୍ମଚାରୀ ଓ ଶ୍ରମିକଙ୍କ ଦାବୀ ଉପରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ତେଣୁ ଆଗାମୀ ଦିନରେ ଏ ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି । ସଂଘ ସାଧାରଣ ସମ୍ପାଦକ ପ୍ରଣୟ କୁମାର ନାୟକ ଓ ସଭାପତି ଲଳିତ କୁମାର ପଟ୍ଟନାୟକ ଏ ନେଇ ସୂଚୀତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପତୁଲ ମାହାନା, ଅଜୟ ମହାପାତ୍ର, ମାନସ ପାଲ, ତାପସ ନାଥ, ସତ୍ୟଜିତ ପରିଡା, ସୁରେନ୍ଦ୍ର ସ୍ୱାଇଁ, ଅନୀଲ ଦାଶ, ଅଶୋକ ପ୍ରଧାନ, ପଦ୍ମଲୋଚନ ସାହୁ, ରଞ୍ଜିତ ମହାପାତ୍ର ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

### ଜିଏମ୍‌ୟୁରେ ଜାତୀୟ କର୍ମଶାଳା

ସମ୍ବଲପୁର, ୨୦ା୧ (ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ କର୍ମଶାଳା ଅଧାପନା ପ୍ରକୋଷ୍ଠ-୧ରେ ଅନୁଷ୍ଠିତ ହୋଇଯାଇଛି । ସ୍ନାତକୋତ୍ତର ପରିଷଦ ଅଧକ୍ଷ ଡ. ସଦନ କୁମାର ପଲଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । କର୍ମଶାଳା ସଂଯୋଜିକା ଡ. ରାଜଶ୍ରୀ ବରାଲ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପକୁଳସଚିବ ଉମାଚରଣ ପତି ସ୍ୱାଗତ ଭାଷଣ ଦେଇଥିଲେ । ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ରମାକାନ୍ତ ମହାଲିଙ୍ଗ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ଡ. ହରିହର ଷଡଙ୍ଗୀ, କୁଳସଚିବ ଗିରିଶ ଚନ୍ଦ୍ର ସିଂ ବକ୍ତବ୍ୟ ପ୍ରଦାନ କରିଥିଲେ । ଡ. ମହେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ବିଦ୍ୟାଳୟକୁ ଜଙ୍ଗଲ ଜମି କଣ୍ଟା

**ରେଢାଖୋଲରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି**

ରେଢାଖୋଲ,୨୦ା୧(ଡି.ଏନ.ଏ.)

ରେଢାଖୋଲ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସୋମବାର ସମ୍ବଲପୁର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ଅନୁଷ୍ଠିତ ହୋଇଛି। ସମୁଦାୟ ୨୫ଟି ଅଭିଯୋଗରୁ ୭ଟି ଗୋଷ୍ଠୀଗତ ଓ ୧୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ତେବେ ରେଢାଖୋଲରେ ଆଦର୍ଶ ବିଦ୍ୟାଳୟର କୋଠା ନିର୍ମାଣ ପାଇଁ ପ୍ରାୟ ଏକ ବର୍ଷ ହେବ ଟେଣ୍ଡର କରାଯାଇଛି। ହେଲେ ଯେଉଁଠି କୋଠା ତିଆରି ହେବ ତାହା କୁଆଡେ ଜଙ୍ଗଲ ଜମି ବୋଲି ବନ ବିଭାଗ ଦବୀ କରୁଛଇ। ଏଣୁ ଏହି କାମରେ ବନ ବିଭାଗ ପ୍ରତିବନ୍ଧକ ସାଜିଛି। ପ୍ରଶାସନ ମଧ୍ୟ ଚୁପ୍ ହୋଇ ବସିଛି ବୋଲି ନାଗରିକ କମିଟି ଅଭିଯୋଗ କରିଛି। ତେବେ ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରେଢାଖୋଲରେ ପ୍ରାୟ ଏକ ମାସ ହେବ ଏଟିଏମ ଚାଲୁ ନ ଥିବାରୁ ଉପଭୋକ୍ତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ବଲପୁର-ଅନୁଗୋଳ ୪ ଥାକିଆ ରାସ୍ତା ନିର୍ମାଣରେ ରେଢାଖୋଲଠାରୁ ଚାରମାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ନେଇ ନାଗରିକ କମିଟି ଜିଲାପାଳଙ୍କୁ ଅଭିଯୋଗ କରିଛି। ଏହି ଅଭିଯୋଗ ଉପରେ ବ୍ୟାଙ୍କ ଓ ଏନଏଚଏଆଇକୁ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି କନୱର ବିଶାଲ ସିଂ, ଡିଏଫଓ ସଂଗ୍ରାମ କେଶରୀ ବେହେରା, ଉପଜିଲାପାଳ ଡୋଳାମଣି ପଟେଲ, ସିଡିଏମଓ ଡା. ଶଶିଭୂଷଣ ପଟେଲ, ବିଡିଓ ପରିକ୍ଷିତ ସାହୁ, ତହସିଲଦାର ରୁବି ବେହେରାଙ୍କ ସମେତ ଜିଲା ଓ ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବଂଶାଜାଲସ୍ଥିତ ଅଳସୁଆ ବାବା ଉଚ୍ଚ ବିଦ୍ୟାଳୟରେ ଜିଲା ରେଡ୍‌କ୍ରସ୍ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରରେ ୨୩୯ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଡା. ପ୍ରୀତି ଶର୍ମା, ଡା.ପ୍ରଶାନ୍ତ କୁମାର ଛଞ୍ଆଣ, ସନ୍ତୋଷ କୁମାର ଶର୍ମା ପ୍ରମୁଖ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବଂଶାଜାଲ ସରପଞ୍ଚ କସ୍ତୁରୀ ପ୍ରଦାନଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା।




ରେଢ଼ାଖୋଲରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀ।



ସମ୍ବଲପୁର ନାରୀସେବା ସଦନ ପରିସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ।

# ନାରୀ ସେବା ସଦନରେ ମାଗଣା ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୨୦ା୧(ବ୍ୟୁରୋ)

ସମ୍ବଲପୁର ନାରୀ ସେବା ସଦନ ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ନାରୀ ସେବା ସଂଘ ପକ୍ଷରୁ ଆୟୋଜିତ ଏହି ଶିବିରରେ ଡାକ୍ତର ପ୍ରକାଶ ପରିଡା, ଡାକ୍ତର ତନୁଜ ମିଶ୍ର, ଡାକ୍ତର ମୁକେଶ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । ୩ ଶହରୁ ଅଧିକ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଆବଶ୍ୟକ ଅନୁସାରେ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରକୁ ସଭାନେତ୍ରୀ ରାଜେଶ୍ୱରୀ ଜେନଙ୍କ ସମେତ ସମସ୍ତ ନାରୀନେତ୍ରୀମାନେ ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଭବନରେ ପୁସ୍ତକ ଉନ୍ମୋଚନ ଉତ୍ସବ

ସମ୍ବଲପୁର, ୨୦ା୧ (ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସୋମବାର ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୁକ୍ତକଣ୍ଠ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଫେସର ଦଧିବାମନ ମିଶ୍ର ମୁଖ୍ୟଅତିଥି, ପ୍ରଫେସର ସୁଦର୍ଶନ ପୂଜାରୀ ଓ ସାହିତ୍ୟିକ ଧନପତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୀପକ ପଣ୍ଡାଙ୍କ ରଚିତ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ, ହୀରାଖଣ୍ଡର ରାଜସିଂହାସନ, ବେଜବରୁଆ ଓ ସମ୍ବଲପୁର ଏବଂ କବି ଦେବାର୍ଚ୍ଚନ ଠାକୁରଙ୍କ ସମ୍ପାଦିତ ଗଳ୍ପ ସଂକଳନ ଦିନ୍ ଜାଇସି କଥା ରହେସି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ମୋହନ ସାହୁ, କବି ସୌଭାଗ୍ୟବନ୍ତ ମହାରଣା, କବି ବିପିନ ଆଚାର୍ଯ୍ୟ, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ।




ସୋମବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ସଡ଼କ ସୁରକ୍ଷା ନିୟମ ଉପରେ ସଚେତନ ହେଲେ ଛାତ୍ରୀଛାତ୍ର

ରେଢାଖୋଲ,୨୦ା୧(ଡି.ଏନ.ଏ.)

ରେଢାଖୋଲ ଭୀମ ଭୋଇ କଲେଜରେ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ସଂକ୍ରାନ୍ତରେ ସୋମବାର ସଚେତନତା କରାଯାଇଛି। ଅଧ୍ୟକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂ ଅଧ୍ୟକ୍ଷତା କରିଥିଲେ। ଥାନା ଅଧିକାରୀ ପ୍ରଶାନ୍ତ ସାମଲ, ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ପ୍ରମୁଖ ଯୋଗ ଦେଇ ଦୁର୍ଘଟଣାର କାରଣ ଓ ଏହାର ନିରାକରଣ ସହିତ ଟ୍ରାଫିକ ନିୟମ ଉପରେ ସଚେତନ କରିଥିଲେ। ଅଧାପକ ଅଞ୍ଜନ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ବିରଞ୍ଚି ଖଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ପଦ୍ମଜା ସିହ୍ନା, ମମତା ମହାପାତ୍ର, ଅଧାପକ ଅକ୍ଷୟ କର, ଅରୁଣ ଶାସନୀଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ଅରୁନ୍ଧତୀ ସାଂସ୍କୃତିକ ସମାରୋହ

ସମ୍ବଲପୁର, ୨୦ା୧ (ବ୍ୟୁରୋ)

ନବମ ରାଜ୍ୟସ୍ତରୀୟ ଅରୁନ୍ଧତୀ ସାଂସ୍କୃତିକ ସମାରୋହ ଏମ୍‌ସିଏଲ୍ ଆନନ୍ଦବିହାରସ୍ଥିତ ନିଶିଗନ୍ଧା ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଅର୍କକେଶରୀ ଦାସ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଣ୍ଠଶିଳ୍ପୀ ଗୋପାଳ ଚନ୍ଦ୍ର ପଣ୍ଡା, କଳା ସଂଗଠକ ହେମନ୍ତ କୁମାର ମହାପାତ୍ର, ଘୋଡା ନାଚ ଶିଳ୍ପୀ ଉଦ୍ଧବ ଚରଣ ଦାଶ, ବେହେଲା ବାଦକ ରମେଶ ଚନ୍ଦ୍ର ଦାଶ, ମଞ୍ଚ ଅଭିନେତା ଜଗଦାନନ୍ଦ ଛୁରିଆ ଏବଂ ଯାଜପୁରର ସଂଗୀତ ଶିକ୍ଷା ଓ ଗବେଷଣା ସଂସ୍ଥାକୁ ଅରୁନ୍ଧତୀ ସମ୍ମାନ ସହ କଣ୍ଠଶିଳ୍ପୀ ସ୍ୱରାଜ ଦାଶ ଓ ଅନୁପ ସିଂଙ୍କୁ ଯୁବଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଜବାହାର ମିଶ୍ରଙ୍କ ବଂଶୀ ଓ ରମେଶ ଚନ୍ଦ୍ର ଦାଶଙ୍କ ବେହେଲା ବାଦନ ଉତ୍ସବ ସ୍ଥଳିକୁ ଝଙ୍କୃତ କରିଥିଲା । ସଙ୍ଗୀତା ପଣ୍ଡାଙ୍କ ଟିମ୍ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ। ଅରୁନ୍ଧତୀ କଳା ସଂସଦ ସଭାପତି ଦେବାଶିଷ ମଲ୍ଲିକ ପରିଚାଳନା କରିଥିଲାବେଳେ ସମ୍ପାଦକ ଦେବାନନ୍ଦ ସାମଲ ସଂଯୋଜନା କରିଥିଲେ। ଡ. ପ୍ରେମଚାନ୍ଦ ମହାନ୍ତି ଓ ଡ. ସାଇରଶ୍ମି ଜେନା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗାନ୍ଧୀ ଆର୍ ଆଏଜ୍' ଖୋଲା ବିଚାର କାର୍ଯ୍ୟକ୍ରମ

ସମ୍ବଲପୁର, ୨୦ା୧ (ବ୍ୟୁରୋ)

ଚିନ୍ତା ଓ ଚେତନା ପକ୍ଷରୁ 'ଗାନ୍ଧୀ ଆର୍ ଆଏଜ୍' ଖୋଲା ବିଚାର କାର୍ଯ୍ୟକ୍ରମ ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଡ. ଦିଲୀପ କୁମାର ପଣ୍ଡା ଓ ଶମ୍ଭୁଭୂଷଣ ମିଶ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ସାମାଜିକ କର୍ମୀ, ସାହିତ୍ୟକ, ଶିକ୍ଷାବିତ, କବି, ଗାଳ୍ପିକ, ଖବରଦାତା, ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଚିତ୍ରଶିଳ୍ପୀ ପ୍ରଶାନ୍ତ କୁମାର ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ଆୟୋଜିତ ଖୋଲାବିଚାର କାର୍ଯ୍ୟକ୍ରମରେ ଡ. ଦିଲୀପ କୁମାର ପଣ୍ଡା ଓ ଶଶିଭୂଷଣ ମିଶ୍ର ।

# ବଡ଼ସିଂହାରୀ ଗ୍ରାମବାସୀଙ୍କ ଘରଡ଼ିହ ପଟ୍ଟା ଦାବି

ସମ୍ବଲପୁର,୨୦ା୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ବଡସିଂହାରି ଗ୍ରାମବାସୀ ଘର ଡିହ ପଟ୍ଟା ପ୍ରଦାନ କରିବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସେମାନଙ୍କ ଅଭିଯୋଗ କ୍ରମେ ବହୁ ବର୍ଷ ଧରି ଘର କରି ରହୁଛନ୍ତି। ହେଲେ ପଟ୍ଟାପ୍ରଦାନ କରାଯାଉ ନାହିଁ । ଫଳରେ ସେମାନେ ଅବାସ ଯୋଜନା ସହିତ ସରକାରଙ୍କ ଅନ୍ୟ ଯୋଜନାରେ ଲାଭ ପାଉ ନାହାନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରି ପଟ୍ଟା ପ୍ରଦାନ କରାଯାଉ ବୋଲି ଶ୍ୟାମସୁନ୍ଦର ବାରିକ, ନେତ୍ରମଣୀ ଭଞ୍ଜ, ଭୂବନ କୁମ୍ଭାର, ସୁଲୋଚନା ପାଇକ, ଦଶରଥ ଖମାରୀ, ନୃପ ପାଇକ ପମୁଖ ଦାବି କରିଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବଡସିଂହାରୀ ଗ୍ରାମବାସୀ ।

# ସ୍ପୋର୍ଟିଂ ୟୁନିୟନ, ଆଜାଦ ଯୁବକ ସଂଘ ବିଜୟୀ

**ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ସମ୍ବଲପୁର, ୨୦ା୧ (ବ୍ୟୁରୋ)

ଜିଲାସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ମ୍ୟାଚରେ ସ୍ପୋର୍ଟିଂ ୟୁନିୟନ ଓ ଆଜାଦ ଯୁବକ ସଂଘ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ପ୍ରଥମ ମ୍ୟାଚ ସ୍ପୋର୍ଟିଂ ୟୁନିୟନ ଓ ଆରସିସି ମଧ୍ୟରେ ହୋଇଥିଲା। ଟସ୍ ଜିଣି ସ୍ପୋର୍ଟିଂ ୟୁନିୟନ ପ୍ରଥମେ ବ୍ୟାଟିଂ କରିବାକୁ ଆରସିସିକୁ ଆମନ୍ତ୍ରଣ କରିଥିଲା। ଆରସିସି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା। ଦଳର ଅଭୟ ୨୯ ବଲରେ ୩୦ ଓ ଅମର ଭୋଇ ୨୩ ବଲରେ ୨୩ ରନ କରିଥିଲେ । ସ୍ପୋର୍ଟିଂ ୟୁନିୟନ ବୋଲର ନନ୍ଦି ଖୁରା ୪ ଓଭରରେ ୧୫ ରନ ଦେଇ ୩ଟି ଉଇକେଟ ହାସଲ କରିଥିଲେ। ୯୬ ରନର ବିଜୟ ଲକ୍ଷ୍ୟ ନେଇ ସ୍ପୋର୍ଟିଂ ୟୁନିୟନ ପ୍ରାରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଫଳସ୍ୱରୂପ ୧୦.୫ ଓଭରରେ ୨ଟି ଉଇକେଟ ହରାଇ ୯୬ ରନ ସଂଗ୍ରହ କରି ଦଳ ବିଜୟୀ ହୋଇଥିଲା । ବ୍ୟାଟ୍ସମ୍ୟାନ ନନ୍ଦି ଖୁରା ୨୩ ବଲରେ ୩୬ ଓ କରୁଣାକର ଚନ୍ଦନ ୧୧ ବଲରେ ୨୨ ରନ କରିଥିଲେ । ଆରସିସି ବୋଲର୍ ଗୌରବ ଅଗ୍ରୱାଲ ୨ ଓଭରରେ ୨୬ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ମ୍ୟାଚ ଆଜାଦ ଯୁବକ ସଂଘ ବନାମ ହିଣ୍ଡାଲକୋ ହୀରାକୁଦ ମଧ୍ୟରେ ହୋଇଥିଲା । ଆଜାଦ ଯୁବକ ସଂଘ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲେ। ଦଳର କମଳ ବାହାଦୁର ୬୬ ବଲରେ ଧୂଆଁଧାର ୧୦୧ ରନ କରିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ରୋହିତ ୩୩ ବଲରେ ୩୩ ରନ କରିଥିଲେ। ହିଣ୍ଡାଲକୋ ବୋଲର୍ ସୁବାସ ରେଡ୍ଡି ଓ ସଞ୍ଜୀବ ତିୱାରୀ ୨ଟି ଲେଖାଏଁ ଏବଂ ସୁରେନ୍ଦର୍ ସିଂ ଗୋଟିଏ ଉଇକେଟ ହାସଲ କରିଥିଲେ । ୧୫୫ ରନର ବିଜୟ ଲକ୍ଷ୍ୟ ନେଇ ହିଣ୍ଡାଲ୍‌କୋ ବ୍ୟାଟିଂ କରି ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ କରି ପରାଜୟ ବରଣ କରିଥିଲା। ଅମିତ ପତି ୨୨ ବଲରେ ୨୩ ଓ ଏସ. ଜେନା ୧୯ ବଲରେ ୨୦ ରନ୍ କରିଥିଲେ। ଆଜାଦ ଯୁବକ ସଂଘ ବୋଲର ଅମିତ ନାଗ ୪ ଓଭରରେ ୧୯ ରନ ଦେଇ ୪ଟି ଓ ମହମ୍ମଦ ଜିଲାନି ୪ ଓଭରରେ ୨୬ ରନ ଦେଇ ୩ଟି ଉଇକେଟ ହାସଲ କରିଥିଲେ। ଅମ୍ପାୟାର ଅବିନାଶ ନନ୍ଦ ଓ ମହେଶ ମୁନସୀ ଏବଂ ପ୍ରିୟାଂଶୁ ପତି ମ୍ୟାଚ ପରିଚାଳନା କରିଥିଲେ । ନବୀନ ରାଉଲ ଓ ଯୁଧିଷ୍ଠିର ନାରାୟଣ ସିଂ ସ୍କୋରର ଥିଲେ । ହୀରାକୁଦ କ୍ରୀଡା ସଂଘ ସାଧାରଣ ସମ୍ପାଦକ ପ୍ରତାପ ତାଣ୍ଡି ଓ ପୂର୍ବତନ ରଣଜି ଖେଳାଳି ଭୂପେନ୍ଦର ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।




ଶତକ ହାସଲ କରିଥିବା କମଳ ବାହାଦୁରଙ୍କୁ ସୋମବାର ହୀରାକୁଦ କ୍ରୀଡାସଂଘ ସାଧାରଣ ସମ୍ପାଦକ ପ୍ରତାପ ତାଣ୍ଡି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରୁଛନ୍ତି ।

# ପରମାଣପୁର ଆଞ୍ଚଳିକ ଧନୁଯାତ୍ରା

ସମ୍ବଲପୁର, ୨୦ା୧ (ବ୍ୟୁରୋ)

ସମ୍ବଲପୁର ଜିଲା ପରମାଣପୁର ଆଞ୍ଚଳିକ ଧନୁଯାତ୍ରାର ପଞ୍ଚମ ରଜନୀରେ ଲୋକନୃତ୍ୟ ଓ ଲୋକଗୀତରେ କଂସ ଦରବାର ଦୁଲୁକି ଉଠିଥିଲା । ସମ୍ବଲପୁରର କଣ୍ଠଶିଳ୍ପୀ କାହ୍ନୁକେଶବ ବହିଦାର କଂସଙ୍କ ଦରବାରରେ ସମ୍ବଲପୁରୀ ଗୀତ ଗାଇ ପ୍ରଶଂସିତ ହୋଇଥିଲେ। ସୋମବାର ଷଷ୍ଠ ରଜନୀରେ ଦେବକି ବାସୁଦେବ ବିବାହ, ଦେବକୀଙ୍କ ଗର୍ଭରୁ ଜାତ ଷଡପୁତ୍ରକୁ କଂସ ଦ୍ୱାରା ନିଧନ ଓ ବଳରାମଙ୍କ ଜନ୍ମ ପ୍ରଭୃତି କାର୍ଯ୍ୟକ୍ରମ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ।
- ମହର୍ଷି ବିଶ୍ୱାମିତ୍ର

**ସଂକ୍ଷେପରେ..**

## ଜିଲ୍ଲାସ୍ତରୀୟ କ୍ରିକେଟ ଚୟନ ଶିବିର

**ବ୍ରଜରାଜନଗର,୨୦।୧(ଡି.ଏନ.ଏ.):** ଝାରସୁଗୁଡା ଜିଲ୍ଲାସ୍ତରୀୟ କ୍ରିକେଟ ଚୟନ ଶିବିର ଆସନ୍ତା ୨୨ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୯ ବର୍ଷ ଓ ୧୬ ବର୍ଷରୁ କମ୍ ପ୍ରତିଭାମାନେ ଏହି ଶିବିରରେ ଯୋଗଦେଇ ନିଜର ସାର୍ଟିଫିକେଟ ଓ ବୟସ ପ୍ରମାଣପତ୍ର ଜିଲା ଚୟନ କମିଟି ପାଖରେ ଦାଖଲ କରିବେ । ନିର୍ଦ୍ଧାରିତ ବୟସଠାରୁ ଅଧିକ ହୋଇଥିବା ପ୍ରାର୍ଥୀମାନଙ୍କୁ ବିଚାରକୁ ନିଆଯିବ ନାହିଁ । ଜିଲାର ବିଟିଏମ ପଡିଆ ଓ ବ୍ରଜରାଜନଗର ଓରିଏଣ୍ଟ ପଡିଆଠାରେ ଚୟନ କରାଯିବା ନେଇ ସର୍ବଶେଷ ତଥ୍ୟ ଜିଲା କ୍ରିକେଟ ଚୟନ କମିଟି ସଭାପତି ପ୍ରଜ୍ଜଳ ପଟେଲ ସୂଚନା ଦେଇଛନ୍ତି । ଓଡିଶା କ୍ରିକେଟ ଆସୋସିଏଶନ୍ ଗାଇଡ ଲାଇନ ଅନୁଯାୟୀ ଯୋଗ୍ୟ ଖେଳାଳିଙ୍କୁ ଚୟନ କରାଯିବ ।

# ମଳୟ, ଯଶ୍ୱିନ ଚାମ୍ପିୟନ

**ରିଆମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା**

**ରିଆମାଳ,୨୦।୧(ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାଉଲିପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଟଙ୍କଧର ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଠଣ ସୁନ୍ଦର ସାହୁ, ସମ୍ୟ ସୁଚରିତା ଗଡ଼ନାୟକ, ସୂର୍ଯ୍ୟକାନ୍ତ ସାହୁ, ଅଞ୍ଜନ ମାହାନା, ଶିକ୍ଷକ ସର୍ବବିଦ ଶକ୍ତିମୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସୁକାନ୍ତ କୁମାର ନନ୍ଦ ସଭା ପରଚାଳନା ଓ ଧନ୍ୟବାଦ ଦେଇଥିଲେ। ଖେଳ ଶିକ୍ଷକ ରୋହିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ୧୦୦ମି, ୨୦୦ମି, ୪୦୦ମି, ୮୦୦ମି ଦୌଡ଼ ପ୍ରତିଯୋଗିତା, ସଟପୁଟ, ଲଙ୍ଗଜମ୍ପ, ହାଇଜମ୍ପ, ଜାଭଲିନ ଥ୍ରୋ ଆଦି ଖେଳରେ ଭାଗ ନେଇଥିଲେ। ବାଳକ ବିଭାଗର ଦଶମ ଶ୍ରେଣୀର ଛାତ୍ର ମଳୟ ଜାଲ ଓ ବାଳିକା ବିଭାଗରେ ଯଶ୍ୱିନ ସାହୁଙ୍କୁ ଚାମ୍ପିୟନ ଘୋଷଣା କରି ଆମନ୍ତ୍ରିତ ଅତିଥି ପୁରସ୍କୃତ କରିଥିଲେ। ବୁଢ଼ିଦୋ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଉମାକାନ୍ତ ସାହୁ, ଇନ୍ଦ୍ରମଣି ରାଉତ, କ୍ଷମାନିଧି ମାଝି, ଉଜ୍ଜ୍ୱଳା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଜାତୀୟ ସ୍ତରରେ କବାଡ଼ି ଖେଳିଥିବା ମଳୟ ଜାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମଞ୍ଚାସୀନ ଅତିଥି ଓ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

# କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: କିର୍ମିରା ଚାମ୍ପିୟନ

**କୋଲାବିରା, ୨୦।୧ (ଡି.ଏନ.ଏ.)**

ମା'ସମଲେଶ୍ୱରୀ କ୍ରିକେଟ କ୍ଲବ ତରେଇକେଲା ଆନୁକୁଲ୍ୟରେ ୫ ଦିବସ ବ୍ୟାପି ଆୟୋଜିତ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗହ୍ଲାପାଲି, ଅମନାପାଲି, ପରମାଣପୁର, ବୃନ୍ଦାମାଲ, ବଢେଇମୁଣ୍ଡା, ଜାମକାନି, କିର୍ମିରା, ରାମ ତିଲେଇମାଲ, ଦଣ୍ଡାବୁଡା, ସମାସିଂହା, ଚନ୍ଦରପୁର, ମୁରାଦିପାଲି, ତାଲମାଲ, ବଡବାହାଲ, ତରେଇକେଲା ଏବଂ ବାସୁପାଲି ଆଦି ୧୬ଟି ଦଳ ଯୋଗଦେଇଥିଲେ। ପ୍ରତିଯୋଗିତା ୨ଟି ଗ୍ରୁପରେ ବିଭକ୍ତ କରାଯାଇ ଖେଳ କରାଯାଇଥିଲା। ଫାଇନାଲ ମ୍ୟାଚ୍ ସମାସିଂହା ଏବଂ କିର୍ମିରା ମଧ୍ୟରେ ହୋଇଥିଲା। ଏଥିରେ ୭ ଉଇକେଟରେ ସମାସିଂହାକୁ ହରାଇ କିର୍ମିରା ବିଜୟୀ ହୋଇଥିଲା। ଭଗ ମହାନନ୍ଦିଆ, କିରନ କିଷାନ, ଗଣେଶ ପଧାନ ଏବଂ ଗୁଦଲୁ ଖେଳ ପରିଚାଳନା କରିଥିବା ବେଳେ ସ୍କୋରରେ ଶ୍ରୀକର ପ୍ରଧାନ, ଧର ବିହାରନି ଏବଂ ଶିବା ନିୟୋଜିତ ଥିଲେ। ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀରେ କୋଲାବିରା ସରପଞ୍ଚ କୁମୁଦିନି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିରଞ୍ଚି ପଧାନ, ପ୍ରଶାନ୍ତ ମହାନନ୍ଦିଆ, ୱାର୍ଡସଭ୍ୟ ଶଙ୍କର ପାତ୍ର, ରାୟଧର ମାଝି, ଦୁର୍ଗାନନ୍ଦ ବିଶି, ସୁଶାନ୍ତ ବଗର୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହ କରିଥିଲେ। ୫ ଦିନ ଧରି ଚାଲିଥିବା ଏହି କ୍ରିକେଟ ପ୍ରତିଯୋଗିତା ପରିଚାଳନାରେ ଗ୍ରାମର ଦୀପକ ମହାନନ୍ଦିଆ, ଲୋଚନ ମହାନନ୍ଦିଆ, ଫକିର ମହାନନ୍ଦିଆ, ଫିରୋଜ ପ୍ରଧାନ, ଗଣେଶ ପ୍ରଧାନ, ଅସିତ ପ୍ରଧାନ, ଭିଷ୍ମ ପ୍ରଧାନ, ଅନିଲ ପ୍ରଧାନ, ପୁଟୁ ପ୍ରଧାନ, ଭବାନୀ ପ୍ରଧାନ, ଲୋକନାଥ ମହାନନ୍ଦିଆ ପ୍ରମୁଖ ସହଯୋଗ କରିଥିଲେ।



କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି ।

# ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସମାରୋହ

**ରାଉରକେଲା ଅଫିସ, ୨୦।୧**

ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ରବିବାର ତର୍କରା ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧ୍ୟାପିକା ଜ୍ୟୋସ୍ନା ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରବି ଦେହୁରି ଯୋଗ ଦେଇ ସାହିତ୍ୟ ଓ ସମାଜ ପରସ୍ପର ପୂରକ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଚିତ୍ରାନନ୍ଦ ସାହୁ ଓ ଡାକ୍ତର ରାହାସ ବିହାରୀ ମହାପାତ୍ର, ଡାକ୍ତର ମଞ୍ଜୁଶର୍ମା ମହାପାତ୍ର ଯୋଗଦେଇ ସାମାଜିକ ଚେତନା ଓ ଅଭିବୃଦ୍ଧିରେ ସାହିତ୍ୟିକଙ୍କ ଭୂମିକାକୁ ଅସ୍ୱୀକାର କରି ହେବନି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ରାଜୀବ ପାଣି ଯୋଗ ଦେଇଥିଲେ। ସମ୍ମାନିତ ବକ୍ତାଭାବେ କବି ନୃସିଂହ ବିଶ୍ୱାଳ ମଞ୍ଚାସୀନ ଥିଲେ। ଏହି ଅବସରରେ କବି ସଚ୍ଚି ସ୍ୱାଇଁ ଓ ଜ୍ୟୋସ୍ନା ସ୍ୱାଇଁଙ୍କ ଲିଖିତ ପୁସ୍ତକର ଅନାବରଣ କରାଯାଇଥିଲା। ଡାକ୍ତର ରାହାସବିହାରୀ ମହାପାତ୍ରଙ୍କୁ ଶାନ୍ତିଦୂତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାହିତ୍ୟ ଶାନ୍ତି ଓ ପ୍ରଗତିରେ ବାର୍ତ୍ତାବହ ଆଲୋଚନାରେ ମଞ୍ଚାସୀନ ଅତିଥି ଭାଗ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହାକୁ କବି ସୁଧାଂଶୁ ଅଶୋକ ଏବଂ ହରପ୍ରିୟା ପରିଡା, ଉର୍ବଶୀ ଦାସ ସଂଯୋଜନା କରିଥିଲେ। ଶତାଧିକ କବି ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। କବି ଭୋଳେଶ୍ୱର ବେହେରା, ସୁଶାନ୍ତ ନାୟକ, ଅଭୟ ସାହୁ, ସନ୍ଧ୍ୟାରାଣୀ ମୁଦୁଲି, ଅଜୟ ବିଶ୍ୱାଳ, ବଳରାମ ଦାସ, ସଂଯୁକ୍ତା ପାଙ୍ଗଯୋଶୀ, ଦେବାଶିଷ ପଣ୍ଡା, ଅଭିମନ୍ୟୁ ବେହେରା, ଲକ୍ଷ୍ମୀଧର ସ୍ୱାଇଁ, ଆରତୀ ବେହେରା, ମୀରା ମଲ୍ଲିକ, ବିଜୟ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିଙ୍କ ଯୁବତୀ, ଯୁବକମାନେ।

# କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର

**ଦେବଗଡ଼,୨୦।୧(ଡି.ଏନ୍.ଏ)**

ସ୍ୱେଚ୍ଛାସେବୀ ସଂଗଠନ ଜଗବନ୍ଧୁ ଜରାଶ୍ରମ ଏବଂ ଭାରତ ସରକାରଙ୍କ କେନ୍ଦ୍ରୀୟ କୁକୁଟ ବିକାଶ ସଂଗଠନ ପକ୍ଷରୁ କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ବସନ୍ତ ନିବାସ ଡ଼ାକବଙ୍ଗଳା ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ରବିନାରାୟଣ ବେହେରା, ସେମ୍ ହେମ୍ବରମ୍, ଇଂ ସୁଜିତ୍ କୁମାର ପ୍ରଧାନ, ଜିଲା ମହିଳା ସୁରକ୍ଷା ସମିତି ସଭାପତି ମିନତି ନାଏକ, କେନ୍ଦ୍ରୀୟ କୁକୁଟ ବିକାଶ ସଂଗଠନ ନିର୍ଦ୍ଦେଶକ ଡ. ଇନ୍ଦିରା ନାୟକ, ଜଗବନ୍ଧୁ ଜରାଶ୍ରମର ସମ୍ପାଦକ ଆଶୁତୋଷ ମିଶ୍ର ପ୍ରମୁଖ ଶିବିରରେ ଯୋଗଦେଇ କୁକୁଡା ଚାଷ କରି ଲାଭବାନ ହେବାକୁ ବେକାର ଶିକ୍ଷିତ ଯୁବତୀ, ଯୁବକଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଯୁବତୀ, ଯୁବକ ଯୋଗଦେଇ ପ୍ରଶିକ୍ଷଣ ହେଉଛନ୍ତି। ଶିବିର ୨୫ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

# କର୍ମାନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଦେବଗଡ଼,୨୦।୧(ଡି.ଏନ.ଏ)**

ସ୍ଥାନୀୟ ସଭାଗୋଳିଠାରେ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଚାଲିଥିବା ଆଦିବାସୀ କର୍ମା ନୃତ୍ୟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି।। ପ୍ରତିଯୋଗିତାରେ ଜିଲାର ୩ଟି ବ୍ଲକରୁ ୨୨ଟି ନୃତ୍ୟଦଳ ଯୋଗଦେଇ ନୃତ୍ୟ କଳା ପରିବେଷଣ କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମ ସଂଯୋଜକ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ରାଣୀ ଅରୁନ୍ଧତୀ ଦେବୀ, ବାରକୋଟ ବ୍ଲକ ଅଧକ୍ଷା ସୁବାସିନୀ ସାହୁ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସୋମବାର ବନବାସୀ କଲ୍ୟାଣ ଆଶ୍ରମର ସଂଯୋଜକ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ବନବାସୀଙ୍କ ପାରମ୍ପାରିକ ସଂସ୍କୃତି ଓ ପରମ୍ପରାକୁ ଲୋକ ଲୋଚନକୁ ଆଣିବା ପାଇଁ ବନବାସୀ କଲ୍ୟାଣ ଆଶ୍ରମର ପ୍ରୟାସକୁ ପ୍ରଶଂସା କରିଥିଲେ। ପର୍ବାହ୍ନରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ପ୍ରତିଯୋଗିତା ମଣ୍ଡପକୁ ଆସି ଆୟୋଜକ ଓ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨୨ଟି ଦଳ ମଧ୍ୟରୁ ଶ୍ରେଷ୍ଠ କର୍ମା ନୃତ୍ୟ ପ୍ରଦର୍ଶନ ପାଇଁ ବାରକୋଟ ବ୍ଲକ ଗୌଡନାଳି ଦଳକୁ ପ୍ରଥମ ପୁରସ୍କାର ନଗଦ ୭ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବେ ଗୁରୁଜାଙ୍ଗ କରମା ନୃତ୍ୟଦଳକୁ ୫ହଜାର ଟଙ୍କା ଓ ତୃତୀୟ ଶ୍ରେଷ୍ଠଦଳ ଭାବେ ତିଲେଇବଣି ବ୍ଲକ ରାମଚନ୍ଦ୍ରପୁର ଗ୍ରାମର କରମା ନୃତ୍ୟ ଦଳକୁ ନଗଦ ୩ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବନବାସୀ କଲ୍ୟାଣ ଆଶ୍ରମର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ଗହଳି ପରିଲକ୍ଷିତ ହୋଇଥିଲା।



କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

# ପ୍ରଥମ ଶ୍ରେଣୀରୁ ସ୍ପୋକନ ଇଂଲିଶ: ଗଣଶିକ୍ଷା ମନ୍ତ୍ରୀ

**ନିମାପଡ଼ା,୨୦।୧ (ଡି.ଏନ୍.ଏ.)**

ରାଜ୍ୟର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥାନ ରେକର୍ଡ ରଖିବା ପାଇଁ ମୋବାଇଲ୍ ଆପ୍ ବ୍ୟବସ୍ଥା କରାଯିବ। ସେହିପରି ଛାତ୍ରୀଛାତ୍ରଙ୍କ ଇଂଲିଶ ଭାଷାରେ ଦକ୍ଷତା ବୃଦ୍ଧି ପାଇଁ ୧୦୦ଟି ସରକାରୀ ବିଦ୍ୟାଳୟରେ ଇଂଲିଶ ପାଠ୍ୟକ୍ରମ ପ୍ରଚଳନ କରାଯିବା ସହ ପ୍ରଥମ ଶ୍ରେଣୀରୁ ସ୍ପୋକନ୍ ଇଂଲିଶ ଶିକ୍ଷା ଦିଆଯିବ। ଆସନ୍ତା ଶିକ୍ଷାବର୍ଷ ଆରମ୍ଭରୁ ଏହି ବ୍ୟବସ୍ଥା ପ୍ରଚଳନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ନିମାପଡ଼ା ବ୍ଲକ ସଭାକକ୍ଷରେ ସୋମବାର ଆୟୋଜିତ ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ଏବଂ ସିଆର୍‌ସିସିଙ୍କ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଦାଶ ଏହି ସୂଚନା ଦେଇଛନ୍ତି।

ବିଦ୍ୟାଳୟଗୁଡ଼ିକରେ ଉନ୍ନତମାନର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବାକୁ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୫ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ମୋ ସ୍କୁଲ ଅଭିଯାନକୁ ଅଧିକ କ୍ରିୟାଶୀଳ କରିବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ବୈଠକରେ ବ୍ଲକ ଶିକ୍ଷାଧିକାରୀ ବିଜୟ ବେହେରା ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଉପାଧକ୍ଷ ଅଜୟ ସ୍ୱାଇଁ, ବିଡିଓ ମନୋଜ ବେହେରା, ସହକାରୀ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ, ହାଡୁବନ୍ଧୁ ସେଠୀ, ବସନ୍ତ ମିଶ୍ର, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ହାଁସଦା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ମିଶ୍ର, ଶିକ୍ଷକନେତା ତ୍ରିଲୋଚନ କର ପ୍ରମୁଖ ଯୋଗଦେଇଥିଲେ। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକର ପୁନରୁଦ୍ଧାର, ବିଦ୍ୟାଳୟ ମିଶ୍ରଣ ଏବଂ ବନ୍ଦ, ଗାରିମା ପୁରସ୍କାର, ମାଗଣା ପୋଷାକ ବଣ୍ଟନ, ବିଦ୍ୟୁତୀକରଣ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ୨୯୪ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ୨୨ଟି କ୍ଲଷ୍ଟର୍‌ର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ (ସିଆର୍‌ସିସି) ଯୋଗଦେଇଥିଲେ।

# ସ୍ୱଚ୍ଛ ଭାରତ ସଚେତନତା ଶୋଭାଯାତ୍ରା

**ଦେବଗଡ଼,୨୦।୧(ଡି.ଏନ.ଏ):** ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ଲୁଢର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସରୋଜ କୁମାର ସେଠଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ସଞ୍ଜୟ କୁମାର ପ୍ରଧାନଙ୍କ ପରିଚାଳନାରେ ସମସ୍ତ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ କଲେଜ ପରିସରରେ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ନରେଶ ଶଙ୍କର ହଂଶ, ନେତ୍ରାନନ୍ଦ ଜୟପୁରିଆ ସହଯୋଗ କରିଥିଲେ।

# ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ଶିକ୍ଷକଙ୍କୁ ବଦଳି ବାତିଲ ଦାବି**

**ଦେବଗଡ଼,୨୦।୧(ଡି.ଏନ.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ଢୋଲପଡ଼ା ୟୁଜିଏମ୍‌ଇ ସ୍କୁଲର ଜଣେ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସୋମବାର ଅଭିଭାବକ ଏବଂ ପରିଚାଳନା କମିଟି ସଦସ୍ୟମାନେ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପରିଚାଳନା କମିଟି ସଭାପତି ଲକ୍ଷ୍ମୀ କୁମୁରାଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ସ୍କୁଲରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଖବରପାଇ ସିଆର୍‌ସିସି ଦିଲୀପ ନାୟକ ସ୍କୁଲରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଖବର ପାଇ ତିଲେଇବଣି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ ଚୌଧୁରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ଆଗାମୀ ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଅପରାହ୍ନ ପ୍ରାୟ ୨ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।



ଅଭିଭାବକଙ୍କ ସହ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି।

# ଧାନକିଣାରେ ଅବ୍ୟବସ୍ଥା ନେଇ ଅସନ୍ତୋଷ

**ବୁଢ଼ାପାଳ ସେବା ସମବାୟ ସମିତ**

**ରିଆମାଳ,୨୦।୧(ଡି.ଏନ.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ସେବା ସମବାୟ ସମିତି ଜରିଆରେ ହେଉଥିବା ଧାନକ୍ରୟରେ ମିଲରଙ୍କ ମନମୁଖୀ ଆଚରଣ ଚାଷୀଙ୍କୁ ଅସନ୍ତୁଷ୍ଟ କରିଛି। ସୋମବାର ବୁଢ଼ାପାଳ ସେବା ସମିତିରେ ଦେବଗଡ଼ର ବୈଷ୍ଣବ ରାଇସ ମିଲ୍ ଆସି ଧାନ କ୍ରୟ କରୁଥିଲା। ତେବେ ଧାନ ଖରାପ ଦର୍ଶାଇ କୁଇଣ୍ଟାଲ ପ୍ରତି ୬ କିଗ୍ରା କାଟି ଦେଇଥିଲେ। ଚାଷୀମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ଏ ନେଇ ମିଲର କର୍ଣ୍ଣପାତ ନ କରିବାରୁ ତାଙ୍କ ସହିତ ଚାଷୀମାନଙ୍କର ବଚସା ହୋଇଥିଲା। ଏଥିରେ ମିଲର ଧାନ ନ ଉଠାଇ ମଣ୍ଡି ଛାଡି ପଳାଇ ଯାଇଥଲେ। ଏପରି ସ୍ଥଳେ ସେବା ସମବାୟ ସମିତିକୁ ଧାନ ବିକିବାକୁ ଆଣିଥିବା ଚାଷୀ ଆକାଶରେ ମେଘ ଉଠାଇବା ନେଇ ଚିନ୍ତାରେ ପଡିଛି। ଇତିମଧ୍ୟରେ ୩୯ଜଣ ଚାଷୀଙ୍କଠାରୁ ସଂଗ୍ରହ ହୋଇଥିବା ମୋଟ ୧୬୩୪.୬୬ କୁଇଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି। ଏନେଇ ସମବାୟ ସମିତି ସଭାପତି ଗୌରଚନ୍ଦ୍ର ପ୍ରଧାନ, ସମ୍ପାଦକ ଦାୟା ସାଗର ମହାପାତ୍ରଙ୍କୁ ପଚାରିବାରୁ ଅବ୍ୟବସ୍ଥାକୁ ସ୍ୱୀକାର କରିଛନ୍ତି। ଜିଲା ପ୍ରଶାସନ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ବିରଞ୍ଚି ପ୍ରଧାନ, କୁଳମଣି ଦେହୁରୀ, ବିମ୍ବାଧର ପ୍ରଧାନ, ଶୂନ୍ୟବାସୀ ସାହୁ, ଯୋଗେଶ୍ୱର ପ୍ରଧାନ, କୁଞ୍ଜ ବିହାରୀ ପ୍ରଧାନ, ସୁନୀଲ ପ୍ରଧାନ, ବେଣୁଧର ପ୍ରଧାନ, ଅକ୍ଷୟ ପ୍ରଧାନ, ପ୍ରମୁଖ ଚାଷୀ ଦାବି କରିଛନ୍ତି। ଆଗାମୀ ଦିନରେ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଚାଷୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ବୁଢ଼ାପାଳ ସେବା ସମବାୟ ସମିତିରେ ଖୋଲା ଆକାଶ ତଳେ ଗଦା ହୋଇ ରହିଥିବା ଧାନବସ୍ତା।




ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ଏକ ବ୍ରିଜ୍ ଭୁଶୁଡ଼ି ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ନିଖୋଜ ଅଛନ୍ତି। କୌର ସହରରେ ଥିବା ଏହି ବ୍ରିଜ୍ ରବିବାର ଅପରାହ୍ନରେ ଭୁଶୁଡ଼ିବା ବେଳେ ତାହା ଉପରେ ୩୦ ଜଣ ଥିଲେ। କେତେକ ପାଣିରେ ପଡ଼ି ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।



## ସଂକ୍ଷେପରେ

### ଅଭିବୃଦ୍ଧି ପୂର୍ବାନୁମାନ ୪.୮%କୁ ଖସାଇଲା ଆଇଏମ୍ଏଫ୍

ନୂଆଦିଲ୍ଲୀ,୨୦ା୧: ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ସୋମବାର ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ଭାରତର ବିକାଶ ହାର ପୂର୍ବାନୁମାନକୁ ୪.୮%କୁ ଖସାଇଛି। ଏହି ଏଜେନ୍ସି ଭାରତ ବଜାର ଲାଗି ପୂର୍ବରୁ କରାଯାଇଥିବା ଅନୁମାନ ତୁଳନାରେ ବର୍ତ୍ତମାନ ୧.୩% ହ୍ରାସ କରିଛି। ମାନ୍ଦାବସ୍ଥା ଯୋଗୁ ଅଭିବୃଦ୍ଧି କମାଇଥିବା ଆଇଏମ୍ଏଫ୍ କହିଛି। ସେହିଭଳି ବିଶ୍ୱ ବଜାର ଲାଗି ଏହା ଅଭିବୃଦ୍ଧି ପୂର୍ବାନୁମାନକୁ ମଧ କମ୍ କରି ଦେଇଛି। ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୫% ରହିବ ବୋଲି ସରକାର ନିକଟରେ ପ୍ରକାଶିତ ଅଫିସିଆଲ ଡାଟାରେ କହିଛନ୍ତି। ବିକାଶ ହାର ୨୦୨୦-୨୧ରେ ୫.୮% ଏବଂ ୨୦୨୧-୨୨ରେ ୬.୫% ଛୁଇଁବ ବୋଲି ଆଇଏମ୍ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ତେଲି ସମାଜ, କଂସାରୀଗୁଡ଼ାବାସୀ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ):** ଜାତିଭିତ୍ତିକ ଜନଗଣନା ପାଇଁ ରାଜ୍ୟ କ୍ୟାବିନେଟ୍‌ରେ ସଂକଳ୍ପ ପ୍ରସ୍ତାବ ଗୃହୀତ ହୋଇଛି। ଏହି ପଦକ୍ଷେପ ଲାଗି ବିଭିନ୍ନ ବର୍ଗରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଉଛି। ସୋମବାର ତେଲି ସମାଜ ପକ୍ଷରୁ ମଧ ସ୍ୱାଗତ କରାଯାଇଛି। ଏଥିସହିତ ତେଲି ସମାଜର ଏକ ପ୍ରତିନିଧି ଦଳ ପୂର୍ବାହ୍ନରେ ନବୀନ ନିବାସ ଗସ୍ତକରି ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ପ୍ରତିନିଧି ଦଳରେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ସ୍ନେହି ସମାଜ ସଭାପତି ବିଶ୍ୱନାଥ ସୁବୁଦ୍ଧି ପ୍ରମୁଖ ରହିଥିଲେ। ସେହିଭଳି ରାୟଗଡ଼ା ଜିଲାର କଂସାରୀଗୁଡ଼ାଠାରେ ଆଦିତ୍ୟ ବିର୍ଲା ଦ୍ୱାରା କରାଯାଉଥିବା ପ୍ରକଳ୍ପକୁ ମଧ ସ୍ୱାଗତ କରାଯାଇଛି। ସେହି ମର୍ମରେ ସ୍ଥାନୀୟ ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦିଆଯାଇଛି। ସୋମବାର ଅପରାହ୍ନରେ ସ୍ଥାନୀୟ ଏକ ପ୍ରତିନିଧି ଦଳ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ କୃତଜ୍ଞତା ଜ୍ଞାପନ କରିଥିଲେ।

### ୨ ଓଡ଼ିଶା କ୍ୟାଡର ଆଇଏଏସ୍‌ଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ):** ଦୁଇ ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ନୂଆ ଦାୟିତ୍ୱ ମିଳିଛି। ଏହି ଅଧିକାରୀମାନେ ହେଉଛନ୍ତି-୧୯୯୨ ବ୍ୟାଚ୍‌ର ଚନ୍ଦ୍ରଶେଖର କୁମାର ଏବଂ ୧୯୯୮ ବ୍ୟାଚ୍‌ର ବିଶାଲ ଗଗନ। କ୍ୟାବିନେଟ୍ ସେକ୍ରେଟାରିଏଟ୍‌ରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିବା ଚନ୍ଦ୍ରଶେଖର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅଧୀନ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟ କରିବେ। ସେହିଭଳି ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ଥିବା ବିଶାଳ ପ୍ରତିରକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବେ। ଗଗନଙ୍କୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ନୂତନ ନିଯୁକ୍ତି ମିଳିଥିବାରୁ ସେ ୫ ବର୍ଷ ପାଇଁ ଡେପୁଟେଶନରେ ଯିବେ। ତେଣୁ ସେ ଖୁବ୍‌ଶୀଘ୍ର ରାଜ୍ୟ ଦାୟିତ୍ୱରୁ ଅବ୍ୟାହତି ନେଇପାରନ୍ତି ବୋଲି ଜଣାପଡ଼ିଛି।

### ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କ୍ୟୁନେଟ୍ ଚିଟ୍‌ଫଣ୍ଡ ଠକେଇ ମାମଲା**

କଟକ ଅଫିସ,୨୦ା୧: କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥାର ୪ ଜଣ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ୪ ଜଣ ହେଲେ ସଂସ୍ଥାର ଭାରତ ରଘୁବଂଶୀ, ରଶ୍ମିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ମହାନ୍ତି ଓ ରବୀନ୍ଦ୍ର କୁମାର। ସୂଚନାଥାଉ କି, କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥା ଅଧିକ ସୁଧ ଆଶା ଦେଖାଇ ଜମାକାରୀଙ୍କଠାରୁ ଟଙ୍କା ଜମା ରଖୁଥିଲା। ୫ ବର୍ଷରେ ୫ ଲକ୍ଷ ଟଙ୍କା ବହୁ କୋଟି ହେବ ବୋଲି ଲୋଭ ଦେଖାଇ ଲୋକଙ୍କଠାରୁ ଟଙ୍କା ଠକି ନେଇଥିଲା। ଏହି ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ସଂସ୍ଥାର ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଅନ୍ୟ ୪ ଜଣ ଆଗୁଆ ଜାମିନ ପାଇଁ ହାଇକୋର୍ଟକୁ ଆସି ନିରାଶ ହୋଇଛନ୍ତି।

## ବିଜୁ ସେତୁ ଯୋଜନା

# ଧିମା ପଡ଼ିଛି ଧାର୍ଯ୍ୟ ଲକ୍ଷ୍ୟ ହାସଲ

- ଚଳିତ ଆର୍ଥିକବର୍ଷରେ ହୋଇଛି ମାତ୍ର ୩୩ ସେତୁ
- ଖର୍ଚ୍ଚ ହେଲାଣି ୨୪୧.୨୩ କୋଟି ଟଙ୍କା

**ଭୁବନେଶ୍ୱର, ୨୦ା୧(ବ୍ୟୁରୋ)**

ଗ୍ରାମବହୁଳ ରାଜ୍ୟ ଓଡ଼ିଶାରେ ଗମନାଗମନ ଭିତ୍ତିଭୂମି ସୁଦୃଢ଼ ହେବା ନିହାତି ଆବଶ୍ୟକ। ସେଥିଲାଗି ସଡ଼କ ଏବଂ ସେତୁ ନିର୍ମାଣର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି କାର୍ଯ୍ୟ କରୁଛି। ପ୍ରତି ଆର୍ଥିକବର୍ଷରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖାଯାଇ କାର୍ଯ୍ୟ କରାଯାଇଥାଏ। ଚଳିତ ଆର୍ଥିକବର୍ଷରେ ମଧ୍ୟ ସେପରି ଲକ୍ଷ୍ୟ ରଖାଯାଇଥିଲା। ହେଲେ ଗତ ନଭେମ୍ବର ସୁଦ୍ଧା ସେତୁ ନିର୍ମାଣରେ ଆଖିଦୃଶିଆ ଫଳାଫଳ ଦେଖିବାକୁ ମିଳି ନ ଥିବା ସରକାରୀ ରିପୋର୍ଟରୁ ସ୍ପଷ୍ଟ ହୋଇଛି।

ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯-୨୦ ଆର୍ଥିକବର୍ଷରେ ବିଜୁ ସେତୁ ଯୋଜନାରେ ୫୫୦ କୋଟି ଟଙ୍କାର ବଜେଟ୍ ରଖାଯାଇଥିଲା। ଗତ ନଭେମ୍ବର ୩୦ ଅପରାହ୍ନ ୩ଟା ସୁଦ୍ଧା ବିଭାଗକୁ ମିଳିଥିବା ତଥ୍ୟ ଅନୁଯାୟୀ ସେଥିରୁ ୨୪୧.୨୩ କୋଟି ଟଙ୍କା ବ୍ୟୟ ହୋଇଛି। ବରାଦ ହୋଇଥିବା ମୋଟ ଅର୍ଥର ୪୩.୮୬ ପ୍ରତିଶତ ଖର୍ଚ୍ଚ ହୋଇଛି। ଏହି ସମୟରେ ୨୭୨ଟି ସେତୁ କରାଯିବାର ଲକ୍ଷ୍ୟ ରଖାଯାଇଛି। ହେଲେ ତନ୍ମଧ୍ୟରୁ ମାତ୍ର ୩୩ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୧୨.୧୩ ପ୍ରତିଶତ କାର୍ଯ୍ୟ ପୂରଣ ହୋଇଛି। ତେଣୁ ଚଳିତ ଆର୍ଥିକ ବର୍ଷର ବାକି ଥିବା ୪ ମାସ(୨୦୧୯ ନଭେମ୍ବରରୁ ମାର୍ଚ୍ଚ ୨୦୨୦)ମଧ୍ୟରେ ବଳକା ଥିବା ୫୬.୧୪ ପ୍ରତିଶତ ଅର୍ଥରେ ୮୭.୮୭ ପ୍ରତିଶତ କାର୍ଯ୍ୟ କରିବାକୁ ହେବ। ମୋଟ ଉପରେ କହିବାକୁ ଗଲେ ଏହି ୪ ମାସ ମଧ୍ୟରେ ୨୩୯ଟି ସେତୁ ନିର୍ମାଣ ହେବାର ରହିଛି। ତେଣୁ ବିଭାଗ ଏହି ଲକ୍ଷ୍ୟକୁ କିପରି ହାସଲ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଉଲ୍ଲେଖଯୋଗ୍ୟ, ୨୦୧୧-୧୨ ଆର୍ଥିକବର୍ଷରେ ପ୍ରାଥମିକ ୪୦୦ ବିଜୁ ସେତୁ ନିର୍ମାଣ ନେଇ ଘୋଷଣା କରାଯାଇଥିଲା। ୨୦୧୮-୧୯ ଆର୍ଥିକବର୍ଷ ଶେଷ ଆଡ଼କୁ ସେତୁ ସଂଖ୍ୟା ୧୩୩୨କୁ ବୃଦ୍ଧି କରାଗଲା। ଏଥିପାଇଁ ୬୧୩୦.୫୧ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଗତବର୍ଷ ମାର୍ଚ୍ଚ ସୁଦ୍ଧା ଯୋଜନା ଆରମ୍ଭରୁ ଏ ଯାବତ୍ ୬୬୨ଟି ସେତୁ ନିର୍ମାଣ ସରିଛି। ଗତ ଏପ୍ରିଲରୁ ନଭେମ୍ବର ମଧ୍ୟରେ ୩୩ଟି ସେତୁ ନିର୍ମାଣ ହୋଇଛି। ଏହିପରି ଭାବେ ମୋଟ ୬୯୫ଟି ସେତୁ ନିର୍ମିତ ହୋଇଛି। ସେହିଭଳି ୫୩୨ଟି ସେତୁ କାର୍ଯ୍ୟ ଜାରି ରହିଛି। ଚୁକ୍ତି ଏବଂ ଟେଣ୍ଡରସ୍ତରରେ ୮୭ଟି ସେତୁ ରହିଛି। ଅପରପକ୍ଷରେ ୧୮ଟି ସେତୁ ଡିପିଆର/ଡିଜାଇନ୍/ଆଇନଗତ ମାମଲାରେ ରହିଥିବା ଜଣାଯାଇଛି।

# ସାର୍ବଜନୀନ ହେଉନି ଜଷ୍ଟିସ୍ ସି.ଆର. ପାଲ୍ କମିଶନ ରିପୋର୍ଟ

## ହାଇକୋର୍ଟରେ ମାମଲା, ସରକାରଙ୍କୁ ନୋଟିସ

**କଟକ ଅଫିସ,୨୦ା୧**

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ରାଜ୍ୟର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଆନ୍ଦୋଳନ ହୋଇଥିଲା। ଉପରୋକ୍ତ ଅଞ୍ଚଳରେ ବେଞ୍ଚ ପ୍ରତିଷ୍ଠା ସ୍ଥିତି ସମ୍ପର୍କରେ ଅନୁଧ୍ୟାନ ପାଇଁ ଜଷ୍ଟିସ୍ ସି.ଆର. ପାଲ୍‌ଙ୍କ ଅଧ୍ୟକ୍ଷତାରେ ୨୦୦୮ ମାର୍ଚ୍ଚ ୧୧ ତାରିଖରେ ଏକ କମିଶନ ଗଠିତ ହୋଇଥିଲା। ରିପୋର୍ଟ ଦାଖଲ କରିବା ପାଇଁ ଏହି କମିଶନ ୬ ବର୍ଷରୁ ଅଧିକ ସମୟ ନେଇଥିଲା। ଶେଷରେ ୨୦୧୪ ମେ ୩୧ ତାରିଖରେ କମିଶନ ଉକ୍ତ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିଥିଲେ। ରିପୋର୍ଟ ଦାଖଲ ହେବାକୁ ଇତିମଧ୍ୟରେ ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଛି। ମାତ୍ର ସରକାର କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିନାହାନ୍ତି। ଏହି ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ଆଡ୍‌ଭୋକେଟ ଶିବଶଙ୍କର ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଗତ ମାମଲାର ଶୁଣାଣି କରି ସୋମବାର ହାଇକୋର୍ଟଙ୍କ ପକ୍ଷରୁ ଜବାବ ଦାଖଲ ନିମନ୍ତେ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ପିଟିଶନରେ ମହାନ୍ତି ଦର୍ଶାଇଛନ୍ତି, କମିଶନ ଅଫ ଇନ୍‌କ୍ୱାରି ଆକ୍ଟ ୧୯୫୨ ଅନୁଯାୟୀ କମିଶନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଗୋଟିଏ ରିପୋର୍ଟକୁ ସର୍ବାଧିକ ୬ ମାସ ମଧ୍ୟରେ ସାର୍ବଜନୀନ କରିବା କଥା। ମାତ୍ର ସରକାର ୫ ବର୍ଷରୁ ଅଧିକ କାଳ ଏହି ରିପୋର୍ଟକୁ ଚାପି ରଖିବା ଫଳରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନ ଗଢି ଉଠୁଛି। ଗୋଟିଏ କମିଶନ ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାବେଳେ ସରକାର ଗତ ମାର୍ଚ୍ଚ ୮ ତାରିଖରେ ଆଉ ଏକ ୫ ଜଣିଆ କମିଟି ଗଠନ କରିଛନ୍ତି। ତେଣୁ ଜଷ୍ଟିସ ସି.ଆର୍. ପାଲ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ଆବେଦନକାରୀ କୋର୍ଟରେ ନିବେଦନ କରିଥିଲେ। ଆବେଦନକାରୀ ମହାନ୍ତି ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

# ଓଡ଼ିଶା ପୋଲିସ କଟକ ଫାଇନାଲରେ




ଅତିଥିଙ୍କ ସହ ଖେଳାଳିମାନେ।

**ବୌଦ୍ଧ,୨୦ା୧(ସ୍ୱ.ପ୍ର.)**

ଜିଲା ଫୁଟବଲ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ପଞ୍ଚଦଶ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୋମବାର ଓଡ଼ିଶା ପୋଲିସ କଟକ ଏବଂ ଚାନ୍ଦନୀ ଫୁଟବଲ୍ କ୍ଲବ କୋଲକାତା ମଧ୍ୟରେ ହୋଇଥିଲା। ମ୍ୟାଚରେ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା, ବୌଦ୍ଧ ଏସ୍‌ପି ଭି. ରଘୁନାଥ ରାଓ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ ଯୋଗ ଦେଇଥିଲେ। ଜିଲା ଫୁଟବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ, ସମ୍ପାଦକ ଯୁଗଳ କିଶୋର ସାମଲ, ସନ୍ତୋଷ ଟ୍ରଫି ଫୁଟବଲ ଖେଳାଳି ତଥା ଟୁର୍ନାମେଣ୍ଟ ଅଭ୍ୟର୍ଥନା କମିଟି ମୁଖ୍ୟ ସତ୍ୟପ୍ରକାଶ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳର ପ୍ରଥମାର୍ଦ୍ଧରେ ଓଡ଼ିଶା ପୋଲିସର ୯ ନମ୍ବର ଜର୍ସି ପରିଧାନ କରିଥିବା ଅନୀଲ ସିନ୍ଦୁର ଗୋଟିଏ ଗୋଲ ଦେଇ ଦଳକୁ ଆଗରେ ରଖିଥିଲେ। ପୁନର୍ବାର ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ୍ କରି ଦଳକୁ ବିଜୟୀ କରାଇଥିଲେ। ୨-୦ଟି ଗୋଲରେ ଓଡ଼ିଶା ପୋଲିସ କଟକ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚକୁ ମୁଖ୍ୟ ରେଫରି ଭାବେ କୋଲକାତାର ଜାତୀୟ ରେଫରି ନିପ୍ରେଶ ହାଲଦାର ପରିଚାଳନା କରିଥିବାବେଳେ ଲାଇନରେ ଦିଲୀପ କୁମାର ରାଉତ, ସଲିଳ ବେହେରା ଦାୟିତ୍ୱ ତୁଲାଇ ଥିଲେ। ସେହିପରି ଚତୁର୍ଥ ରେଫରି ଭାବେ କୋଲକାତାର ଅନିମେସ ବିଶ୍ୱାସ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଓଡ଼ିଶା ପୋଲିସ କଟକ ଏବଂ ମଧ୍ୟପ୍ରଦେଶ ରତଲମ ସିଟି ଫୁଟବଲ କ୍ଲବ ମଧ୍ୟରେ ହେବ।

# ସ୍ତ୍ରୀଙ୍କୁ ଗୁଳି କଲେ ଡିଏସ୍‌ପି

ଚଣ୍ଡିଗଡ଼,୨୦ା୧: ପଞ୍ଜାବର ଜଣେ ଡିଏସ୍‌ପି ଘରୋଇ ବିବାଦରୁ ତାଙ୍କ ସ୍ତ୍ରୀଙ୍କୁ ଗୁଳିକରି କରିଛନ୍ତି। ତେବେ ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇ ସ୍ତ୍ରୀଙ୍କ କାନ୍ଧ ଉପର ଦେଇ ଚାଲିଯାଇଥିବାରୁ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହି ବରିଷ୍ଠ ପୋଲିସ ଅଧିକାରୀଙ୍କ ନାମରେ ଥାନାରେ ହତ୍ୟା ଉଦ୍ୟମ ନେଇ ମାମଲା ରୁଜୁ ହୋଇଛି।

ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ସଶସ୍ତ୍ର ପୋଲିସ (ପିଏପି)ର ୧୩ ବାଟାଲିୟନରେ କାର୍ଯ୍ୟରତ ଡିଏସ୍‌ପି ଅତୁଲ ସୋନି ଓ ତାଙ୍କ ସ୍ତ୍ରୀ ସୁନୀତା ସୋନି ମୋହାଲିସ୍ଥିତ ସେକ୍ଟର ୬୮ ୟୁନାଇଟେଡ୍ ସୋସାଇଟିରେ ରହନ୍ତି। ସୁନୀତାଙ୍କ କହିବା ଅନୁଯାୟୀ ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ କିଛିଦିନ ଧରି ବିବାଦ ଲାଗି ରହିଥିଲା। ଏହାକୁ ନେଇ ଗୃହିଣୀ ସୁନୀତାଙ୍କୁ ଅତୁଲ ନିର୍ଯାତନା ଦେଉଥିଲେ। ଶନିବାର ରାତିରେ ଏହି ଦମ୍ପତି ଚଣ୍ଡିଗଡ଼ର ଏକ ପାର୍ଟିକୁ ଯାଇଥିଲେ। ସେଠାରେ କୌଣସି ବିଷୟକୁ ନେଇ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ଉଭୟେ ଭିନ୍ନ ଭିନ୍ନ ଗାଡ଼ିରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ହୋଇଥିଲା। ଅତୁଲ ଏଥିରେ ଉତ୍ତ୍ୟକ୍ତ ହୋଇ ନିଜ ବନ୍ଧୁକରୁ ସୁନୀତାଙ୍କ ଉପରକୁ ଖୁବ୍ ନିକଟରୁ ଗୁଳି ଚଳାଇଥିଲେ। ହେଲେ ଗୁଳି ତାଙ୍କ କାନ୍ଧ ପାଖ ଦେଇ ଚାଲିଯିବାରୁ ସେ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିବା ସୁନୀତା କହିଛନ୍ତି। ପୂର୍ବରୁ ଜାତୀୟ ସ୍ତରର ହ୍ୟାଣ୍ଡବଲ୍ ଖେଳାଳି ଥିବା ସୁନୀତା ଏନେଇ ମୋହାଲିସ୍ଥିତ ଫେଜ୍ ୮ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅତୁଲଙ୍କ ବିରୋଧରେ ହତ୍ୟା ଉଦ୍ୟମ ଓ ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅତୁଲ ଏହା ପୂର୍ବରୁ ମଧ୍ୟ ଅନେକ ଥର ବିଭିନ୍ନ ପ୍ରକାର କାର୍ଯ୍ୟକୁ ନେଇ ବିବାଦୀୟ ହୋଇଛନ୍ତି।

# ପୁଅ ବାହାଘର ଶୋଭାଯାତ୍ରାରେ ବାପାଙ୍କ ମୃତ୍ୟୁ

**ବାଲୁଗାଁ,୨୦ା୧(ଡ଼ି.ଏନ.ଏ.)**

ପୁଅ ବାହାଘର ଶୋଭାଯାତ୍ରା ବେଳେ ବାପାର ଅକାଳ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ମୃତକ ହେଲେ ସ୍ଥାନୀୟ ସରଳାପଦର ଗ୍ରାମର ବିଜୟ ସାହୁ(୫୫)।

ବିଜୟଙ୍କ ପୁଅ ଅନିଲଙ୍କ ବାହାଘର ପୁରୀ ଜିଲା କାକଟପୁର ନୟାହାଟରେ ରବିବାର ସ୍ଥିର ହୋଇଥିଲା। ଅପରାହ୍ନରେ ବାଣ, ବାଜା, ରୋଶଣୀ ସହ ଗ୍ରାମରେ ଶୋଭାଯାତ୍ରା ପରିକ୍ରମା କରି ବରଯାତ୍ରୀ କାକଟପୁର ଅଭିମୁଖେ ବାହାରିଥିଲେ। ସେଠାରେ କନ୍ୟାଘର ବିବାହ ମଣ୍ଡପ ଅଭିମୁଖେ ବରଯାତ୍ରୀ ଶୋଭାଯାତ୍ରାରେ ଯାଉଥିବା ବେଳେ ସମସ୍ତେ ନାଚଗୀତରେ ମସ୍‌ଗୁଲ ଥିଲେ। ଏହି ସମୟରେ ହଠାତ୍ ଅନିଲଙ୍କ ପିତା ବିଜୟ ଅସୁସ୍ଥତା ଅନୁଭବ କରି ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଚାରିଛକ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବିଳମ୍ବିତ ରାତ୍ରୀରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଜୟଙ୍କର ଏପରି ଅକାଳ ମୃତ୍ୟୁ ଯୋଗୁ ବାହାଘର କାର୍ଯ୍ୟ ସମ୍ପୂର୍ଣ୍ଣ ଫିକା ପଡ଼ିଯାଇଥିଲା। ବିଜୟ ହୃଦ୍ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିଲେ। ଡ଼ିଜେ ବ୍ୟାଣ୍ଡପାର୍ଟିର ପ୍ରଚଣ୍ଡ ଶବ୍ଦକୁ ସହ୍ୟକରି ନ ପାରି ତାଙ୍କର ଦେହାନ୍ତ ଘଟିଥିବା କୁହାଯାଉଛି। ଏହି ଘଟଣା ନେଇ ପରିବାର, ବନ୍ଧୁ ପରିଜନ ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଜୟ ବାଲୁଗାଁ ଅଞ୍ଚଳର ଜଣେ ପ୍ରତିଷ୍ଠିତ ହୋଟେଲ ବ୍ୟବସାୟୀ ଭାବେ ଖ୍ୟାତି ଲାଭ କରିଥିଲେ। ତାଙ୍କ ଦେହାନ୍ତରେ ସୋମବାର ବାଲୁଗାଁ ଅଞ୍ଚଳର ବହୁ ଛୋଟବଡ଼ ହୋଟେଲ ପ୍ରତିଷ୍ଠାନ ବନ୍ଦ ରଖିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୪ ଦିନରେ ୨୫ କୋଟି ବକେୟା ଆଦାୟ କଲା ସେସୁ

- ୮ ହଜାର ବ୍ୟବସାୟ ପ୍ରତିଷ୍ଠାନରୁ ବିଦ୍ୟୁତ୍ ବିଚ୍ଛିନ୍ନ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ)**

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି(ସେସୁ) ଗତ ୧୬ ତାରିଖରୁ ଆରମ୍ଭ କରିଥିବା ସ୍ୱତନ୍ତ୍ର ବିଦ୍ୟୁତ କାଟ ଡ୍ରାଇଭ ଯୋଗୁ ରାଜସ୍ୱ ଆଦାୟ ବୃଦ୍ଧିପାଇଛି। ଗତ ୪ଦିନ ମଧ୍ୟରେ ସେସୁ ୨୫ କୋଟି ଟଙ୍କା ବକେୟା ବିଦ୍ୟୁତ ବିଲ୍ ଆଦାୟ କରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସେସୁ ସୋମବାର ୪.୫୩ କୋଟି ଟଙ୍କା ଆଦାୟ କରିଥିବା ବେଳେ ୧୪୧୬ ବ୍ୟବସାୟ ପ୍ରତିଷ୍ଠାନରୁ ବିଦ୍ୟୁତ ବିଚ୍ଛିନ୍ନ କରିଛି। ତେବେ ଗତ ୪ ଦିନ ମଧ୍ୟରେ ସେସୁ ମୋଟ ୭,୮୯୧ ବିଦ୍ୟୁତ ବିଚ୍ଛିନ୍ନ କରିଛି। ସେଥିରୁ ୩,୩୭୫କୁ ପୁନଃ ସଂଯୋଗ କରାଯାଇଛି। ସେସୁ ଅଞ୍ଚଳରେ ଥିବା ୨୪୭ ସେକ୍ସନରେ ସମୁଦାୟ ୪୮୦ଟି ସ୍ୱତନ୍ତ୍ର ସ୍କ୍ୱାଡ ବୁଲି ଲାଇନ କାଟୁଛନ୍ତି। ଏହି ସ୍କ୍ୱାଡ ଏ ପର୍ଯ୍ୟନ୍ତ ବକେୟା ଦେଇ ନ ଥିବା ୧୦, ୧୨୭ ବ୍ୟବସାୟ ପ୍ରତିଷ୍ଠାନକୁ ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୧୬ଜଣ ବିଦ୍ୟୁତ ବକେୟା ପଇଠ ନ କରିବାରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ସେହିପରି ୧୪୪୦ ଜଣ ଅଧିକ ବିଲ ଆସିଥିବା ଅଭିଯୋଗ କରି ଆବେଦନ କରିଥିବା ବେଳେ ୫୪୨୮ ଗ୍ରାହକ ସେମାନଙ୍କର ବକେୟା କିସ୍ତି ଆକାରରେ ଦେବାକୁ ଅନୁରୋଧ କରିଥିବା ସେସୁ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନୂଆ ସିଇଓ

**ନୂଆଦିଲ୍ଲୀ,୨୦ା୧**



ଅତନୁ କୁମାର ଦାସ

ସରକାର ୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନୂଆ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ନିଯୁକ୍ତ ହୋଇଛନ୍ତି। ଏହି ବ୍ୟାଙ୍କଗୁଡ଼ିକ ମଧ୍ୟରେ ବ୍ୟାଙ୍କ ଅଫ ବରୋଦା (ବିଓବି), ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ଏବଂ କାନାରା ବ୍ୟାଙ୍କ ରହିଛି। ବିଓଆଇ ନୂଆ ସିଇଓ ଭାବେ ଓଡିଆ ଅଧିକାରୀ ଅତନୁ କୁମାର ଦାସ ଅବସ୍ଥାପିତ ହୋଇଛନ୍ତି। ସେ ବିଓଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ଭାବେ ଏବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ୩ ବର୍ଷ ଲାଗି ସିଇଓ ପଦବୀରେ ନିଯୁକ୍ତି ମିଳିଛି। ଜୁନ ୩୦ ପରଠାରୁ ଏହି ପଦବୀ ଖାଲି ପଡିଥିଲା। ସେହିଭଳି ବିଓବିର ନୂଆ ସିଇଓ ଭାବେ ସଞ୍ଜୀବ ଚଢା ନିଯୁକ୍ତ ହୋଇଛନ୍ତି। ତାଙ୍କୁ ମଧ୍ୟ ୩ ବର୍ଷ ଲାଗି ନିଯୁକ୍ତି ଦିଆଯାଇଛି। ଏସ୍‌ବିଆଇ କ୍ୟାପିଟାଲର ଏମ୍‌ଡି ତଥା ସିଇଓ ଭାବେ ଚଢା ବର୍ତ୍ତମାନ କାର୍ଯ୍ୟ କରୁଥିବା ବେଳେ ବ୍ୟାଙ୍କ ବୋର୍ଡ ବ୍ୟୁରୋ(ବିବିବି) ତାଙ୍କ ନାମକୁ ନୂଆ ପଦବୀ ଲାଗି ସୁପାରିସ କରିଥିଲା। ସେହିଭଳି ବାଙ୍ଗାଲୋର ଭିତ୍ତିକ କାନାରା ବ୍ୟାଙ୍କର ନୂଆ ସିଇଓ ଭାବେ ଏଲ୍.ଭି. ପ୍ରଭାକର ଫେବୃୟାରୀ ପହିଲାରୁ ଦାୟିତ୍ୱ ଗ୍ରହଣ କରିବେ। ସେ ବର୍ତ୍ତମାନ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଇଡି ଭାବେ ଅବସ୍ଥାପିତ ଅଛନ୍ତି। ଅପରପକ୍ଷରେ ଏସ୍‌ବିଆଇର ନୂଆ ଏମ୍‌ଡି ଭାବେ ସି.ଏସ୍.ସେଟ୍ଟୀଙ୍କୁ ୩ ବର୍ଷ ଲାଗି ନିଯୁକ୍ତି ଦିଆଯାଇଛି।

## କମିଲା ଶୀତ

# ୨୨ରେ ଘନ କୁହୁଡ଼ି, ୟେଲୋ ୱାର୍ନିଂ ଜାରି କଲା ପାଣିପାଗ ବିଭାଗ

**ଭୁବନେଶ୍ୱର,୨୦ା୧(ବ୍ୟୁରୋ):** ଶୀତର ପ୍ରକୋପ ହ୍ରାସ ପାଇ ଯାଇଛି। ସର୍ବନିମ୍ନ ତାପମାତ୍ରା ୧୨ରୁ ୧୮ ଡିଗ୍ରୀ ସେଲସିୟସକୁ ଟପିଗଲାଣି। ଜାନୁୟାରୀ ଶେଷ ନ ହେଉଣୁ ଗରମର ଆଭାସ ମିଳିଲାଣି। ଫେବୃୟାରୀ ମାସରୁ ପ୍ରବଳ ଖରା ହନ୍ତସନ୍ତ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କଲାଣି। ଆଣ୍ଟି ସାଇକ୍ଲୋନିକ ପରିବେଶ ଯୋଗୁ ବଙ୍ଗୋପସାଗର ପଟୁ ଉପକୂଳକୁ ଅଧିକ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଫଳରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାରେ କୁହୁଡି ପରିମାଣ ବୃଦ୍ଧି ପାଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବା ସହ ହାଲକା ଶୀତ ହେବ। ତେବେ ୨୨ ତାରିଖରୁ ଉପକୂଳ ସମେତ ଦକ୍ଷିଣ ଓଡିଶାର ଅଧିକାଂଶ ସ୍ଥାନରେ ପ୍ରବଳ କୁହୁଡି ହେବାର ସମ୍ଭାବନା ରହିଛି। ୨୨ ତାରିଖରେ ଦେବଗଡ, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡା, ସୁନ୍ଦରଗଡ, କନ୍ଧମାଳ, କୋରାପୁଟ, ମାଲକାନଗିରି, ସୋନପୁର, କେନ୍ଦୁଝର, ବଲାଙ୍ଗୀର ଆଦି ଜିଲାର ଅଧିକାଂଶ ଭାଗ ଘନ କୁହୁଡିରେ ଆଚ୍ଛାଦିତ ହେବ। ସେହିପରି ୨୩ ତାରିଖରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଜଗତ୍‌ସିଂହପୁର, ନୟାଗଡ, କନ୍ଧମାଳ, କଳାହାଣ୍ଡି, କେନ୍ଦ୍ରାପଡା, ଅନୁଗୋଳ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ଘନ କୁହୁଡି ହେବ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। କୁହୁଡିକୁ ଦୃଷ୍ଟିରେ ରଖି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ନରହନ୍ତା ଦନ୍ତାକୁ କାବୁ କଲା ବନ ବିଭାଗ

## ୪ ଦିନ ଜଗି ରହିବା ପରେ କରାଗଲା ଟ୍ରାଙ୍କୁଲାଇଜ୍

**ବନ୍ତଳା/ତାଳଚେର/ ଢେଙ୍କାନାଳ ଅଫିସ,୨୦ା୧**

ଅନୁଗୋଳ ବନଖଣ୍ଡ ତାଳଚେର ରେଞ୍ଜ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ନରହନ୍ତା ଦନ୍ତା ହାତୀକୁ ସୋମବାର କାବୁ କରିଛି ବନ ବିଭାଗ। ୪ ଦିନ ଧରି ରେଞ୍ଜ ଅଞ୍ଚଳରେ ଜଗି ରହିବା ପରେ ଅପରାହ୍ନ ପ୍ରାୟ ୨ଟା ୩୦ରେ ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ହାତୀକୁ ଟ୍ରାଙ୍କୁଲାଇଜ୍ କରିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ହାତୀ ସମ୍ପୂର୍ଣ୍ଣ ନିସ୍ତେଜ ହେବା ପରେ ତାକୁ ସ୍ୱତନ୍ତ୍ର ଟ୍ରକ୍‌ରେ ରାତିରେ ଢେଙ୍କାନାଳସ୍ଥିତ କପିଳାସ ଚିଡ଼ିଆଖାନାର ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟରକୁ ନିଆଯାଇଛି।

ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ତାଳଚେର ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ହେଲା ଉପଦ୍ରବ ଚଳାଇଥିବା ଉକ୍ତ ହାତୀକୁ ଟ୍ରାଙ୍କୁଲାଇଜ କରିବାକୁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଥିଲା। ସାତକୋଶିଆରେ ଥିବା କୁମ୍‌କୀ ହାତୀ ମହେନ୍ଦ୍ରକୁ ଏହି ଅପରେଶନରେ ସାମିଲ କରାଯିବାକୁ ସ୍ଥିର କରାଯାଇଥିଲେ ହେଁ ଶେଷ ମୁହୂର୍ତ୍ତରେ ତାହାକୁ ବାଦ୍ ଦିଆଯାଇଥିଲା। ଫଳରେ ଶୁକ୍ରବାରଠାରୁ ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଅନୁଗୋଳ ଏସିଏଫ୍ ଦାୟିତ୍ୱରେ ଥିବା ଆଇଏଫ୍ଏସ୍ ସାଇ କିରଣ, ଏସିଏଫ୍ ବାସୁଦେବ ନାଏକ, ସାତକୋଶିଆ ଏସିଏଫ୍ ସରୋଜ କୁମାର ପଣ୍ଡା, ଭୁବନେଶ୍ୱର ନନ୍ଦନକାନନର ପ୍ରାଣୀ ଡାକ୍ତର କମଳଲୋଚନ ପୁରୋହିତ, ତାଳଚେର ରେଞ୍ଜର ହିମାନି ନାୟକ ପ୍ରମୁଖଙ୍କୁ ମିଶାଇ ପ୍ରାୟ ୫୦ ଜଣ ବନ କର୍ମଚାରୀ ଓ ଅଧିକାରୀ ଉକ୍ତ ଦନ୍ତାକୁ ଜଙ୍ଗଲରେ ଜଗି ରହିଥିଲେ। ତେବେ ଅପରେଶନର ୪ର୍ଥ ଦିନରେ ସାତକୋଶିଆ ପ୍ରାଣୀ ଡାକ୍ତର ଦୁଇଟି ଡୋଜ୍‌ରେ ହାତୀକୁ ଟ୍ରାଙ୍କୁଲାଇଜ କରିବାରେ ସଫଳ ହୋଇଥିଲେ। ସମ୍ପୂର୍ଣ୍ଣ ନିସ୍ତେଜ ହେବା ପରେ ଗୋଡ଼ରେ ଲୁହା ଚେନ ବାନ୍ଧାଯାଇ ମେଶିନ ସହାୟତାରେ ଟ୍ରକ୍‌ରେ ଲୋଡ କରାଯାଇଥିଲା। ତେବେ କପିଳାସ ରେସକ୍ୟୁ ସେଣ୍ଟରରେ ପୂର୍ବରୁ କାର୍ତ୍ତିକ, ଉମା, ଚନ୍ଦୁ ଓ ହିରୋକୁ ମିଶାଇ ୪ଟି ହାତୀ ଥିବାରୁ ତାଳଚେରରୁ ଅଣାଯାଉଥିବା ଦନ୍ତାକୁ ସେମାନଙ୍କ ଠାରୁ ଅଲଗା ରଖାଯିବ। ଏଥିପାଇଁ ରାତିରେ ଆଲୋକ ବ୍ୟବସ୍ଥା କରାଯାଇଥିବା କପିଳାସ ରେଞ୍ଜର ଦର୍ଶନିଆ ଭୋଇ ସୂଚନା ଦେଇଛନ୍ତି।



ହାତୀ ଗୋଡ଼କୁ ଚେନରେ ବନ୍ଧାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୧ ଜାନୁୟାରୀ, ୨୦୨୦



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ଛନଛଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ: କେନ୍ଦୁଉଡାର ଚାମ୍ପିୟନ

ଟିକ୍ରାପଡା, ୨୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଷୋଡଶ ବର୍ଷ ସାତଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦୁଉଦାର ଓ ଟିକ୍ରାପଡା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଟିକ୍ରାପଡା ଦଳକୁ ୪-୩ ଗୋଲରେ ହରାଇ କେନ୍ଦୁଉଡାର ଚାମ୍ପିୟନ ହୋଇଥିଲା। ଗଣେଶ ଭୋଇ ଖେଳ ପରିଚାଳନା କରିଥିଲେ। ସୁବ୍ରତ ବେହେରାଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ, ସାମାଜିକ କର୍ମୀ ଦିଲୀପ ରାଜପଲିଆ, ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ, ରାଜେଶ ବେହେରା ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦୦୦ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୩୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ଉତ୍ତେଜନା

- ହତ୍ୟା ଅଭିଯୋଗ କଲେ ପରିବାର ଲୋକେ
- ହତ୍ୟାକାରୀ ଗିରଫ ଦାବିରେ ଜାତୀୟ ରାଜପଥ ଅବରୋଧ
- ପ୍ରେମଜନିତ ହତ୍ୟାକାଣ୍ଡ ଚର୍ଚ୍ଚା
- ଥାନାରେ ଯୁବତୀଙ୍କୁ ପଚରାଉଚରା

ବଲାଙ୍ଗୀର ଅଫିସ/ତରଭା, ୨୦।୧(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ମିଛାପାଲି ଗ୍ରାମର ଆଲୋକ ନାଏକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସୋମବାର ବଇରାସର ନିକଟରେ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଉତ୍ତ୍ୟକ୍ତ ଲୋକେ ଅବରୋଧ କରିଥିଲେ। ଆଲୋକ(୨୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ତୁରନ୍ତ ହତ୍ୟାକାରୀକୁ ଗିରଫ କରିବା ଦାବି ନେଇ ଏହି ରାସ୍ତାରୋକୋ କରାଯାଇଥିଲା। ହତ୍ୟାକାଣ୍ଡ ପଛରେ ପ୍ରେମଜନିତ କାରଣ ରହିଥିବା ଚର୍ଚ୍ଚା ଜୋର ଧରିଛି। ପୋଲିସ ଖଲିଆପାଲି ଗ୍ରାମର ଜଣେ ଯୁବତୀଙ୍କୁ ପୁଇଁତଲା ଥାନାକୁ ନେଇ ପଚରାଉଚରା କରୁଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ରବିବାର ରାତି ପ୍ରାୟ ୧ଟାରେ ଖଲିଆପାଲିର ଜଣେ ଯୁବତୀ ମିଛାପାଲିର ଅଶୋକ ନାଏକଙ୍କ ଘରକୁ ଯାଇ ତାଙ୍କ ପୁଅ ଆଲୋକ ସନ୍ଦେହଜନକ ଅବସ୍ଥାରେ ଖଲିଆପାଲି-ମିଛାପାଲି ଛକ ନିକଟରେ ପଡିଥିବା ଜଣାଇଥିଲେ। ସମ୍ପୃକ୍ତା ଯୁବତୀଙ୍କଠାରୁ ଏହା ଶୁଣିବା ପରେ ପରିବାର ଲୋକେ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଆଲୋକଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିକଟସ୍ଥ ତରଭା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। କିଭଳି ଭାବେ ଆଲୋକଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣାକୁ ନେଇ ମିଛାପାଲିରେ ଉତ୍ତେଜନା ଦେଖାଯାଇଥିଲା। ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ପଛରେ ପ୍ରେମଜନିତ ହତ୍ୟାକାଣ୍ଡ କାରଣ ବୋଲି ପ୍ରଚାର ହେବା ପରେ ଉତ୍ତ୍ୟକ୍ତ ଲୋକେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ହତ୍ୟାକାରୀଙ୍କ ଗିରଫ ଦାବିରେ ସେମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋକଙ୍କ ମୃତ୍ୟୁର ଉଚିତ୍ ତଦନ୍ତ କରାଯିବା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହାର ଖୁଲାସା କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ। ଏହାପରେ ପୁଇଁତଲା ପୋଲିସ ଖଲିଆପାଲି ଗ୍ରାମର ଜଣେ ଯୁବତୀଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ସମ୍ପୃକ୍ତ ଯୁବତୀଙ୍କ ସହ ମୃତ ଆଲୋକଙ୍କ ଦୀର୍ଘଦିନରୁ ପ୍ରେମସମ୍ପର୍କ ରହିଥିଲା ଓ ଘଟଣାଦିନ ରାତିରେ ଉଭୟେ ଖଲିଆପାଲି-ମିଛାପାଲି ଛକ ନିକଟରେ କଥାବାର୍ତ୍ତା ହେଉଥିବା କେତେକ ଲୋକ ଦେଖିଥିବା ଆଲୋଚନା ହେଉଛି। ଏହାପରେ କିପରି ଆଲୋକଙ୍କ ମୃତ୍ୟୁ ଘଟିଲା ଓ ଯୁବତୀ ଜଣକ କିଭଳି ଭାବେ ଆଲୋକଙ୍କ ଗାଁ ମିଛାପାଲି ଯାଇ ତାଙ୍କ ପରିବାର ଲୋକଙ୍କୁ ଡାକିଲେ ତାହା ସ୍ପଷ୍ଟ ହୋଇନାହିଁ। ମୃତ ଆଲୋକଙ୍କ ପିତା ଅଶୋକ ନାଏକ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ପୁଇଁତଲା ପୋଲିସ ଘଟଣାକୁ ନେଇ ଏକ ମାମଲା (ନଂ.୯/୨୦) ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜତ ହସପିଟାଲକୁ ନିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସମ୍ପର୍କରେ କୁହାଯାଇପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମୃତ ଯୁବକ ଓ ପ୍ରେମିକା କୁହାଯାଉଥିବା ଯୁବତୀ ଜଣକ ଭିନ୍ନ ସମ୍ପ୍ରଦାୟ ହୋଇଥିବାରୁ ସେମାନଙ୍କ ବିବାହକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ଚର୍ଚ୍ଚା ଜୋର ଧରିଛି।



ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥର ବଇରାସର ନିକଟରେ ରାସ୍ତାରୋକୋ କରାଯାଇଛି।

### ବୁଢ଼ୀମାଉଳି ଫୁଟବଲ: କୁଦେଇପାଲି, ନାଇକେନସିରା ବିଜୟୀ

ଦେଓଗାଁ,୨୦।୧(ଡି.ଏନ.ଏ)

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ମା' ବୁଢ଼ୀମାଉଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। କମିଟି ସଭାପତି ବୀରେନ୍ଦ୍ର କୁମାର ପୋଢ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥିଭାବେ ଜରାସିଂହା କୃଷିସେବା ସମବାୟ ସମିତିର ନିର୍ଦ୍ଦେଶିକା ଯଶୋଦା ମେହେର, ସମ୍ମାନୀତ ଅତିଥିଭାବେ ଉଡାର ସମିତି ସଭ୍ୟ ସୁରେଶ କୁମାର ମେହେର, ସ୍ଥାନୀୟ ସରପଞ୍ଚ କାହ୍ନୁ ମେହେର, ଫୁଟବଲ ଖେଳାଳି ସୁନ୍ଦରମଣୀ ଦଣ୍ଡସେନା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଦିବସରେ ଘୁଚିପାଲି ଓ କୁଦେଇପାଲି ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ଗୋଲରେ କୁଦେଇପାଲି ବିଜୟୀ ହୋଇଥିଲା। ସେହିପରି ମାକରଚୁଆଁ ଓ ନାଇକେନସିରା ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକର ୪-୩ଗୋଲରେ ନାଇକେନସିରା ବିଜୟୀ ହୋଇଥିଲା। ଖେଳକୁ ପ୍ରଶାନ୍ତ ଥନାପତି, କୁନ୍ତେ ମେହେର ଓ ପ୍ରଫୁଲ୍ଲ ମେହେର ପରିଚାଳନା କରିଥିଲେ।



ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଜିଲା କ୍ରିକେଟ୍ ସଂଘର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ଲାଲମନି ସ୍ମାରକୀ କ୍ରିକେଟ : ୨୫ରେ ଉଦ୍‌ଘାଟନୀ ଉତ୍ସବ

ସୋନପୁର,୨୦।୧(ନି.ପ୍ର.)

ଓଡିଶାର ଏକ ଲୋକପ୍ରିୟ ତଥା ସମ୍ମାନଜନକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଭାବେ ଖ୍ୟାତି ଅର୍ଜନ କରିଥିବା ଲାଲମନି ସ୍ମାରକୀର ଚଳିତ ୩୪ତମ ସଂସ୍କରଣରେ ୯ଟି ଦଳ ଅଂଶଗ୍ରହଣ କରିବେ। ରାଜ୍ୟର ୬ଟି ଓ ରାଜ୍ୟ ବାହାରର ୩ଟି ଦଳ। ଆସନ୍ତା ୨୫ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ସୋନପୁର ଗାନ୍ଧୀ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। ୨୬ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ୱିସଡମ୍ କ୍ରିକେଟ୍ ଏକାଡେମୀ ବିଳାସପୁର ଓ ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ୨୭ରେ କରିମ୍ ସ୍ପୋର୍ଟିଂ ନାଗପୁର ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର, ୨୮ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ୨୬ ଓ ୨୭ ତାରିଖର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ୨୯ରେ ପ୍ରୋଗ୍ରେସିଭ ଆସୋସିଏଶନ ଝାରସୁଗୁଡା ଓ ଜୟଦେବ ଆସୋସିଏଶନ ଭୁବନେଶ୍ୱର, ୩୦ରେ ୨୯ ତାରିଖର ବିଜେତା ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା, ୩୧ରେ ସେରସା ରାଞ୍ଚି ଓ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଫେବୃୟାରୀ ୧ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ୩୦ ଓ ୩୧ ତାରିଖର ବିଜେତା ମଧ୍ୟରେ ହେବ। ୨ ତାରିଖରେ ବହୁ ପ୍ରତିକ୍ଷିତ ଫାଇନାଲ ମ୍ୟାଚ୍ ଓ ଉଦ୍‌ଯାପନୀ ଉତ୍ସବ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଅନୁଷ୍ଠିତ ହେବ। ମ୍ୟାଚ୍‌ଗୁଡିକ ଟି-୨୦, ଟି-୧୦ ଓ ସୁପର-୨ ଓଭର ପଦ୍ଧତିରେ ଖେଳାଯିବ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଆକର୍ଷଣ ଭାବରେ ପ୍ରଖ୍ୟାତ୍ ଟିକ୍-ଟକ୍ କଳାକାର କୁକିଜ ସ୍ୱାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଟୁର୍ଣ୍ଣାମେଣ୍ଟର ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଆୟୋଜକ ସୁବର୍ଣ୍ଣପୁର ଜିଲା କ୍ରିକେଟ୍ ସଂଘ ପକ୍ଷରୁ ସଭାପତି ରାମଶଙ୍କର ସାହୁ, ସମ୍ପାଦକ ପ୍ରଦୀନ ସେଠୀ, ପ୍ରାକ୍ତନ ସଭାପତି ପଠାନ ପଣ୍ଡା ଓ ଅରବିନ୍ଦ ପୂଜାହାରୀ ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।

## ସ୍କାଉଟ ଗାଇଡ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

### ଅଂଶଗ୍ରହଣ କଲେ ୭୦ ସ୍କୁଲର ୪୨୨ ସ୍କାଉଟ ଗାଇଡ

ଅମରପାଲି, ୨୦।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ପାଞ୍ଚଦିନ ଧରି ଚାଲିଥିବା ଜିଲାସ୍ତରୀୟ ସ୍କାଉଟ ଓ ଗାଇଡ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ସ୍କାଉଟ ଓ ଗାଇଡ ମୁଖ୍ୟ କମିଶନର ତଥା ଡିଇଓ ପୁଷ୍ପା ମିଞ୍ଜ ମୁଖ୍ୟଅତିଥି ଏବଂ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ ଓ ବ୍ୟାଙ୍ଗ କବି ଅନୁପ୍ରିୟା ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସ୍କାଉଟ ଗାଇଡ ଜିଲା କମିଶନର ବୈଦ୍ୟନାଥ କର୍ଣ୍ଣ ସଭାରେ ଅଧ୍ୟକ୍ଷତା କରିଥିଲେ। ସ୍କାଉଟ ଓ ଗାଇଡ ଜିଲା ସମ୍ପାଦକ ଦୁର୍ଯ୍ୟୋଧନ ରାଉତ ସଭା ସଂଯୋଜନା କରିଥିଲେ। ଉକ୍ତ ଶିବିରରେ ଜିଲାର ୬ଟି ବ୍ଲକର ୭୦ଟି ସ୍କୁଲର ୪୨୨ଜଣ ସ୍କାଉଟଗାଇଡ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେହ ବିଭିନ୍ନ ପ୍ରତିଯୋଗୀତା କରାଯାଉଥିଲା। ଏହା ସହିତ ସ୍କାଉଟ ଓ ଗାଇଡମାନେ ଦୁଃଶାହସିକ କ୍ରୀଡା କୌଶଳ ପ୍ରଦର୍ଶନ କରୁଥିଲେ। ପ୍ରତ୍ୟେହ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ର୍‍ୟାମ୍ପ ଶୋ ଆଦି କରାଯାଉଥିଲା।




ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ସ୍କାଉଟ ଓ ଗାଇଡ।

## ବ୍ରାହ୍ମଣ ଏକତା ମଞ୍ଚ ପକ୍ଷରୁ ସାମୂହିକ ବ୍ରତୋପନୟନ

ପାଟଣାଗଡ, ୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ସୋଲବନ୍ଧ ରାମ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ଏକତା ମଞ୍ଚ ତରଫରୁ ତିନିଦିନ ବ୍ୟାପୀ ବ୍ରହ୍ମ ଗାୟତ୍ରୀ ଯଜ୍ଞ ଏବଂ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ମୁଖ୍ୟ ଆଚାର୍ଯ୍ୟ ଭାବେ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଛନ୍ଦାଚରଣ ମିଶ୍ର ଏବଂ କର୍ତ୍ତାଭାବେ ସୁବର୍ଣ୍ଣା ଷଡଙ୍ଗୀ ଏବଂ ମୁରଲୀଧର ଷଡଙ୍ଗୀ ଦାୟିତ୍ୱ ନିର୍ବାହ କରିଥିଲେ। ଅଞ୍ଚଳର ୧୧ଜଣ ବ୍ରାହ୍ମଣ ପିଲାଙ୍କୁ ବ୍ରତୋପନୟନ କରାଯାଇଥିଲା। ୧୫ ଜଣ ଆଚାର୍ଯ୍ୟ ଯୋଗଦେଇ ବ୍ରତ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୨ ହଜାର ବ୍ରାହ୍ମଣ ପରିବାର ଯୋଗ ଦେଇଥିଲେ। ରବିବାର ସାବିତ୍ରୀ ପ୍ରଦାନ, ସାଧୁସନ୍ଥଙ୍କ ଆଶୀର୍ବାଦ ଏବଂ ଯଜ୍ଞ ପୂର୍ଣ୍ଣାହୁତି ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।




ଅତିଥି ବୃନ୍ଦ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ନିୟୁ ଷ୍ଟାରକୁ ଟାଇଟଲ

### ବାବାସାହେବ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ସୋନପୁର,୨୦।୧(ନି.ପ୍ର.)

ସୋନପୁର ରାମେଶ୍ୱର ନିକଟସ୍ଥ ଷ୍ଟାଡିୟମରେ ୫ ଦିନ ଧରି ଚାଲିଥିବା ବାବା ସାହେବ ମୋମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଭୀମ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଷାଣ୍ଢ ସ୍ପୋର୍ଟିଂ ଓ ନିୟୁ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଷାଣ୍ଢ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଦଳ ୧୦ ଓଭରରେ ୫୫ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ନିୟୁ ଷ୍ଟାର ଦଳ ୭.୫ ଓଭରରେ ୯ ଉଇକେଟ୍ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ନିୟୁ ଷ୍ଟାରର ବିକିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଆୟୋଜକ ଭୀମ ସ୍ପୋର୍ଟିଂର କୁମାର ସାଗର ବେଷ୍ଟ ଅଲ ରାଉଣ୍ଡର ବିବେଚିତ ହୋଇଥିଲେ। ପିଙ୍କୁ ବେହେରା ଓ ସବ୍ୟସାଚୀ ମିଶ୍ର ଖେଳ ପରିଚାଳନା କରିଥିଲେ। ସଂଗ୍ରାମ ନାଏକ ଓ ଚିରଞ୍ଜିବ୍ ମହାନନ୍ଦ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ସଭାରେ ଅଭିମନ୍ୟୁ କୁଶଳ ମୁଖ୍ୟ ଅତିଥି, ଜିଲା କନଷ୍ଟେବଳ ହାବିଲଦାର ସଂଘ ସଭାପତି କୁମୁଦ ରଞ୍ଜନ ମେହେର, ଶ୍ରୀରାମ ସୁନା, ଶନ୍ତନୁ ବାଗ, ରାକେଶ ନାଗ, ସୁବୁଧ ମିର୍ଗା, ଦେବେନ୍ଦ୍ର ସାଗର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ୧୫ ହଜାର ଟଙ୍କା ଓ ରନର୍ସ ଅପ ଷାଣ୍ଢ ସ୍ପୋର୍ଟିଂକୁ ଟ୍ରଫି ଓ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## ସଂସ୍କୃତି ଅଞ୍ଚଳର ବିକାଶରେ ସହାୟକ ହୁଏ

### ବୀରମହାରାଜପୁର ମୈତ୍ରୀସଦନରେ ସାଂସ୍କୃତିକ ସାଧାରଣ ସଭା

ଅମରପାଲି, ୨୦।୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏକ ସଂସ୍କୃତି ସମ୍ପନ୍ନ ଅଞ୍ଚଳ। କୌଣସି ଅଞ୍ଚଳର ବିକାଶରେ ସଂସ୍କୃତି ସହାୟକ ହୋଇଥାଏ। ତେଣୁ ସଂସ୍କୃତିକୁ ବଜାୟ ରଖିବା ଆବଶ୍ୟକ। ଅଞ୍ଚଳର ସଂସ୍କୃତିକୁ ବଜାୟ ରଖିବା ପାଇଁ ବୀରମହାରାଜପୁର ସାଂସ୍କୃତିକ ସଂସଦ ସର୍ବଦା ଚେଷ୍ଟିତ। ସୋମବାର ସ୍ଥାନୀୟ ମୈତ୍ରୀସଦନଠାରେ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମଞ୍ଚାସୀନ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ। ସାଂସ୍କୃତିକ ସଂସଦର କାର୍ଯ୍ୟକାରୀ ସଭାପତି ସ୍ୱୟଂମ୍ଭୁନାଥ ଖଣ୍ଡଗିରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସାଧାରଣ ସଭାରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ସାଂସ୍କୃତିକ ସଂସଦର ବରିଷ୍ଠ ଉପଦେଷ୍ଟା ଡ. ବଳରାମ ମିଶ୍ର ଓ ସଂସଦର ସାଧାରଣ ସମ୍ପାଦକ ଭୂଷଣ ପାତ୍ର ମଞ୍ଚାସୀନ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ସ୍ଥାନୀୟ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମୈତ୍ରୀସଦନର ପାର୍ଶ୍ୱରେ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୪ ଲକ୍ଷ ଟଙ୍କା ଅନୁଦାନର ମୈତ୍ରୀ ମଣ୍ଡପର ମନ୍ତ୍ରୀ ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରି ଆଗାମୀ ଦିନରେ ସଂସ୍କୃତିର ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ବୁଦ୍ଧିଜୀବି, ସଂସ୍କୃତି ପ୍ରେମୀ, ବିଭିନ୍ନ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଭୂଷଣ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଅନୁଷ୍ଠିତ ସାଂସ୍କୃତିକ ସଭାରେ ମଞ୍ଚାସୀନ ଅତିଥିମାନେ।

### ଜୟଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ବୀରମହାରାଜପୁର ବାଘାସ ଚାମ୍ପିୟନ

ଅମରପାଲି, ୨୦।୧ (ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ବିଶାଲପାଲି ପଡିଆରେ ଚାଲିଥିବା ୬ଷ୍ଠ ଜୟଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିଶାଲପାଲି, ପାତରପାଲି ଓ ଚିଙ୍ଗିରାନାଲିର ମିଳିତ ଆନୁକୂଲ୍ୟରେ ହେଉଥିବା ଉକ୍ତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଲୁତୁରପଙ୍କ ଓ ବୀରମହାରାଜପୁର ବାଘାସ ମଧ୍ୟରେ ହୋଇଥିଲା। ମ୍ୟାଚଟି ଟି-୧୨ ଓ ୫-୫ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମ ଫର୍ମାଟରେ ଲୁତୁରପଙ୍କ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୦୫ ରନ କରିଥିଲା। ଦଳର ଲିଙ୍ଗା ୩୯ ରନ ଓ ଜୟ ପ୍ରକାଶ ୨୦ରନ କରିଥିଲେ। ବିପକ୍ଷ ଦଳର ଅଭି ୨ଟି ଉଇକେଟ ନେଇଥିଲେ। ଜବାବରେ ବୀରମହାରାଜପୁର ଦଳ ଅନୀଲଙ୍କ ୭୭ ରନ ସହାୟତାରେ ୧୨ ଓଭରରେ ୩ ଉଇକେଟ ହରାଇ ୧୦୬ରନ କରିଥିଲା। ସେହିପରି ୫-୫ ଓଭର ବିଶିଷ୍ଟ ଫର୍ମାଟରେ ଲୁତୁରପଙ୍କ ୫ଉଇକେଟ ହରାଇ ୪୦ରନ କରିଥିବା ବେଳେ ବୀରମହାରାଜପୁର ୫ ଓଭରରେ ୨ଉଇକେଟ ହରାଇ ୪୧ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବୀରମହାରାଜପୁର ଚାମ୍ପିୟନ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦୁର୍ଜନଟୈଲା ସରପଞ୍ଚ ରଞ୍ଜିତ ଖେତୀ ମୁଖ୍ୟଅତିଥି ଏବଂ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ଦନ୍ତା, ପ୍ରଦୀପ ଜଗଦଲା, ସ୍ୱେଚ୍ଛାସେବୀ ଆନନ୍ଦ ବିଶ୍ୱାଳ, ଶିକ୍ଷକ ବାଙ୍କା ବିହାରୀ ମହାକୁର, ରମେଶ ପଧାନ ଓ ଜିଆରଏସ ଲଳିତ ପଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବୀରମହାରାଜପୁରର ଅନୀଲଙ୍କୁ ଶ୍ରେଷ୍ଠ ସିକ୍ସର, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଲୁତୁରପଙ୍କର ଲିଙ୍ଗାକୁ ମ୍ୟାନ ଅଫ୍ ଦି ସିରିଜ, ସିଦ୍ଧାନ୍ତଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ସୁରେଶ ବିଶି ଓ ରାକେଶ ପତି ପରିଚାଳନା କରିଥିବା ବେଳେ ପ୍ରଦୀପ ସାହୁ ସ୍କୋରିଂ ଏବଂ ଲମ୍ବୋଦର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ବୀରମହାରାଜପୁର ବାଘାସ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୧ ଜାନୁୟାରୀ, ୨୦୨୦

ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ..

### ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବରପାଲି,୨୦।୧(ଡି.ଏନ୍.ଏ.): ବରପାଲି ବ୍ଲକ ଅଧୀନ ବିଶିପାଲି ରାସ୍ତା ବୁଲାଣିଛକରେ ଏକ ଗାଡି ଧକ୍କାରେ ରବିବାର ରାତି ପ୍ରାୟ ୮ଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଶିପାଲି ଗ୍ରାମର ଲେକରୁ ପଧାନ(୬୮)। ମିଳିଥିବା ସୂଚନା ମୁତାବକ, ବଲିଟିକ୍ରା ଛକରୁ ଲେକରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ହେଲେ ରାମପୁରରୁ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ବିଶିପାଲି ରାସ୍ତା ବୁଲାଣିଛକରେ ସାଇକେଲକୁ ଧକ୍କା ଦେଇ ଫେରାର ହୋଇଥିଲା। ଫଳରେ ଲେକରୁ ରାସ୍ତାରେ ଛିଟିକି ପଡି ମୁଣ୍ଡରେ ଗଭୀର ଆହାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଚିହ୍ନଟ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବରପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବରପାଲି ଥାନା ପୋଲିସ ଡାକ୍ତରଖାନା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୋମବାର ସକାଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବରପାଲି ଥାନା ପୋଲିସ ଏକ ମାମଲା(ନଂ.୧୯/୨୦) ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ମୁଖ୍ୟ ଡାକଘର ଆଗରେ ଉପଭୋକ୍ତାଙ୍କ ଧାରଣା

## ସୁକନ୍ୟା ସମୃଦ୍ଧି ଯୋଜନା ଜମାରାଶି ଆତ୍ମସାତ୍ ଘଟଣା

ବରଗଡ଼ ଅଫିସ୍,୨୦।୧

ବରଗଡ଼ ବ୍ଲକ ଅନ୍ତର୍ଗତ ବରାହଗୋଡ଼ାସ୍ଥିତ ଡାକଘରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଉପଭୋକ୍ତାଙ୍କ ଜମାରାଶି ଆତ୍ମସାତ୍ ଘଟଣାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ସୋମବାର ବରାହଗୋଡ଼ାର ଉପଭୋକ୍ତାମାନେ ପିଲାଛୁଆଙ୍କୁ ଧରି ବରଗଡ଼ ଥାନା ଛକସ୍ଥିତ ମୁଖ୍ୟ ଡାକଘର ସମ୍ମୁଖରେ ଧାରଣା ଦେଇଥିଲେ। ଏପରି କି ସମ୍ପୃକ୍ତ ଡାକ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଜମାରାଶି ଫେରସ୍ତ ଦାବି କରିଥିଲେ। ମୁଖ୍ୟ ଡାକଘର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଗିରିଶ ଚନ୍ଦ୍ର ସାହୁ, ସୁଜିତ ମହାରଣା, ଇନ୍ସପେକ୍ଟର ରୁବି ଦାଶ ପ୍ରମୁଖ ଉପଭୋକ୍ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାବେଳେ ଅଧିକାରୀମାନେ ସମ୍ପୃକ୍ତ ଡାକ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିବା କହିଥିଲେ। ଜମାରାଶି ଫେରସ୍ତ ଦାବି ବିଚାରକୁ ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ।

ସୂଚନାଯୋଗ୍ୟ, ସୁକନ୍ୟା ସମୃଦ୍ଧି ଯୋଜନାରେ ବରାହଗୋଡ଼ା ଗ୍ରାମର ଉପଭୋକ୍ତାମାନେ ସ୍ଥାନୀୟ ଡାକଘରେ ଆକାଉଣ୍ଟ ଖୋଲି ନିୟମିତ ଉଦ୍ଦିଷ୍ଟ ରାଶି ଜମା କରି ଆସୁଥିଲେ । ଏପରି କି ଡାକ କର୍ମଚାରୀ ଜମାଖାତାରେ ମଧ୍ୟ ତାହା ଉଲ୍ଲେଖିତ କରିଥିଲେ। ହେଲେ ସମ୍ପୃକ୍ତ କର୍ମଚାରୀ ଚଞ୍ଚକତା କରି ଜମାଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଗତ ୧୧ତାରିଖରେ ଉପଭୋକ୍ତାମାନେ ଜାଣିବାକୁ ପାଇଥିଲେ । ଏଭଳି ଭାବେ ସୁକନ୍ୟା ସମୃଦ୍ଧି ଯୋଜନା ସମେତ ଅନ୍ୟ କେତେକ ଆକାଉଣ୍ଟରୁ ସମୁଦାୟ ୧୫ରୁ ୧୮ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି।

ଘଟଣା ସଂକ୍ରାନ୍ତରେ ଉପଭୋକ୍ତାମାନେ ସ୍ଥାନୀୟ ଡାକଘରକୁ ଯାଇ ପୋଷ୍ଟ ମାଷ୍ଟରକୁ ଅବଗତ କରାଇବା ସହ ବରଗଡ଼ ଟାଉନ ଥାନାକୁ ଆସି ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ଉପଭୋକ୍ତାମାନେ ସମ୍ପୃକ୍ତ ଡାକ କର୍ମଚାରୀଙ୍କୁ ଧରି ଥାନାକୁ ଆଣିଥିଲେ । ପୋଲିସ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷେ ଉପଭୋକ୍ତାମାନେ ସେମାନଙ୍କ ଜମାରାଶି ଫେରି ପାଇବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ଦିଗରେ ବିହିତ ପଦକ୍ଷେପ ଦାବି କରି ଉପଭୋକ୍ତାମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ସାମାଜିକ କର୍ମୀ ରମେଶ ମହାପାତ୍ରଙ୍କ ନେତୃତ୍ୱରେ ଗୋକୁଳ ମହାନନ୍ଦ, ମନବୋଧ ସାହୁ, ରୋହିତ ସାହୁ, ପ୍ରମୋଦ କୁମାର ପ୍ରଧାନ, ବିକାଶ ବେହେରା, ଆର୍ତ୍ତ ସାହୁ, ଉସତ କୁମ୍ଭାରଙ୍କ ସମେତ ଗ୍ରାମବାସୀ ଧାରଣାରେ ସାମିଲ ଥିଲେ।


ଉପଭୋକ୍ତାମାନେ ପିଲାଛୁଆ ଧରି ବରଗଡ଼ ମୁଖ୍ୟ ଡାକଘର ଆଗରେ ଧାରଣାରେ ବସିଛନ୍ତି ।

### ନୂଆଁଗଡ଼ ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟା

ଭଟଲି,୨୦।୧(ଡି.ଏନ.ଏ)

ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଦର୍ଶିତ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୋକନାଟ୍ୟ ୧୩ତମ ନୂଆଁଗଡ଼ ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ପଞ୍ଚମ ଦିବସ। ଏହି ଅବସରରେ ମହାରାଜ କଂସ ପାତ୍ରମନ୍ତ୍ରୀଙ୍କ ସହ ଦିଗ୍‌ବିଜୟରେ ବାହାରି ନଗର ଭ୍ରମଣ କରିଥିଲେ। ଅନ୍ୟପକ୍ଷେ ମହାରାଜ କଂସଙ୍କ ଆଦେଶରେ ମାୟାବିନୀ ପୁତନା ଗୋପପୁରରେ ପହଞ୍ଚି କୃଷ୍ଣଙ୍କୁ ହତ୍ୟା ଉଦ୍ୟମ କରିଥିଲେ । ହେଲେ ପ୍ରଭୁ କୃଷ୍ଣଙ୍କ ହାତରେ ପୁତନାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ମହାରାଜ କଂସ ରାଜଦରବାରକୁ ଫେରି ରାଜକାର୍ଯ୍ୟ ଚଳାଇଥିବା ବେଳେ ବାରମ୍ବାର ତାଙ୍କ ମାନସ ପଟରେ ପ୍ରତିଧ୍ୱନିତ ହେଉଥିଲା ମୃତ୍ୟୁ ରହସ୍ୟର ଶୂନ୍ୟବାଣୀ । ଏହି ଆଶଙ୍କାରୁ ମୁକ୍ତି ପାଇବା ପାଇଁ ମହାରାଜା କଂସ ନର୍ତ୍ତକୀଙ୍କ ନୃତ୍ୟ ଗୀତରେ ବିଭୋର ଥିବା ବେଳେ ରାକ୍ଷସୀ ପୁତନାଙ୍କ ନିହତ ସମ୍ବାଦ ଦରବାରରେ ପହଞ୍ଚିଥିଲା । ଏହାଶୁଣି ମହାରାଜା କଂସ ମର୍ମାହତ ହୋଇପଡିଥିବା ନାଟ୍ୟ ଅଭିନିତ ହୋଇଥିଲା। ସେହିପରି ମଞ୍ଚରେ ପୌରାଣିକ କଥାବସ୍ତୁକୁ ନେଇ ବିଭିନ୍ନ ଦୃଶ୍ୟ ଅଭିନୀତ ହୋଇଥିଲା । ସୋମବାର ରାଜଦରବାରରେ ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସରୋଜ ମହାପାତ୍ର ପ୍ରମୁଖ ରାଜ ଅତିଥି ଭାବେ ଯୋଗ ଦେଇଥିଲେ।

### ବେଲଡୁଙ୍ଗରିରେ ନବାହ୍ନ ପାରାୟଣ ସମ୍ପନ୍ନ

ଭେଡ଼େନ, ୨୦।୧(ଡ଼ି.ଏନ.ଏ) ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଅରେଇଗୁଡ଼ି ପଞ୍ଚାୟତର ସାଲେପାଲି ବେଲଡୁଙ୍ଗରି ପୀଠରେ ଗତ ୧୧ ତାରିଖରୁ ଚାଲିଥିବା ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ନାମଯଜ୍ଞ, ମାନସ ପାରାୟଣ, ଚଣ୍ଡୀପାଠ, ରୁଦ୍ରାଭିଷେକ, ରାମ ଏବଂ ବିଷ୍ଣୁ ସହସ୍ର ନାମ ପାରାୟଣ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଧିବାମନ ମନ୍ଦିରର ପୂଜକ କପିଳେଶ୍ୱର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଖଣ୍ଡ ନାମଜପ ସହ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ରାମ ଚରିତ ମାନସ ପାରାୟଣରେ ପାତାଲି ଶ୍ରୀକ୍ଷେତ୍ରର ବ୍ୟାସ ଶ୍ରୀରାମ ପଣ୍ଡା, ରଘୁନାଥ ମନ୍ଦିରରେ ଶ୍ରୀରାମ ସହସ୍ରନାମ ପାରାୟଣରେ ଭବାନୀ ପାଲିର ନନ୍ଦିଘୋଷ ପାଢ଼ୀ, ମାଉଲି ମନ୍ଦିରରେ ଚଣ୍ଡୀପାଠରେ ଗୋପାଳ ଶତପଥୀ ଏବଂ ବେଲଡୁଙ୍ଗରିରେ ରୁଦ୍ରାଭିଷେକରେ ଅବିନାଶ ମହାପାତ୍ର, ମାନସ ଯଜ୍ଞରେ ସିନ୍ଦୂରପୁରର କୈଳାସ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ଓ ପାରାୟଣ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ରାଧାମାଧବ ଆଶ୍ରମ ମହନ୍ତ ହରିଚରଣ ଦାଶ, ଡ଼ମ୍ବରୁଗଡ଼ାର ଗିରିବର ଦାଶ, ସୋନପୁରର ବଂଶୀଧର ଦାଶ ପ୍ରମୁଖ ସାଧୁ ସନ୍ଥ ଯୋଗଦେଇଥିଲେ। କର୍ତ୍ତା ଭାବେ ସୁଦାମ ବରିହା, ନିମାଇଁ ପ୍ରଧାନ, ପଦ୍ମନ ପ୍ରଧାନ, ସର୍ବେଶ୍ୱର ପ୍ରଧାନ, ପ୍ରମୋଦ ଭୋଇ, ସତ୍ୟ ସାହୁ ଏବଂ ତାଙ୍କର ସ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମର ଯୁବକମାନେ ରାମଲୀଲାର ବିଭିନ୍ନ ଦୃଶ୍ୟକୁ ଅଭିନୟ କରିଥିଲେ।

# ଆଇଆଇଟି ଜେଇଇ ମେନ୍‌ରେ ବିକାଶର ସଫଳତା

ବରଗଡ଼ ଅଫିସ୍,୨୦।୧

ଚଳିତବର୍ଷର ଆଇଆଇଟି-ଜେଇଇ ମେନ୍ ପ୍ରବେଶିକା ପରୀକ୍ଷାଫଳ ଶନିବାର ପ୍ରକାଶିତ ହୋଇଛି। ଏଥିରେ ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଛାତ୍ରୀଛାତ୍ରମାନେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ ୯୮, ୪୯ଜଣ ୯୦, ୯୮ଜଣ ୮୦ ଏବଂ ୧୦୩ଜଣ ଛାତ୍ରୀଛାତ୍ର ଗତବର୍ଷର କଟ୍ ଅଫ୍ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ସଫଳ ହୋଇଥିବା ବିକାଶ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି ।

ବିକାଶ ଗ୍ରୁପର ବରଗଡ଼ ଶାଖାର ବିବୁଧେନ୍ଦ୍ର ପଣ୍ଡା ସର୍ବାଧିକ ୯୮.୯୮ ପ୍ରତିଶତ ପାଇଥିବାବେଳେ ଅଭୟ କୁମାର ଅଗ୍ରୱାଲ ୯୮.୭୮, ଧୀରଜ ପଟେଲ ୯୮.୭୦, ଅନୁଜ ବଂଶଲ ୯୮.୬୬, ସ୍ୱସ୍ତିକ ମିଶ୍ର ୯୮.୩୮ ପ୍ରତିଶତ ରଖିଛନ୍ତି । ସେହିପରି ବିକ୍ରାନ୍ତ କୁମାର ବେହେରା, ଇପସିତା ମିଶ୍ର, ଆକାଶ ସାହୁ ୯୭ପ୍ରତିଶତ ସହିତ ତାଲିକାର ଶ୍ରେଷ୍ଠରେ ରହିଛନ୍ତି । ସେହିପରି ଭୁବନେଶ୍ୱର ଶାଖାରୁ ସମ୍ବିତ ସଂକଳ୍ପ ୯୮.୧୩ ପ୍ରତିଶତ ରଖି ଶୀର୍ଷରେ ଥିବାବେଳେ ୨୫ଜଣ ୮୦ ପ୍ରତିଶତ ଏବଂ ୨୯ଜଣ ଗତ ବର୍ଷର କଟ୍ ଅଫ୍ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି ।

ସମ୍ବଲପୁର ଶାଖାରୁ ଦିବ୍ୟରଞ୍ଜନ ଓରାମ ୯୬.୯୪ ପ୍ରତିଶତ ରଖିଥିବାବେଳେ ୨ଜଣ ୯୦, ୩ ଜଣ ୮୦ ଏବଂ ୪ ଜଣ ଗତବର୍ଷର କଟ୍‌ଅଫ୍ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବିକାଶ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି । ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀକ୍ରିଷ୍ଣା, ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ଡାଇରେକ୍ଟର(ଏକାଡ଼େମିକ୍ସ) ଭି. ଶ୍ରୀନିବାସ, ବିକାଶ ଆବାସିକ ସ୍କୁଲର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଏକାଡ଼େମିକ ପ୍ରୋଗ୍ରାମ କୋ ଅର୍ଡିନେଟର ଜି. ରାମକ୍ରୀଷ୍ଣା ପ୍ରମୁଖ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।


ବିବୁଧେନ୍ଦ୍ର ପଣ୍ଡା ।


ଅଭୟ କୁମାର ଅଗ୍ରୱାଲ ।


ଧୀରଜ ପଟେଲ ।


ଅନୁଜ ବଂଶଲ ।


ସ୍ୱସ୍ତିକ ମିଶ୍ର ।


ସମ୍ବିତ ସଂକଳ୍ପ ।

# ୩ ଝିଅଁର ଭବିଷତ୍ ଚିନ୍ତାରେ ପୁଷ୍ପକାନ୍ତି

## ଆପ୍‌ନେ ଆରପାରେ

ଅତାବିରା, ୨୦।୧ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ବିଶିପାଲି ଗାଁର ନିସାହା ବିଧବା ମହିଲା ପୁଷ୍ପକାନ୍ତି ଝାଙ୍କର(୩୦)। ଆପ୍‌ନେ ପ୍ରଶାନ୍ତ ଝାଙ୍କରକୁଁ ଦିନାକେତେ ତଲେ ହରେଇଛନ୍। ଏନ୍‌ତାଥି ପୁଷ୍ପକାନ୍ତି ୩ ଝିଅଁର ଭବିଷତ୍ ଚିନ୍ତାରେ ଭାଂଗି ପଡ଼ିଛନ୍।

ସୂଚନା ଅନ୍‌ସାରେ ବିଶିପାଲି ଗାଁର ବିଧବା ମହିଲା ପୁଷ୍ପକାନ୍ତିକଁର ପରିବାର କହେଲେ ଝିଁ ଜେମାଦେଇ (୧୪), ଲିପସା (୧୧) ଆର ଓ ନିତିଶା (୧)କୁଁ ନେଇ ସଁସାର। ଆପ୍‌ନେ ପ୍ରଶାନ୍ତ ଝାଙ୍କର ଗଲା ୧୬ ତାରିଖ କେହେନ୍‌ସି କାରନ୍‌ରୁ ଆରପାରକେ ଚାଲିଯାଇଛନ୍। ପରିବାରଟା ଗରିବ୍ ହେଇଥିଲାବେଳେ ଜମିବାଡ଼ି ଦୁଇ ଟୁକ୍‌ରି ଅଛେ। ହେଲେ ସେଟା ବି ଭିନେ ଭିନେ ସମିଆରେ ଅଭାବ ଅନାଟନ ଲାଗି ପ୍ରଶାନ୍ତ ବଁଧକ୍ ପକେଇଛନ୍। ପ୍ରଶାନ୍ତ କୁଲି ମଜୁରି କରି ଜାହା ରୁଜ୍‌ଗାର କରୁଥିଲେ ସେଥିରେ ପରିବାର ଚଲବାର ସଂଗେ ଝିଁମାନକର ପାଠ୍‌ପଢ଼ା ଖରଚ୍ ତୁଲଉଥିଲେ। ଏହେଦେ ତାକର ଦୁଇ ଝିଁ ଜେମାଦେଇ ଆର ଲିପସା ବରଗଡ଼ ବରଡ଼ୋଲ ଆଶ୍ରମ ସ୍କୁଲରେ ପାଠ୍ ପଢୁଛନ୍। ହେଲେ ପ୍ରଶାନ୍ତକଁର ଚାଲିଯିବାର ଉତାରୁ ଝିଁମାନକର କଥା କିଏ ବୁଝିବା, ସେମାନକର ଭବିଷତ୍ କାଣା ହେବା ଇ ସବୁ କଥା ଭାଲି ପୁଷ୍ପକାନ୍ତି ଭାଂଗି ପଡ଼ିଛନ୍। ସେନ୍‌ତା ପ୍ରଶାନ୍ତକଁର ନାଁରେ ଗୁଟେ ଆବାସ ଘର ମିଳିଛେ। ହେଲେ ସେଟା ବି ଅଧିପନ୍ତରିଆ ହେଇ ପଡ଼ିଛେ ବଲି ପୁଷ୍ପକାନ୍ତି କହିଛନ୍। ଜିଲା ଆର ଥାନୀଅ ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍ଟି ଦେଇ ସରକାରୀ ସାହାଯ୍ ସଂଗେ ଛୁଆକର ପାଠ୍‌ପଢ଼ା ବେବସ୍ତା କରବାକେ ଗାଁବାସୀ ଦାବି କରିଛନ୍।


ତିନ୍ ଝିଅଁର ସଂଗେ ପୁଷ୍ପକାନ୍ତି।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ପଦ୍ମପୁର,୨୦।୧(ଡି.ଏନ.ଏ.)

ବରଗଡ଼ ଜିଲା ଜମଲା ଉଚ୍ଚ ମାଧମିକ ବିଦ୍ୟାଳୟର ଷଡବିଂଶତମ ବାର୍ଷିକ ଉତ୍ସବ ମହାସମାରୋହ ପାଳିତ ହୋଇଯାଇଛି। ଅଧକ୍ଷ ବିରଜାପ୍ରସାଦ ଦଳପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଅଧକ୍ଷ ଡ. ଲଲିତେନ୍ଦୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମେଳା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଡ. ମାନଭଞ୍ଜନ ପ୍ରଧାନ ସମ୍ମାନିତ ଅତିଥି, ଅଧାପକ ଡ. ଜୟକେତନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ଦିଗଦର୍ଶନ ଦେଇଥିଲେ। ଅଧାପକ ରମେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପିକା ନିଳୀମା କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ରମାକାନ୍ତ ସା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଶ୍ରୀହରି କଥା ଉଦ୍‌ଘାଟିତ

ପଦ୍ମପୁର,୨୦।୧(ଡି.ଏନ.ଏ.)

ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥା ସମ୍ବଲପୁର ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଭେଉଁରିଆଛକ ନିକଟ ଅଶୋକ ପଡ଼ିଆରେ ସୋମବାର ଶ୍ରୀହରି କଥାର ଶୁଭାରମ୍ଭ ହୋଇଯାଇଛି । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀହରି କଥା ସହ ଭଜନ ସଂକୀର୍ତ୍ତନ ପରିବେଷିତ ହେବ। ଦିବ୍ୟଜ୍ୟୋତି ଭାରତୀ ସୋମବାର ଶ୍ରୀହରି କଥା ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମ ଅପରାହ୍ନ ୪ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

# ଶିବଶଙ୍କର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ପଦ୍ମପୁର,୨୦।୧(ଡି.ଏନ.ଏ.)

ସ୍ଥାନୀୟ ଟାଉନ ବ୍ଲକ ବ୍ୟାଡମିଣ୍ଟନ ପଡ଼ିଆରେ ଚାଲିଥିବ ଦ୍ୱିତୀୟ ଶିବଶଙ୍କର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ପଦ୍ମପୁର ଦଳର ଅମିତ ଏବଂ ନିପୁନ ଚାମ୍ପିୟନ ହୋଇଥିବା ବେଳେ ମହାସମୁନ୍ଦର ମାୟଙ୍କ ଶ୍ରୀବାସ୍ତବ ଓ ବୈଭବ ଶ୍ରୀବାସ୍ତବ ରନର୍ସ ଅପ ହୋଇଥିଲେ । ଅଭିଷେକ ଦାଶ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିବା ବେଳେ ପଦ୍ମପୁରର ଅରନାଭ ନାଏକ ଓ ବୋଧିସ୍ତ ସାହୁ ଫ୍ଲେୟାର ଟିମ ଭାବେ ମନୋନୀତ ହୋଇଥିଲେ । ପଦ୍ମପୁର ଦଳ ଫାଷ୍ଟ ସେଟରେ ୨୩-୨୧ ଓ ଦ୍ୱିତୀୟ ସେଟରେ ୨୧-୧୯ ପଏଣ୍ଟରେ ବିଜୟୀ ହୋଇଥିଲା।



ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ‘ଉତ୍ତମ ଶିକ୍ଷାର୍ଥୀର ନୈତିକ ଚେତନା ଆବଶ୍ୟକ’

## ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଟଲି,୨୦।୧(ଡି.ଏନ.ଏ)

ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଭା ଲୁକ୍କାୟିତ ଅବସ୍ଥାରେ ରହିଛି। ପ୍ରତିଭାର ବିକାଶ ନେଇ ଯଥେଷ୍ଟ ସୁଯୋଗ ପାଉନାହାନ୍ତି। ପ୍ରାଥମିକ ବିଦ୍ୟାୟଳରୁ ଆରମ୍ଭ କରି ମହାବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନଙ୍କୁ ପ୍ରତିଭାର ବିକାଶ ନେଇ ସୁଯୋଗ ଦେବା ଉଚିତ। ଏନେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ ପାଳନ ପୂର୍ବକ ଶିକ୍ଷାର୍ଥୀମାନଙ୍କ ପ୍ରତିଭାର ବିକାଶ ଦିଗରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଅଭିଭାବକ ତଥା ଶିକ୍ଷାବିତ୍ ଆଗେଇ ଆସିବା ନେଇ ବରଗଡ଼ ଜିଲା ଭଟଲି ଦଧିବାମନ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ୩୦ ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ମହାବିଦ୍ୟାଳୟ ଅଧକ୍ଷ ଜୟସେନ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧାପକ ବିଶ୍ୱଜିତ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ରାଜୀବ ସାହୁ ସଂଯୋଜନା କରିଥିଲେ। ଉତ୍ସବରେ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସମୂହ ବିକାଶ ଦିଗରେ ସର୍ବଦା ଚେଷ୍ଟିତ ରହିବାକୁ ଅଧାପିକା ଅଧାପକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବରଗଡ଼ ମହିଳା ମହାବିଦ୍ୟାଳୟର ଅଧାପିକା ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନର ଯୁବପିଢ଼ି ଚିରାଚରିତ ଶିକ୍ଷା ବ୍ୟବସ୍ଥା ପଛରେ ଧାବମାନ ନ ହୋଇ ନିଜକୁ ଏକ ଉତ୍ତମ ମଣିଷ ରୂପେ ଗଠନ କରିବା ପାଇଁ ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ଚେତନାର ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ନବନିର୍ମିତ ୟୁଜିସି ଛାତ୍ରାବାସ ଏବଂ ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରାଯାଇଥିଲା। ଏପରି କି ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନ, ଓଡ଼ିଆ, ସଂସ୍କୃତ ଓ ଇଂଲିଶ ଭାଷା ଭିତ୍ତିକ ପ୍ରବନ୍ଧ, ଓଡ଼ିଆ, ଇଂଲିଶ ଭାଷାରେ ବକ୍ତୃତା ଏବଂ ସଙ୍ଗୀତ ସହ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ରାଜନୀତି ବିଜ୍ଞାନ ଅଧାପକ ଅଜିତ ବାରିକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଂଗ୍ରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଦଧିବାମନ ଡ଼ିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ବହିରା, ବୁଟୁପାଲି ବିଜୟୀ

## ଜେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ

ଜହ୍ନାପଙ୍କ,୨୦।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ମେଡିକାଲ ପଡ଼ିଆରେ ଚାଲିଥିବା ଜେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ତୃତୀୟ ଦିନ ପ୍ରଥମ ମ୍ୟାଚ ବହିରା ଏବଂ କାଶଲପୁର ମଧ୍ୟରେ ହୋଇଥିଲା। କାଶଲପୁର ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ୍ କରିଥିଲା। ଜବାବରେ ବହିରା ୧୦ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୮୫ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ମର୍ଯ୍ୟାଦପୁର ଓ ବୁଟୁପାଲି ମଧ୍ୟରେ ହୋଇଥିଲା। ମର୍ଯ୍ୟାଦପୁର ବ୍ୟାଟିଂ କରି ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୮୧ ରନ୍ କରିଥିଲା । ଜବାବରେ ବୁଟୁପାଲି ୬.୩ ଓଭରରେ ୩ ଉଇକେଟ ହରାଇ ୮୬ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ତାପସ ପଣ୍ଡା ୬ ଛକା ସାହାଯ୍ୟରେ ସର୍ବାଧିକ ୩୮ ରନ୍ କରିଥିଲେ । ମକୁନ୍ଦ ଗଡନାୟକ, ଈଶ୍ୱର ପ୍ରଧାନ, ବିପିନ ରଣା, ଜନକ ବାରିକ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ଭୋଇ ଓ ଅବନୀ ବାରିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଟିପୁ ପ୍ରଧାନ ଓ ଗାର୍ଗବ ଧାରାବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ରାଧାନଗର ସହିତ ପାୱାର ହିଟର ଜହ୍ନାପଙ୍କ ଏବଂ ଦ୍ୱିତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ସହିତ ସିସି ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ହେବ।



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ। ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।

-ସତ୍ୟସାଇ ବାବା

**ସଂକ୍ଷେପରେ..**

## ବେକରେ ଲୁଗା ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

ପୁରୁଣାକଟକ,୨୦।୧(ଡି.ଏନ୍.ଏ.): ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅଧୀନ ତିଲେଶ୍ୱର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ଶ୍ରୀମନ୍ତ ବାରିକ (୨୪)। ମିଳିଥିବା ସୂଚନା ମୁତାବକ, ଶ୍ରମନ୍ତ ତିଲେଶ୍ୱର ବଜାରରେ ଏକ ସେଲୁନ କରି ପରିବାର ଚଳାଉଥିଲେ। ସବୁଦିନ ପରି ରବିବାର ଶ୍ରୀମନ୍ତ କାମ ସାରି ରାତି ପ୍ରାୟ ୧୦ଟାରେ ଘରକୁ ଯାଇଥିଲେ। ହେଲେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଶ୍ରୀମନ୍ତ ଉତ୍ୟକ୍ତ ହୋଇ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିଲେ। ଖବର ପାଇ ପୁରୁଣାକଟକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଓଡ଼ିଶା ପୋଲିସ କଟକ ଫାଇନାଲରେ

ବୌଦ୍ଧ,୨୦।୧(ସ୍ୱ.ପ୍ର.)




ଅତିଥିଙ୍କ ସହ ଖେଳାଳିମାନେ।

**ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟ**

ଜିଲା ଫୁଟବଲ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ପଞ୍ଚଦଶ ସର୍ବଭାରତୀୟ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସୋମବାର ଓଡ଼ିଶା ପୋଲିସ କଟକ ଏବଂ ଚାନ୍ଦନୀ ଫୁଟବଲ୍ କ୍ଲବ କୋଲକାତା ମଧ୍ୟରେ ହୋଇଥିଲା। ମ୍ୟାଚରେ ଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା, ବୌଦ୍ଧ ଏସ୍‌ପି ଭି. ରଘୁନାଥ ରାଓ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ ଯୋଗ ଦେଇଥିଲେ । ଜିଲା ଫୁଟବଲ ଆସୋସିଏଶନ ସଭାପତି ଲମ୍ବୋଦର ପୁରୋହିତ, ସମ୍ପାଦକ ଯୁଗଳ କିଶୋର ସାମଲ, ସନ୍ତୋଷ ଟ୍ରଫି ଫୁଟବଲ ଖେଳାଳି ତଥା ଟୁର୍ନାମେଣ୍ଟ ଅଭ୍ୟର୍ଥନା କମିଟି ମୁଖ୍ୟ ସତ୍ୟପ୍ରକାଶ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳର ପ୍ରଥମାର୍ଦ୍ଧରେ ଓଡ଼ିଶା ପୋଲିସର ୯ ନମ୍ବର ଜର୍ସି ପରିଧାନ କରିଥିବା ଅନୀଲ ସିନ୍ଧୁର ଗୋଟିଏ ଗୋଲ ଦେଇ ଦଳକୁ ଆଗରେ ରଖିଥିଲେ। ପୁନର୍ବାର ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ୍ କରି ଦଳକୁ ବିଜୟୀ କରାଇଥିଲେ। ୨-୦ଟି ଗୋଲରେ ଓଡ଼ିଶା ପୋଲିସ କଟକ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚକୁ ମୁଖ୍ୟ ରେଫରି ଭାବେ କୋଲକାତାର ଜାତୀୟ ରେଫରି ନିପ୍ରେଶ ହାଲଦାର ପରିଚାଳନା କରିଥିବାବେଳେ ଲାଇନରେ ଦିଲୀପ କୁମାର ରାଉତ, ସଲିଳ ବେହେରା ଦାୟିତ୍ୱ ତୁଲାଇ ଥିଲେ। ସେହିପରି ଚତୁର୍ଥ ରେଫରି ଭାବେ କୋଲକାତାର ଅନିମେସ ବିଶ୍ୱାସ ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଓଡ଼ିଶା ପୋଲିସ କଟକ ଏବଂ ମଧ୍ୟପ୍ରଦେଶ ରତଲମ ସିଟି ଫୁଟବଲ କ୍ଲବ ମଧ୍ୟରେ ହେବ।

## ସ୍ଥାୟୀ ବିଡିଓ ନିଯୁକ୍ତି ଦାବିରେ ଧାରଣା

ପୁରୁଣାକଟକ,୨୦।୧(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଦୀର୍ଘ ଦେଢମାସ ହେଲା ସ୍ଥାୟୀ ବିଡିଓ ପଦବୀ ଖାଲିପଡିଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଅନ୍ୟପକ୍ଷେ ହରଭଙ୍ଗା ତହସିଲଦାରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଭଳିସ୍ଥିତିରେ ତାଙ୍କୁ ସ୍ଥାୟୀ ବିଡିଓ ଭାବେ ନିଯୁକ୍ତି କରିବା ସହ ଅନ୍ୟ ଜଣେ ଅଧିକାରୀଙ୍କୁ ବିଡିଓ ନିଯୁକ୍ତି ଦାବିରେ ଗତ ୧୦ ତାରିଖରେ ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ ହୋଇଥିଲା। ୧୯ତାରିଖ ସୁଦ୍ଧା ସ୍ଥାୟୀ ବିଡିଓ ନିଯୁକ୍ତି କରା ନ ଗଲେ ୨୦ରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ଦାବି ପୂରଣ ନ ହେବାରୁ ଚେୟାରମ୍ୟାନ ବିଶ୍ୱଜିତ ମିଶ୍ରଙ୍କ ନେତୃତ୍ୱରେ ଜିଲାପରିଷଦ ସଭ୍ୟ ଅବକାଶ ସାହୁଙ୍କ ସମେତ ଅନ୍ୟ ଜନପ୍ରତିନିଧିମାନେ ସୋମବାର ସକାଳେ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳ ଜାରି ରହିଥିଲା।

# ଭେଡ଼େନ ରାମଲୀଳା ମହୋତ୍ସବ ଚତୁର୍ଥ ସନ୍ଧ୍ୟା

ଭେଡେନ,୨୦।୧(ଡି.ଏନ୍.ଏ.)



ଭେଡ଼େନ ରାମଲୀଳା ମହୋତ୍ସବ ଚତୁର୍ଥ ସନ୍ଧ୍ୟା ପ୍ରଭୁ ରାମଚନ୍ଦ୍ରଙ୍କ ବନବାସ ଦୃଶ୍ୟ।

**ରାମଙ୍କ ବନବାସ**

ବରଗଡ଼ ଜିଲା ଭେଡ଼େନ ନବରାତ୍ର ରାମଲୀଳା ମହୋତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ସନ୍ଧ୍ୟାରେ ପୁରୁଣା ହାଟପଦାସ୍ଥିତ ଅଯୋଧ୍ୟା ଦରବାରରେ ଦାସୀ ମନ୍ଥରାଙ୍କ କୁମନ୍ତ୍ରଣାରେ ରାଣୀ କୈକେୟୀ ରାଜା ଦଶରଥଙ୍କୁ ୨ଟି ବର ମାଗିଥିଲେ। ପୂର୍ବ ପ୍ରତିଶ୍ରୁତି ରକ୍ଷା କରି ଦଶରଥ ତାଙ୍କୁ ୨ଟି ବର ପ୍ରଦାନ କରିଥିଲେ। ପିତୃସତ୍ୟ ପାଳନ କରି ପ୍ରଭୁ ରାମଚନ୍ଦ୍ର ୧୪ ବର୍ଷ ବନବାସ, ପୁତ୍ର ଶୋକରେ ଦଶରଥଙ୍କ ମୃତ୍ୟୁ ନାଟ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା। ଏପରି କି ଶ୍ରବଣ କୁମାରଙ୍କ ଚରିତ ସହ ଭରତଙ୍କ ପାଦୁକା ପୂଜା ସହ ରାବଣ ଦରବାରରେ ରାବଣଙ୍କ ଅତ୍ୟାଚାର, ପର୍ଶୁରାମଙ୍କ ଲଙ୍କା ଆକ୍ରମଣ, ମାରିଚଙ୍କୁ ପଞ୍ଚବଟୀ ପ୍ରେରଣ ଆଦି ଦୃଶ୍ୟ ଅଭିନିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ରାବଣ ଦରବାରରେ ଭେଡ଼େନ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ଡ. ପ୍ରଶାନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଅଭିନେତା ଜଗଦାନନ୍ଦ ମିଶ୍ର ରାବଣ ଭୂମିକାରେ ଅଭିନୟ କରୁଥିବା ବେଳେ ରାମ- ମହେନ୍ଦ୍ର ସେଠ, ଲକ୍ଷ୍ମଣ- ସଚିନ ମହାପାତ୍ର, ବିଶ୍ୱାମିତ୍ର- ଶୁକଦେବ ମେହେର, ଜନକ ରାଜା- ଶେଷଦେବ ମହାକୁର, ସୀତା- ସୁପ୍ରଭା, ରାବଣ ଦରବାରରେ ମନ୍ତ୍ରୀ ଶୁକ- ଦିଲୀପ ପୋଢ଼, ଶାରଣ- ବଳବନ୍ତ ଭୋଇ, ସେନାପତି- ଚିନ୍ତାମଣି କୁମ୍ଭାର, ଜପଅଦାବର, ଶିବଶଙ୍କର ସୁନା, କରୁଣାକର ଭୋଇ ଏବଂ ବିଦୁଷକ ଭୂମିକାରେ ସୋନୁ ମେହେର ଅଭିନୟ କରୁଛନ୍ତି। ଅନ୍ୟପକ୍ଷେ ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଚାଲିଥିବା ଅଖଣ୍ଡ ନାମଜପରେ ଭେଡ଼େନର ଧରିତ୍ରୀ, କଲ୍ୟାଣୀ, ଦଧିବାମନ ସଂକୀର୍ତ୍ତନ୍ୟ ଦଳ ସମେତ ଅନ୍ୟ ଗ୍ରାମର ସଂକୀର୍ତ୍ତନ୍ୟ ଦଳ ଭାଗ ନେଇ ହରିନାମ ଗାନ କରିଥିଲେ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ସାଧୁସନ୍ଥଙ୍କ ସମାଗମ ହୋଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଘଣ୍ଟାପଡା,୨୦।୧(ଡି.ଏନ.ଏ.)

ବୌଦ୍ଧ ଜିଲା ଘଣ୍ଟାପଡ଼ା ଫାଣ୍ଡି ଅଧୀନ ଆମ୍ବଗାଁ ପଞ୍ଚାୟତ ସର୍ଗୀପଡ଼ା ଗ୍ରାମର ସୁଦାମ ସେଠୀ(୨୩)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ହେଲେ ସୁଦାମଙ୍କ ବାପା ଭୁବନେ ସେଠୀ ପୁଅକୁ ଯୋଜନାମୁତାବକ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରବିବାର ସନ୍ଧ୍ୟା ୭ଟାରେ ସୁଦାମ ଘରୁ ବାହାରକୁ ଯାଇଥିଲେ। ହେଲେ ସେ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ସୋମବାର ସକାଳେ ଘଣ୍ଟାପଡ଼ା ଫାଣ୍ଡିରେ ପୁଅ ସୁଦାମ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ହେଲେ ଅପରାହ୍ନ ୪ଟାରେ ଏକ ଗଛରେ ସୁଦାମଙ୍କ ମୃତଦେହ ଓହଳି ପଡିଥିବା ପରିବାର ଲୋକଙ୍କୁ ଖବର ମିଳିଥିଲା। ଏନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନାକୁ ପଠାଇଛି। ଏନେଇ କନ୍ଧମାଳା ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧୀନ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କନ୍ଧମାଳ ଥାନା ଆଇଆଇସି ଅଶ୍ୱିନୀ ଭିତିରିଆ ପ୍ରକାଶ କରିଛନ୍ତି।

# ଡାଏଲିସିସ୍ ହେଲାନି, ଫେରିଗଲେ ରୋଗୀ

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପଦାକୁ ଆସିଲା ସ୍ୱାସ୍ଥ୍ୟସେବା**

ବରଗଡ଼ ଅଫିସ୍,୨୦।୧

ବରଗଡ଼ ଖେଦାପାଲିଠାରେ ରହିଥିବା ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ୍ କେନ୍ଦ୍ର ଖୋଲାଯାଇଛି । ତେବେ ଗତ କିଛିମାସ ହେବ, ଉକ୍ତ ଡାଏଲିସିସ୍ କେନ୍ଦ୍ରରେ କିଡ୍‌ନୀ ରୋଗୀଙ୍କ ଡାଏଲିସିସ୍ ହୋଇ ଆସୁଥିଲା । ମାତ୍ର ମଙ୍ଗଳବାର ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ଏହାର ଠିକ୍ ଦିନକ ପୂର୍ବରୁ ସେଠାରେ ରହିଥିବା ଡାଏଲିସିସ୍ କେନ୍ଦ୍ରରେ ଡାଏଲିସିସ୍ ସେବା ପାଇ ନ ପାରି ୧୮ଜଣ ରୋଗୀ ନିରାଶରେ ଫେରିଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ ଡା. ବିଭୁତିଭୂଷଣ ମେହେରଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ କୌଣସି ସୂଚନା ପାଇ ନାହିଁ। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

ପ୍ରକାଶ ଯେ, ଉକ୍ତ ଡାଏଲିସିସ୍ କେନ୍ଦ୍ରଟି ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଏକ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି । ଜିଲାର କିଡ୍‌ନୀ ରୋଗୀଙ୍କୁ ସେଠାରେ ଡାଏଲିସିସ୍ ସେବା ଯୋଗାଇ ଦିଆଯାଉଛି । ଗତ ୧୬ତାରିଖ ଡାଏଲିସିସ୍ ପାଇଁ ଆସିଥିବା ରୋଗୀମାନେ ସେଥିରୁ ବଞ୍ଚିତ ହୋଇ ଫେରିଯାଇଥିଲେ। ଏପରି କି ସୋମବାର ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। ବିଦ୍ୟୁତ୍ ମରାମତି ଆଳ ଦେଖାଇ ରେଗୀଙ୍କୁ ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ରୋଗୀମାନେ ଗାଡ଼ି ଭଡ଼ା କରି ଡାଏଲିସିସ୍ ପାଇଁ ସେଠାକୁ ଯିବା ଏବଂ ବିନା ଡାଏଲିସିସ୍ ହୋଇ ନିରାଶରେ ଘରକୁ ଫେରିଥିବା ବେଳେ ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପାଖରେ କୌଣସି ସୂଚନା ନ ଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ନୂଆଁଗଡ଼ ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟା

ଭଟଲି,୨୦।୧(ଡି.ଏନ.ଏ)

ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଦର୍ଶିତ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୋକନାଟ୍ୟ ୧୩ତମ ନୂଆଁଗଡ଼ ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ପଞ୍ଚମ ଦିବସ। ଏହି ଅବସରରେ ମହାରାଜ କଂସ ପାତ୍ରମନ୍ତ୍ରୀଙ୍କ ସହ ଦିଗ୍‌ବିଜୟରେ ବାହାରି ନଗର ଭ୍ରମଣ କରିଥିଲେ। ଅନ୍ୟପକ୍ଷେ ମହାରାଜ କଂସଙ୍କ ଆଦେଶରେ ମାୟାବିନୀ ପୁତନା ଗୋପପୁରରେ ପହଞ୍ଚି କୃଷ୍ଣଙ୍କୁ ହତ୍ୟା ଉଦ୍ୟମ କରିଥିଲେ । ହେଲେ ପ୍ରଭୁ କୃଷ୍ଣଙ୍କ ହାତରେ ପୁତନାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ମହାରାଜ କଂସ ରାଜଦରବାରକୁ ଫେରି ରାଜକାର୍ଯ୍ୟ ଚଳାଇଥିବା ବେଳେ ବାରମ୍ବାର ତାଙ୍କ ମାନସ ପଟରେ ପ୍ରତିଧ୍ୱନିତ ହେଇଥିଲା ମୃତ୍ୟୁ ରହସ୍ୟର ଶୂନ୍ୟବାଣୀ । ଏହି ଆଶଙ୍କାରୁ ମୁକ୍ତି ପାଇବା ପାଇଁ ମହାରାଜା କଂସ ନର୍ତ୍ତକୀଙ୍କ ନୃତ୍ୟ ଗୀତରେ ବିଭୋର ଥିବା ବେଳେ ରାକ୍ଷସୀ ପୁତନାଙ୍କ ନିହତ ସମ୍ବାଦ ଦରବାରରେ ପହଞ୍ଚିଥିଲା । ଏହାଶୁଣି ମହାରାଜା କଂସ ମର୍ମାହତ ହୋଇପଡିଥିବା ନାଟ୍ୟ ଅଭିନିତ ହୋଇଥିଲା। ସେହିପରି ମଞ୍ଚରେ ପୌରାଣିକ କଥାବସ୍ତୁକୁ ନେଇ ବିଭିନ୍ନ ଦୃଶ୍ୟ ଅଭିନୀତ ହୋଇଥିଲା । ସୋମବାର ରାଜଦରବାରରେ ଅତାବିରାର ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସରୋଜ ମହାପାତ୍ର ପ୍ରମୁଖ ରାଜ ଅତିଥି ଭାବେ ଯୋଗ ଦେଇଥିଲେ।



ନୂଆଁଗଡ଼ ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟାର ଏକ ଦୃଶ୍ୟ।

# ଆମ୍ବୁଲାନ୍ସ ଡ୍ରାଇଭର ସମେତ ୩ ଗୁରୁତର

ପୁରୁଣାକଟକ,୨୦।୧(ଡି.ଏନ୍.ଏ.):

ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅଧୀନ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଡିଗ୍‌ସିରା ନିକଟରେ ସୋମବାର ଏକ ଆମ୍ବୁଲାନ୍ସ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏଥିରେ ଡ୍ରାଇଭଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ହେଲେ ଗାଡିରେ ଥିବା ୧୧ମାସର ଶିଶୁ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଲକ୍ଷ୍ମଣପୁର ଗ୍ରାମର ନରୋତ୍ତମ ବିଶ୍ୱାଳ(୪୦) ଏବଂ ତାଙ୍କ ସ୍ତ୍ରୀ ସୁମତୀ ପ୍ରଧାନ(୩୧) ତାଙ୍କ ୧୧ ମାସର ଶିଶୁକୁ ଝାଡ଼ା ହେଉଥିବାରୁ ଚିକିତ୍ସା ପାଇଁ ଏକ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲ ଆସୁଥିଲେ। ହେଲେ ଚାରିଛକ-ପୁରୁଣାକଟ ରାସ୍ତାର ଡିଗସିରା କେନାଲ ନିକଟରେ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ଆମ୍ବୁଲାନ୍ସ ଡ୍ରାଇଭର ଅଜୟ ମହାନନ୍ଦିଆ(୨୫), ନରୋତ୍ତମ ଏବଂ ସୁମତୀ ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ପୁରୁଣାକଟକ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ୫୩ ଛାତ୍ରୀଛାତ୍ରଙ୍କେ ଝନେ ଶିକ୍ଷକ



ସ୍କୁଲ ଆଘେ ଛାତ୍ରୀଛାତ୍ରଙ୍କଁର ସଂଗେ ଅଭିଭାବକମାନେ।

ପାଇକମାଲ, ୨୦।୧ (ଡି.ଏନ.ଏ)

ବରଗଡ଼ଜିଲା ପାଇକମାଲ ବ୍ଲକ ଜାମସେଠ ପଁଚେତ୍ ଖରାମାଲ ପ୍ରାଥମିକ ସ୍କୁଲରେ ୫୩ ଝନ୍ ଛାତ୍ରୀଛାତ୍ରଙ୍କେ ଝନେ ଶିକ୍ଷକ ଅଛନ୍। ଏନ୍‌ତାଥି ଛୁଆକର ପାଠ୍‌ପଢ଼ାରେ ବହୁତ ଖେଲ୍‌ଢ଼େପ ହେଉଥିବାର ଅଭିଭାବକମାନେ ଅଭିଯୋଗ କରିଛନ୍। ସୂଚନା ଅନ୍‌ସାରେ ଆଏଜ୍‌କେ ୫ ମାସ ତଲେ ସ୍କୁଲର ପ୍ରଧାନଶିକ୍ଷକ ଅବସର ନେଲା ଉତାରୁ ତାକର ଜାଗାରେ କେହେନ୍‌ସି ଶିକ୍ଷକଙ୍କୁଁ ନାଇଁ ଦିଆଯାଇ। ଏନ୍‌ତାଥି ଝନେ ଶିକ୍ଷକ ଏମ୍‌ଡିଏମ୍, ପାଠ୍‌ପଢ଼ା ଆର ଅଫିସ କାମ କଲାବେଲେ ଛାତ୍ରୀଛାତ୍ରକର ପାଠ୍‌ପଢ଼ା ଠିକ୍ ହିସାବେ ନାଇଁ ହେଇପାରବାର ବଲି ଅଭିଭାବକମାନେ ଅଭିଯୋଗ କରିଛନ୍। ଇଥିରଲାଗି ସ୍କୁଲରେ ଆର ଝନେ ଶିକ୍ଷକ ନିହାତି ଦରକାର ବଲି ଗାଁବାସୀ ଆର ଅଭିଭାବକମାନେ ଦାବି କରିଛନ୍। ଯେତେ ଜଲ୍‌ଦି ହେବା ବିଭାଗୀୟ କର୍ତ୍ତୃପକ୍ଷ ସ୍କୁଲରେ ଝନେ ନୂତନ ଶିକ୍ଷକଙ୍କୁଁ ଦାଇତିଅ ଦେବାର ବେବସ୍‌ତା କରୁନ୍ ନାଇଁହେଲେ ଆଏବାର ଦିନେ ଗାଁବାସୀ ଆଂଦୋଲନକେ ଉତିରମୁ ବଲି ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍।

# ବିକାଶ କ୍ଲବ, କଟାପାଲି କ୍ଲବ ବିଜୟୀ

**ବରଗଡ଼ ଜିଲା ଆନ୍ତଃକ୍ଲବ ଜୁନିୟର କ୍ରିକେଟ୍ ପ୍ରତିଯୋଗିତା**

ବରଗଡ଼ ଅଫିସ୍,୨୦।୧

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଭିଜନ-୨୦୨୪ ପରିପ୍ରେକ୍ଷୀରେ ବରଗଡ଼ ଜିଲା ଆନ୍ତଃକ୍ଲବ ଜୁନିୟର କ୍ରିକେଟ୍ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ର ବିକାଶ ଓ ବିଦ୍ୟାସାଗର ଖେଳପଡ଼ିଆରେ ଏକକାଳୀନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ବିକାଶ ଖେଳ ପଡ଼ିଆରେ ବିକାଶ ଗ୍ରୁପର ଚେୟାରମ୍ୟାନ ଓ ବିଦ୍ୟାସାଗର ଏକାଡ଼େମୀ ଖେଳ ପଡ଼ିଆରେ ଅନୁଷ୍ଠାନର ଚେୟାରମ୍ୟାନ ବଳରାମ ବିଶି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଦିବସର ମ୍ୟାଚଗୁଡ଼ିକରେ ବିକାଶ କ୍ରିକେଟ କ୍ଲବ ଓ କଟାପାଲି କ୍ରିକେଟ କ୍ଲବ ପ୍ରତିପକ୍ଷକୁ ହରାଇ ବିଜୟୀ ହୋଇଥିଲେ ।

ବିକାଶ ଖେଳ ପଡ଼ିଆରେ ବିକାଶ କ୍ରିକେଟ କ୍ଲବ ଓ ସୁପର ଜିମ୍ନାସିୟମ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସୁପର ଜିମ୍ନାସିୟମ ଟସ୍ ଜିତି ବ୍ୟାଟିଂ କରି ୨୬ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୫ରନ୍ ସଂଗ୍ରହ କରିଥିଲା । ଦଳର ଅଧିନାୟକ ହରଜିତ ସିଂ ୪ଚୌକା ସହିତ ସର୍ବାଧିକ ୪୦ରନ୍ ସଂଗ୍ରହ କରିଥିଲେ। ସେହିପରି ବିକାଶ ଦଳର ସୌରଭ କୁମାର ସାହୁ ୧୦ରନ୍ ଦେଇ ୪ଟି ଏବଂ ପ୍ରଶାନ୍ତ ସାଇ ପାଇକରାୟ ୧୦ରନ୍ ବିନିମୟରେ ୩ ଉଇକେଟ୍ ନେଇଥିଲେ । ଜବାବରେ ବିକାଶ ଦଳ ରାକେଶ ରଞ୍ଜନ କିଷାନଙ୍କ ୫୧ ଏବଂ ବଲ୍ଲଭ ଦୋରାଙ୍କ ୩୮ରନ୍ ସହାୟତାରେ ୧୦.୨ ଓଭରରେ ବିଜୟ ଲକ୍ଷ୍ୟ ପୂରଣ କରିଥିଲା ।

ସେହିପରି ବିଦ୍ୟାସାଗର ଖେଳ ପଡ଼ିଆରେ କଟାପାଲି କ୍ଲବ ଓ ବିଦ୍ୟାସାଗର ଏକାଡ଼େମୀ ମଧ୍ୟରେ ମ୍ୟାଚ ହୋଇଥିଲା । କଟାପାଲି ଟସ୍ ଜିତି ବ୍ୟାଟିଂ କରି୪୦ଓଭରରେ ୪୪୮ରନ୍ କରିଥିଲା । ଦଳ ପକ୍ଷରୁ ସ୍ମୃତିରଞ୍ଜନ ମିଶ୍ର ସର୍ବାଧିକ ୨୩୮ରନ୍ ସଂଗ୍ରହ କରିଥିଲେ। ସେଥିରେ ୩୨ଟି ଚୌକା, ୧୦ଟି ଛକା ରହିଥିଲା । ସେହିପରି ଦଳର ନିହାର ରଞ୍ଜନ ବେହେରା ୭୨, ପପୁନ ସେଠ ୪୦ ରନ ସଂଗ୍ରହ କରିଥିଲେ । ବିଦ୍ୟାସାଗର ଏକାଡ଼େମୀର ପ୍ରଭଞ୍ଜନ କୁମାର ସିଂ ୫୨ରନ୍ ବିନିମୟରେ ୪ଟି ଉଇକେଟ୍ ନେଇଥିଲେ । ଜବାବ୍‌ରେ ବିଦ୍ୟାସାଗର ଏକାଡ଼େମୀ ଦଳ ୧୯.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରିଥିଲା । ଦଳର ନିବାସ ଗଡ଼ତିଆ ୪୦ ଓ ଆୟୁଷ ଗୁପ୍ତା ୨୪ରନ୍ ସଂଗ୍ରହ କରିଥିଲେ । କଟାପାଲି ଦଳର ବୀରସା ବାଗ ୪, ବିନୟ ସାହୁ ୨ ଏବଂ ସାଇକ୍ରିଶ ଠାକୁର ୨ଟି ଉଇକେଟ୍ ନେଇଥିଲେ ।




ବିକାଶ ଖେଳ ପଡ଼ିଆରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୧ ଜାନୁୟାରୀ, ୨୦୨୦



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଦୁଇ ବଖରା ଭସ୍ମୀଭୂତ

**ପୁରୁଣାକଟକ,୨୦।୧(ଡି.ଏନ୍.ଏ.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱର ପଞ୍ଚାୟତ ଅଧୀନ ମାଣିକପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗି କମ୍ବୁଧର ନାଏକଙ୍କ ଦୁଇ ବଖରା ଘର ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଚାରିଛକ ଦମକଳ ବାହାନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ। ହେଲେ ଘରେ ଥିବା ସମସ୍ତ ଆସବାବ ପତ୍ର ସହ ଟଙ୍କା ପୋଡି ନଷ୍ଟ ହୋଇଯାଇଛି। ଜିଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବିନିକା,୨୦।୧(ଡି.ଏନ୍.ଏ):** ବିନିକା ବ୍ଲକ୍ ଅଞ୍ଚଳର ଜଣାଶୁଣା ଆଦର୍ଶ ଶିକ୍ଷକ ବ୍ୟାସଦେବ ଛତ୍ରଙ୍କର ସୋମବାର ପରଲୋକ ହୋଇଯାଇଛି। ସେ ଜଣେ ଛାତ୍ରବତ୍ସଳ ଓ ସମୟାନୁବର୍ତ୍ତୀ ଶିକ୍ଷକ ଥିଲେ। ବୀରମହାରାଜପୁର ସୁବଳୟା ଠାରୁ ତାଙ୍କ ଶିକ୍ଷା ପ୍ରଦାନର ଜୀବନ ଆରମ୍ଭ କରିଥିଲେ। ସେ ସିଂଘିଯୁବା ଗ୍ରାମପଞ୍ଚାୟତ ଅନ୍ତର୍ଗତ କମିରା ଗ୍ରାମ ସ୍କୁଲରୁ ନିଜ କର୍ମଜୀବନର ଅବ୍ୟାହତି ନେଇଥିଲେ। ତେବେ କିଛିଦିନ ହେଲା ଛତ୍ରଙ୍କ ଶାରୀରିକ ଅସୁସ୍ଥତା କାରଣରୁ ତାଙ୍କୁ ବୁର୍ଲାରେ ଭର୍ତ୍ତି କରାଯାଇଥିଲା। ସୋମବାର ମଧ୍ୟାହ୍ନରେ ଛତ୍ରଙ୍କ ଜୀବନ ଦୀପ ଲିଭି ଯାଇଥିଲା । ଅନ୍ତିମ ସଂସ୍କାର ତାଙ୍କର ଜନ୍ମମାଟି ଗଣେଷପୁର ଠାରେ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କ ସ୍ତ୍ରୀ ଓ ପୁଅ ଝିଅ ଉପସ୍ଥିତ ଥିଲେ।

### ନିର୍ମାଣଧୀନ ରାସ୍ତାରେ ପଡି ବାଇକ ଆରୋହୀ ମୃତ

**ତରଭା, ୨୧।୧(ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଖଗ୍ସାକନା ନିକଟ ଉପରମୁଣ୍ଡ ନିର୍ମାଣଧୀନ ପୋଲରେ ଖୋଳାଯାଇଥିବା ନିହରେ ପଡି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡାହିମାଳ ଗ୍ରାମର ଶ୍ରୀପତି ମୁଣ୍ଡା(୨୭)। ପ୍ରକାଶ ଯେ, ଶ୍ରୀପତି ଓ ବୈଷ୍ଣବ ସା (୨୨) ଏକ ଟିଭିଏସ ଆପାଚି ନଂ-ଓଡି ୦୩ କ୍ୟୁ ୮୧୮୦ ରେ ରବିବାର ରାତିରେ ଲୋଇସିଂହା ବୁର୍ଡାରୁ ଡାହିମାଲ ଗ୍ରାମକୁ ଫେରୁଥିଲେ। ଖଗସାକନା ପାଖରେ ଥିବା ନିର୍ମାଣାଧୀନ ପୋଲରେ ଭାରସାମ୍ୟ ହରାଇ ଖାଲରେ ବାଇକଟି ପଡି ଯିବାରେ ଉଭୟ ଛିଟିକି ପଡିଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିଥିଲେ। ବୈଷ୍ଣବ ସାଙ୍କୁ ନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ରେଫର କରିଥିଲେ । ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶ୍ରୀପତିଙ୍କୁ ତରଭା ଗୋଷ୍ଠୀସ୍ୱାସ୍ଥ୍ୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ଶ୍ରୀପତିଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଶ୍ରୀପତଙ୍କ ବାପା ମଙ୍ଗୁଲୁ ମୁଣ୍ଡା ଏ ନେଇ ତରଭା ଥାନାରେ ଏତଲା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୋନପୁର ପଠାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସଂପ୍ରୀତିର ବାର୍ତ୍ତା ଦେଲା ନାଟକ ନାଗୀନ୍ ତେରା ବଂଶ ବଢ଼େ

**ବଲାଙ୍ଗୀର ଅଫିସ, ୨୦।୧**



ନାଟକ ନାଗୀନ୍ ତେରା ବଂଶ ବଢ଼େର ଏକ ଦୃଶ୍ୟ ।

**ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ସର୍ବଭାରତୀୟ ବହୁଭାଷୀ ନାଟକ ଉତ୍ସବ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରାଜସ୍ଥାନୀ ଲୋକକଥା ଉପରେ ଆଧାରିତ ହିନ୍ଦୀ ନାଟକ ନାଗୀନ୍ ତେରା ବଂଶ ବଢ଼େ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ହୃଦୟ ଜିଣିଛି । ନୂଆଦିଲ୍ଲୀର ଆକ୍ଟରର୍ସ ରିପେର୍ଟରି ଥିଏଟର ଅନୁଷ୍ଠାନ ପକ୍ଷରୁ ବିଜୟଦାନ୍ ଦେହେତାଙ୍କ ରଚିତ ଓ ନାଟ୍ୟକାର ଅବତାର ସାହାଣୀଙ୍କ ନିର୍ଦ୍ଦେଶିତ ଏହି ନାଟକର କଥାବସ୍ତୁରେ ବୃହତ୍ତର ସାମାଜିକ ସମନ୍ୱୟ ଓ ପାରସ୍ପରିକ ମାନବୀୟ ମୂଲ୍ୟବୋଧ, ସହଯୋଗ ଓ ସଦିଚ୍ଛା ବାର୍ତ୍ତା ରହିଛି। ଜଣେ ଧନୀକ ସେଠ୍ ଓ ତାଙ୍କ ସ୍ତ୍ରୀଙ୍କ ଦୁଃଖ ହେଲା ଯେ, ସେମାନଙ୍କର ଅମାପ ଧନ ସମ୍ପଦ ଥିବା ସତ୍ତ୍ୱେ ସନ୍ତାନ ସୁଖ ସେମାନଙ୍କର ନ ଥିଲା । ସନ୍ତାନହୀନତାର ଦୁଃଖକୁ ନେଇ ସାମାଜିକ ତାଡନାରେ ମ୍ରିୟମାଣ ସେଠ୍‌ଙ୍କୁ ଖୁସି କରିବାକୁ ଯାଇ ସେଠ୍‌ଙ୍କ ସ୍ତ୍ରୀ ହଠାତ୍ ଦିନେ ସେ ମାଁ ହେବାକୁ ଯାଉଥିବା କଥା କହିଦିଅନ୍ତି । ଏଥିରେ ସେଠ୍ ଖୁବ୍ ଖୁସି ହୋଇଯାଆନ୍ତି। ତେବେ ଏହି ଖୁସି ଖବରକୁ ନେଇ ସେ ସେଠ୍‌ଙ୍କ ସମ୍ମୁଖରେ ଏକ ଅଜବ କଥା ଉପସ୍ଥାପନ କରନ୍ତି ଯେ, ଉକ୍ତ ଜନ୍ମ ହେବାକୁ ଥିବା ସନ୍ତାନକୁ ସେଠ୍ ୧୬ବର୍ଷ ପର୍ଯ୍ୟନ୍ତ ଦେଖିପାରିବେ ନାହିଁ । ଏହି ସନ୍ତାନକୁ ସେ ଏବଂ ତାଙ୍କ ଦାସୀ କେବଳ ଦେଖିପାରିବେ । ଏହି କଥାରେ ସେଠ୍ ରାଜି ହୋଇଯାଆନ୍ତି । ୧୬ ବର୍ଷ ପରେ ତାଙ୍କର ବିବାହ ପ୍ରସ୍ତାବ ରଖି ବରବେଶର ଏକ ପୁତ୍ତଳିକା ତିଆରି ସବାରିରେ ବସାଇ ଦେଲେ । ଏହି ପ୍ରାଣହୀନ ପୁତ୍ତଳିକା ଦେଖି ସେଠାରେ ଥିବା ଏକ ନାଗୁଣୀ ସେହି ପୁତ୍ତଳିକା ଦେହରେ ପ୍ରାଣ ସଞ୍ଚାର କରିବା ପାଇଁ ତାର ସ୍ୱାମୀ ନାଗଦେବକୁ କହିଲେ। ଏହାପରେ ନାଗଦେବ ନିଜେ ପୁତ୍ତଳିକା ଭିତରକୁ ପଶି ଯିବା ଫଳରେ ପୁତ୍ତଳିକା ଦେହରେ ପ୍ରାଣ ସଞ୍ଚାର ହେଲା। ଏହାପରେ ଉକ୍ତ ବିବାହ ଧୁମ୍‌ଧାମରେ ହେଲା ଓ ସେଠ୍ ଘର ହସଖୁସିରେ ଭରିଗଲା । ମାତ୍ର ଅନ୍ୟପକ୍ଷେ ନାଗ ବିନା ନାଗୁଣୀର ଜୀବନ ଦୁର୍ବିସହ ହେବାକୁ ଲାଗିଲା । ତେବେ ସମ୍ପୂର୍ଣ୍ଣ ଘଟଣାକୁ ଦିନେ ନାଗୁଣୀ ସେଠ୍‌ଙ୍କ ସ୍ତ୍ରୀଙ୍କୁ କହିଦେବା ପରେ ସମସ୍ତେ ନାଗୁଣୀକୁ ମଧ୍ୟ ନିଜର ଏକ ବୋହୂ ଭାବେ ଗ୍ରହଣ କରି ହସଖୁସିରେ ରହିଲେ । ପରସ୍ପର ପ୍ରତି ସ୍ନେହ, ତ୍ୟାଗ, ସଦିଚ୍ଛା ଓ ଭଲ ପାଇବା ରହିଲେ କିଭଳି ସମସ୍ତଙ୍କ ଜୀବନ ସୁଖମୟ ହେବ ଏହି ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। କଳାକାରମାନଙ୍କ ନିଖୁଣ ଅଭିନୟ, ଚମତ୍କାର ଆଲୋକସଜ୍ଜା ଓ ସଂଳାପ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ।

ନାଟକ ଆରମ୍ଭ ହେବା ପୂର୍ବରୁ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟସଭାରେ ଅତିଥି ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲାପାଳ ଅରିନ୍ଦମ ଡାକୁଆ, ପତ୍ରକାର ଭବାନୀ ପ୍ରସାଦ ତ୍ରିପାଠୀ ମଞ୍ଚାସୀନ ଥିଲେ । ବଲାଙ୍ଗୀରର ସାଂସ୍କୃତିକ ଅଭିବୃଦ୍ଧିରେ ମଠଖାଇ ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହି ମନ୍ତ୍ରୀ ପାଣିଗ୍ରାହୀ ବଲାଙ୍ଗୀର ଜିଲାର ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲାପାଳ ଡାକୁଆ ନାଟକ ମାଧ୍ୟମରେ ସାମାଜିକ ସଂସ୍କାର କଥା କହିଥିଲେ।। ଅଧ୍ୟକ୍ଷ ବିଧାୟକ ମିଶ୍ର ମଠଖାଇ ମହୋତ୍ସବ, କଳା ସଂସ୍କୃତି ଜରିଆରେ ଅଞ୍ଚଳର ବିକାଶ ଓ ସାମାଜିକ ମୂଲ୍ୟବୋଧ ବାର୍ତ୍ତା ଦେବା କଥା କହିଥିଲେ । ଏହି ଅବସରରେ ଯୁବବିଜ୍ଞାନୀ ଓମ୍‌ପ୍ରକାଶ ଦାସଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା । ସଭାକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ ଶିରିଶ ହୋତା ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଡ ଘାସିରାମ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଦିନର ମଞ୍ଚକୁ ବଲାଙ୍ଗୀର ପ୍ରଥମ ନାରୀ ଅଭିନେତ୍ରୀ ସ୍ୱର୍ଗତା ଭାନୁମତୀ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା । ପୂର୍ବାହ୍ନରେ ପ୍ରଥମ ଦିନର ଓଡିଆ ନାଟକ ପୁନଶ୍ଚ ସତ୍ୟାଗ୍ରହକୁ ନେଇ ସକରାତ୍ମକ ସମୀକ୍ଷା ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ନାଟ୍ୟକାର ବିଜୟ ତ୍ରିପାଠୀ, ସନାତନ ଠାକୁର ଓ ନାଟକ ପୁନଶ୍ଚ ସତ୍ୟାଗ୍ରହର ନିର୍ଦ୍ଦେଶକ ଦିନେଶ ଦାସ୍ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ । ବହୁ ଦର୍ଶକ, ନାଟକ ପ୍ରେମୀ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବିନିକାରେ ମିଳିତ ଜନଶୁଣାଣି

**ବିନିକା,୨୦।୧(ଡି.ଏନ୍.ଏ)**



ମିଳିତ ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀଗଣ ।

ସୁବର୍ଣ୍ଣପୁର ଜିଲା ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲା ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ ଉପସ୍ଥିତ ଥିଲେ। ଉଭୟ ପ୍ରଶାସନିକ ଅଧିକାରୀ ଲୋକମାନଙ୍କର ଉପସ୍ଥାପିତ ହୋଇଥିବା ଅଭିଯୋଗଗୁଡିକର ତୁରନ୍ତ ସମାଧାନ ନେଇ ଶିବିରରେ ସମ୍ମିଳିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଶିବିରରେ ଉପଜିଲାପାଳ ବଳରାମ ମଲ୍ଲିକ, ବିନିକା ବ୍ଲକ୍ ଅଧ୍ୟକ୍ଷ ଅଶୋକ ନନ୍ଦ, ତହସିଲଦାର ଅଲେଖ ଘୁଟା, ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ବିନିକା ଏନ୍ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ସନ୍ତୋଷ କୁମାର ଜେନା, ବିନିକା ଉଦ୍ୟାନ ବିଭାଗ ଅଧିକାରୀ ହିତେଶ କୁମାର ବଡେଇ, ସୁବର୍ଣ୍ଣପୁର ଡିଏସ୍ଓ ଚର୍ତୁଭୂଜ ଦାଶ, ବିନିକା ବନପାଳ ଅଧିକାରୀ ପ୍ରେମରାଜ ଧରୁଆ, ବିନିକା ବିପିଓ ଅଭିଷେକ ଚୌଧୁରୀ, ବିଇଓ ଶଶୀଭୂଷଣ ସେଠୀ, ବିନିକା ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ. ସନ୍ତୋଷ କୁମାର ସ୍ୱାଇଁ, ବିନିକା ଉଠାଜଳସେଚନ ବିଭାଗର ଯନ୍ତ୍ରୀ ଅନୀଲ କୁମାର, କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝି, ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ସରୋଜ କୁମାର ରଥ, ବିନିକା ସିଡିପିଓ ସୁଭାଗିନୀ ହରିପାଳ, ସୋନପୁର ଡିଏସ୍‌ଡବ୍ଲ୍ୟୁଓ ଏ.କେରକେଟା, ଡିଡବ୍ଲ୍ୟୁଓ ପାଲକା ରବୀନ୍ଦ୍ର, ଡିଇଓ ପୁଷ୍ପା ମିଞ୍ଜ, ବିନିକା ମେଡିକାଲ ମୁଖ୍ୟ ଅଧିକାରୀ ଜୟ ପ୍ରକାଶ ପ୍ରଧାନ, ଡିଆର୍‌ଡିଏର ଧନଞ୍ଜୟ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୧୧୮ଗୋଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଭାବରେ ୧୧୪, ଗ୍ରାମ୍ୟ ସମସ୍ୟାରେ ୪ଟି ଅଭିଯୋଗ ଲୋକଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କର ରିଲିଫ ପାଣ୍ଠି ସହାୟତା ପାଇବା ନିମନ୍ତେ ୩ ଜଣ ବ୍ୟକ୍ତି ଆବେଦନ କରିଥିଲେ। ରେଡକ୍ରସ୍‌ରୁ ସହାୟତା ପାଇବା ନେଇ ୬ଜଣ ବ୍ୟକ୍ତି ଆବେଦନ କରିଥିଲେ। ସମୁଦାୟ ଅଭିଯୋଗ ମଧ୍ୟରୁ ୮୦ଟି ଅଭିଯୋଗ ଶିବିରରେ ତୁରନ୍ତ ସମାଧାନ ହୋଇଥିଲା। ଲୋକଙ୍କର ଅଭିଯୋଗ ମଧ୍ୟରୁ ଗ୍ରାମ୍ୟ ସମସ୍ୟା ଭିତ୍ତିକ ୪ଟି ଅଭିଯୋଗରେ ବାବୁପାଲି ଗ୍ରାପ ସରପଞ୍ଚଙ୍କର ମନମୁଖି କାର୍ଯ୍ୟକଳାପକୁ ନେଇ ଏକ ଅଭିଯୋଗ ଓ ୧୧୪ଟି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ବିନିକା ଏନ୍ଏସି ଅନ୍ତର୍ଗତ ଧିବର ପଡାର ଜନୈକା ମହିଳା ନକଲି ସାର୍ଟିଫିକେଟ ଦ୍ୱାରା ପଡାର ଅଙ୍ଗନୱାଡି କେନ୍ଦ୍ରରେ ନିଯୁକ୍ତି ପାଇଥିବା ବିଷୟରେ ଶିବିରରେ ଲିଖିତ ଅଭିଯୋଗ କରିଥିଲେ ଧିବର ପଡାର ଝରଣା ବେହେରା। ତେବେ ମହିଳା ଅଙ୍ଗନୱାଡିଙ୍କ ନିଯୁକ୍ତି ବିଷୟ ନେଇ ବିଧିବଦ୍ଧ ତଦନ୍ତ କରି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ବିନିକା ସିଡିପିଓ ସୁଭାଗିନୀ ହରିପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ସିଦ୍ରିଆ ଯୁବକଙ୍କ ପାଖରୁ ସ୍ଥାନୀୟ ଆର୍‌ଆଇ ପୁରୁଣା ଖତିୟାନ ନକଲ ଗ୍ରହଣ କରୁଛନ୍ତି ।

# ସିଦ୍ରିଆଙ୍କଠାରୁ ପୁରୁଣା ଖତିୟାନ ସଂଗ୍ରହ ତତ୍ପର ହେଲା ରାଜସ୍ୱ ପ୍ରଶାସନ

**ବିନିକା,୨୦।୧(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ଜାମପାଲି ଗ୍ରାମରେ ତିନୋଟି ପଡାରେ ରହୁଥିବା ୫୦ଟି ସିଦ୍ରିଆ ପରିବାର ନିଜ ଜାତିର ପରିଚୟକୁ ନେଇ ଦୀର୍ଘ ୭୦ବର୍ଷ ହେଲା ଏ ଅଫିସ୍ ସେ ଅଫିସ୍ ହୋଇ ହୋଇ ନୟାନ୍ତ ହୋଇ ସାରିଥିଲେ। ଶେଷରେ ଧରିତ୍ରୀରେ ପ୍ରକାଶିତ ଗୋଟିଏ ଖବର ସିଦ୍ରିଆମାନଙ୍କର ଅନେକ ଦିନର ସ୍ୱପ୍ନକୁ ପୂରଣ କରିଛି। ଯଦ୍ୱାରା ଜିଲା ପ୍ରଶାସନ ସହିତ ବିନିକା ରାଜସ୍ୱ ବିଭାଗ ସିଦ୍ରିଆଙ୍କ ସମସ୍ୟାକୁ ନେଇ ତେଜିଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୧୮ରେ ବିନିକା ତହସିଲଦାର ଅଲେଖ ଘୁଟା ଜାମପାଳି ସିଦ୍ରିଆ ମାନଙ୍କର ପାଖେ ପହଁଚି ସେମାନଙ୍କ ଜାତି ବିଷୟିକ ପ୍ରାଥମିକ ତଦନ୍ତ କରିଥିଲେ। ଓଡ଼ିଶା ଜାତି ତାଲିକାର କ୍ରମିକ ସଂଖ୍ୟା ୮୪ରେ ସିଦ୍ରିଆ ଏସସି ବୋଲି ଲିପିବଦ୍ଧ ଥିବା ପ୍ରମାଣ ପାଇ ତହସିଲଦାର ସିଦ୍ରିଆମାନଙ୍କର ପୁରୁଣା ଖତିୟାନ ଗୁଡିକ ତୁରନ୍ତ ରାଜସ୍ୱ କାର୍ଯ୍ୟାଳୟରେ ପେଶ କରିବାକୁ କହିଥିଲେ। ତେବେ ବିନିକା ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସିଂଘିଯୁବା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସରୋଜ କୁମାର ବାଘ ଓ ଅମିନ ସୋମବାର ଜାମପାଲି ସିଦ୍ରିଆ ମାନଙ୍କର ପୁରୁଣା ଖତିୟାନର ନକଲ କପିଗୁଡିକ ସଂଗ୍ରହ କରିଥିଲେ। ଏ ବିଷୟ ନେଇ ଆର୍‌ଆଇ ସରୋଜ କୁମାର ବାଘଙ୍କୁ ପଚାରିବାରୁ ସେ କହିଲେ, ଜାମପାଲି ସିଦ୍ରିଆମାନଙ୍କର ପାଖର ଖତିୟାନ ନକଲ ସଂଗ୍ରହ ଚାଲିଛି। ଯାହା ବିନିକା ରାଜସ୍ୱ ବିଭାଗକୁ ତୁରନ୍ତ ପଠାଯିବ। ଏହା ପରେ ରାଜସ୍ୱ ବିଭାଗ, ସ୍ଥାନୀୟ ସରପଞ୍ଚ ଓ ଜାମପାଲି ଗାଁ ଲୋକଙ୍କୁ ନେଇ ଏକ ସଭା ହେବ। ସଭାପରେ ସିଦ୍ରିଆମାନଙ୍କୁ ଓଡିଶା ଜାତି ତାଲିକା ମୁତାବକ ସେମାନଙ୍କୁ ତାଙ୍କ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ।

# ଭତାରୁ ବଁଚିତ୍ ଅଟେଁନ, ସୁରୁସିଂ

**ଲାଠୋର, ୨୦।୧ (ଡି.ଏନ୍.ଏ.)**



ବିଧବା ଅଟେଁନ ମାଝି, ବୁରୁଧି ସୁରୁସିଂ ମଲ୍ଲିକ।

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ପଁଚେତ୍ ସଦର ଗାଁର ବିଧବା ମହିଲା ଅଟେଁନ ମାଝି ଆର ତୁରେକେଲାର ସୁରୁସିଂ ମଲ୍ଲିକକଁର ବଏସ୍ ହେଇଥିଲେ ବି ଭତା ପାଏବାରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ଢୋଲମାନ୍ଦଲ ଗାଁର ସ୍ୱର୍ଗତ ଅର୍ଜୁନ ମାଝିକଁର ମାଏକିନା ଅଟେଁନ ମାଝି। ତାକର ଗୁଟେବଲି ଝିଁକେ ବିହାତୁରା କଲା ଉତାରୁ ସେ ନିସାହା ହେଇଯାଇଛନ୍। ଜମିବାଡ଼ି ବଲି କିଛି ନାଇଁ। ସରକାର ଗରିବ୍ ଦୁଖିକୁ ଭତା, ଆବାସ ଘର, ଚାଉଲ ଯୁଗେଇ ଦେଉଥିଲାବେଲେ ଇ ସବୁରୁ ଅଟେଁନ ବଁଚିତ୍ ହେଇ ରହିଛନ୍। ଏନ୍‌ତାଥି ଉପେ ଶୁଇନ୍ ଅଟେଁନ ଗାଁଛାଡ଼ି ଝିଁଜୁଏଁ ଘର ଗାଁ ତୁରେକେଲା ବ୍ଲକ ଅଧୀନ ବାଞ୍ଜିପାଲିରେ ଝନେ ଲାଗେଲେସର ଘରେ ଆଶ୍ରେ ନେଇଛନ୍। ସେନ୍‌ତା ତୁରେକେଲା ବସ୍ତିପଡ଼ାର ସୁରୁସିଂ ମାଝିକଁର ପରିବାର କହେଲେ ମାଏକିନା ସରୋଜିନୀ ଆର ଗୁଟେ ବଲି ଝିଁ ଅମ୍ବିକାକୁଁ ନେଇ ସଁସାର। ସୁରୁସିଂ ବି ଦୁଖ୍‌ସୁଖ୍ କରି ଝିଁକେ ବିହାତୁରା କରି ସାରିଛନ୍। ଯେନ୍ ଜମିବାଡ଼ି ଟିକେ ରହିଛେ ସେଟା ସୁରୁସିଂ କମାବାର ସଂଗେ ମାଏକିନା କୁଲିମଜୁରି କରି ରୁଜ୍‌ଗାର କରୁଥିବାର ଟଁକାରେ ଯଥରକଥର ଘରର ତେଲ୍‌ନୁନ ଚଲୁଛେ। ସୁରୁସିଂକଁର ବଏସ୍ ୬୦ ଟପିଥିଲେ ବି ଆଏଜ୍‌ତକ ସେ ଭତାରୁ ବଁଚିତ୍ ହେଇ ରହିଥିବାର କହିଛନ୍। ଥାନୀଅ ବ୍ଲକ ପରଶାସନ ବୁରୁଧି ବିଧବା ଅଟେଁନ ମାଝି ଆର ସୁରୁସିଂ ମଲ୍ଲିକଁର ଉପରେ ଦୁରୁଷ୍‌ଟି ଦେଇ ଯେତେ ଜଲ୍‌ଦି ହେବା ଭତା ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

### ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କ୍ୟୁନେଟ୍ ଚିଟ୍‌ଫଣ୍ଡ ଠକେଇ ମାମଲା**

**କଟକ ଅଫିସ,୨୦।୧:** କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥାର ୪ ଜଣ ଅଭିଯୁକ୍ତଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ୪ ଜଣ ହେଲେ ସଂସ୍ଥାର ଭାରତ ରଘୁବଂଶୀ, ରଶ୍ମିରଞ୍ଜନ ମଲ୍ଲିକ, ପ୍ରଶାନ୍ତ କୁମାର ମହାନ୍ତି ଓ ରବୀନ୍ଦ୍ର କୁମାର। ସୂଚନାଥାଉ କି, କ୍ୟୁନେଟ୍ ଚିଟ୍‌ଫଣ୍ଡ ସଂସ୍ଥା ଅଧିକ ସୁଧ ଆଶା ଦେଖାଇ ଜମାକାରୀଙ୍କଠାରୁ ଟଙ୍କା ଜମା ରଖୁଥିଲା। ୫ ବର୍ଷରେ ୫ ଲକ୍ଷ ଟଙ୍କା ବହୁ କୋଟି ହେବ ବୋଲି ଲୋଭ ଦେଖାଇ ଲୋକଙ୍କଠାରୁ ଟଙ୍କା ଠକି ନେଇଥିଲା। ଏହି ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ସଂସ୍ଥାର ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ଅନ୍ୟ ୪ ଜଣ ଆଗୁଆ ଜାମିନ ପାଇଁ ହାଇକୋର୍ଟକୁ ଆସି ନିରାଶ ହୋଇଛନ୍ତି।



ମୁଖ୍ୟ ଅତିଥି ଶୋରୁମ୍‌କୁ ଉଦ୍‌ଘାଟନ କରୁଛନ୍ତି ।

# ସୋନପୁରରେ ବଜାଜ ଶୋରୁମ ଉଦ୍‌ଘାଟିତ

**ସୋନପୁର,୨୦।୧(ନି.ପ୍ର.)**

ସହରର ସୋନପୁର-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ପାର୍ଶ୍ୱ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଉଜ୍ୱଳ ବଜାଜ ଶୋରୁମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘର ସମ୍ପାଦକ ତଥା ସରକାରୀ ଓକିଲ ବ୍ୟୋମକେଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶୋରୁମ୍‌କୁ ଉଦ୍‌ଘାଟନ କରିଥିଲେ। କମ୍ପାନୀର ଆଞ୍ଚଳିକ ପରିଚାଳକ ସୁମାର ଭଟ୍ଟାଚାର୍ଯ୍ୟ ଓ ଏଜିଏମ ପଞ୍ଚଜନ୍ୟ ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୋରୁମର ସତ୍ତ୍ୱାଧିକାରୀ ଦିନେଶ ଶର୍ମା ଓ ଦୀପକ ଶର୍ମା ଉପସ୍ଥିତ ଥିଲେ। ଏହି ଶୋରୁମ୍ ଗ୍ରାହକଙ୍କୁ ସୁନିଶ୍ଚିତ ଉପହାର ଓ କ୍ୟାସ ଡିସ୍କାଉଣ୍ଟ ସହ ଉନ୍ନତ ସେବା ଯୋଗାଇବା ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ ।

### ସୋନପୁର କଲେଜର ୫୬ତମ ବାର୍ଷିକ ଉତ୍ସବ

# ଛାତ୍ର ସମାଜ ପରିବର୍ତ୍ତନର ବାର୍ତ୍ତାବହ

**ସୋନପୁର,୨୦।୧(ନି.ପ୍ର.)**




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଦେଶର ଭବିଷ୍ୟତ ଛାତ୍ରୀଛାତ୍ରଙ୍କ ଉପରେ ନିର୍ଭର କରୁଛି। ଆଜିର ଛାତ୍ର ଆସନ୍ତାକାଲିର ନୁହଁ, ଆଜିର ନାଗରିକ। ତେଣୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ସମାଜରେ ଆଗକୁ ଯିବା ପାଇଁ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡିବ। ଏଥିପାଇଁ ଆମକୁ ପ୍ରସ୍ତୁତ ହେବାକୁ ହେବ। ଛାତ୍ର ସମାଜ ଏହି ପରିବର୍ତ୍ତନର ବାର୍ତ୍ତାବହ ବୋଲି ସୋନପୁର କଲେଜର ୫୬ତମ ବାର୍ଷିକ ଉତ୍ସବ ସ୍କ୍ରିମ୍-୨୦୨୦ର ଉଦ୍‌ଘାଟନୀ ଉତ୍ସବରେ ସୋମବାର ମୁଖ୍ୟ ଅତିଥିଭାବେ ଯୋଗଦେଇ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି। ପୂଜାରୀ ଆହୁରି କହିଥିଲେ ଯେ, ଏହି ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ଥାନୀୟ ଅଞ୍ଚଳର ଆଲୋକବର୍ତ୍ତିକା ସଦୃଶ। ଏହାର ଭିତ୍ତିଭୂମିର ବିକାଶ ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନିର୍ମାତା ଡ. ସବ୍ୟସାଚୀ ମହାପାତ୍ର କହିଥିଲେ ଏକ ଉନ୍ନତ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ର ଭଲ ପାଠ ପଢିବା ସହିତ ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ବିକାଶ କ୍ଷେତ୍ରରେ କାମ କରିବାକୁ ଡ. ମହାପାତ୍ର ପରାମର୍ଶ ଦେଇଥିଲେ। ବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତାଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନ ଦେବାଳୟ ସଦୃଶ। ମଣିଷ ଉଚ୍ଚ ଶିକ୍ଷିତ ହେଲେ ଦେଶ ଓ ଜାତି ସମୃଦ୍ଧ ହେବ। ଏହି ଅବସରରେ ସ୍ୱରଚିତ ବ୍ୟଙ୍ଗ କବିତା ଦ୍ୱାରା ପୁରୋହିତ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିଥିଲେ। କଲେଜ ଅଧ୍ୟକ୍ଷ ତରୁଣ କୁମାର ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଅଧ୍ୟାପକ ଉମାକାନ୍ତ ନାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ସୋନାଲି ସାହା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଛାତ୍ର ପ୍ରତିନିଧି ଚନ୍ଦନ ବେହେରା ଓ ଉପସଭାପତି ଅଧ୍ୟାପକ ମହେନ୍ଦ୍ର ଦାସ ମଞ୍ଚାସିନ ଥିଲେ। ଛାତ୍ର ସଂସଦର ଉପଦେଷ୍ଟା ତଥା ଓଡିଆ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୨୧ ଜାନୁୟାରୀ, ୨୦୨୦



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କୁ ମାରପିଟ : ଜେଲଗଲେ ଅଭିଯୁକ୍ତ

**ଭବାନୀପାଟଣା,୨୦।୧(ଡି.ଏନ.ଏ.):** ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ଅନ୍ୟ ଜଣେ କର୍ମଚାରୀ ମାରପିଟ କରିବା ନେଇ ଗତ ୧୯ ତାରିଖ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ମହିଳା କର୍ମଚାରୀଙ୍କ ଅଭିଯୋଗ ଆଧାରରେ ପୋଲିସ କ୍ଷୀତିଶ ମୁଣ୍ଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମହିଳା କର୍ମଚାରୀଙ୍କୁ ଦୀର୍ଘଦିନ ଧରି ଅଧିକାରୀ ବିଭିନ୍ନ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ। ଗତ ୧୮ ତାରିଖରେ ମୁଣ୍ଡ ଯୁବତୀଙ୍କୁ ମାଡ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣା ନେଇ ମହିଳା କର୍ମଚାରୀ ଜଣକ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ କ୍ଷୀତିଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଜଙ୍ଗଲ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

ଭବାନୀପାଟଣା,୨୦।୧ (ଡି.ଏନ.ଏ.) କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଉଛଳା ପଞ୍ଚାୟତ ନିକଟ ଜଙ୍ଗଲ ମଧ୍ୟରେ ଥିବା ଡୋକାଡଙ୍ଗରି ଗାଁକୁ ରାଜସ୍ୱ ଗାଁର ମାନ୍ୟତା ଦେବା ପାଇଁ ରବିବାର ବିଡିଓ ସ୍ନିଗ୍ଧାରାଣୀ ପଧାନଙ୍କ ଅଧକ୍ଷତାରେ ଗାଁରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଉଛଳା ସରପଞ୍ଚ ମମତା କଟା, ସମିତି ସଭ୍ୟ ରୁଦ୍ର ରଣା, ୱାର୍ଡ ସଭ୍ୟ ହେମବତୀ ବାଗ, ବନାଞ୍ଚଳ ଅଧିକାରୀ ମୋହନ ପଟେଲ ଏବଂ ଗ୍ରାମର ବହୁ ଲୋକ ଯୋଗଦେଇଥିଲେ। ସରକାରଙ୍କ ବହୁ ଯୋଜନା ଏହି ଗାଁରେ ଅପହଞ୍ଚ। ଏଠାରେ ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ଲାଗି ରହିଛି ବୋଲି ଗାଁର ବନିତା ବାଗ, ବଳରାମ ବାଗ, ରଥ ମାଝି, ଲବ ମାଝି, ଶିବରାମ ମାଝି, ବିଭୁ ବାଗ, ନୀଳମଣୀ ବାଗ ପ୍ରମୁଖ ସଭାରେ ଅଭିଯୋଗ କରିଥିଲେ। ରାଜସ୍ୱ ଗାଁର ମାନ୍ୟତା ମିଳିଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୨୦।୧ (ଡି.ଏନ.ଏ.) ଭବାନୀପାଟଣା ସୀତାବୋର୍ଡି ପଡାରେ ଆନନ୍ଦମାର୍ଗ ୟୁନିଭର୍ସାଲ ରିଲିଫ ଟିମ୍ ଗ୍ଲୋବାଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ଲୋବାଲ ରାଜ୍ୟ ସମ୍ପାଦକ ଆଚାର୍ଯ୍ୟ ଦୟା ଶିଖାନନ୍ଦ ଅବଧୂତଙ୍କ ଅଧ୍ୟକ୍ଷତାରେ ଆନନ୍ଦମାର୍ଗ ରିଲିଫ୍ ଟିମ ସଭାପତି ଡଃ ବିଶ୍ୱଜିତ ହୋତା, ଉପସଭାପତି ଭୁବେନ୍ଦ୍ର ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହାପରେ ଗରିବ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଜିଲା ସଂଯୋଜକ ରଞ୍ଜିତ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହେମନ୍ତ ଚୌହାନ, ଦିବେଶ ପଟେଲ, ଧନଞ୍ଜୟ ବଛା, ସବିତା ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

- ୪ ଦିନ ହେଲା ଡାକ୍ତରଖାନାରେ ପଡିଛି ମୃତଦେହ
- ସମାଧାନ ହେଉ ନ ଥିବାରୁ ମୃତଦେହ ଆସିପାରୁନି

**ଜୁନାଗଡ/ଦାସିଗାଁ, ୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ବରଗଛପଡାର କେଶରୀ ନାଗ (୩୮) ନାମକ ଜଣେ ଶ୍ରମିକ ତାମିଲନାଡୁର ତିରୁପ୍ପୁରକୁ ଦାଦନ ଖଟିବାକୁ ଯାଇ ସେଠାରେ ଶୁକ୍ରବାର ମୃତ୍ୟୁ ବରଣ କରିଛନ୍ତି। ଏହି ଘଟଣାର ବର୍ତ୍ତମାନ ସୁଦ୍ଧା କୌଣସି ସମାଧାନ ହୋଇପାରି ନ ଥିବାରୁ ଗତ ୪ ଦିନ ହେଲା ଦାଦନ ଶ୍ରମିକଙ୍କ ମୃତ୍ୟୁଦେହ ଡାକ୍ତରଖାନାରେ ପଡିରହିଛି। ଯାହାକି ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ।



ମୃତ ଦାଦନ ଶ୍ରମିକ କେଶରୀ ନାଗ।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ୩ ମାସ ତଳେ ଗାଁର କିଛି ସମ୍ପର୍କୀୟଙ୍କ ସହ କେଶରୀ ଦାଦନ ଖଟିବାକୁ ତାମିଲନାଡୁର ତିରୁପ୍ପୁରକୁ ଯାଇଥିଲେ। ସେଠାରେ ସେ ଏକ କପଡା କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ଶୁକ୍ରବାର ହଠାତ୍ ତାଙ୍କୁ ଜ୍ୱର ସହ ଛାତି ଯନ୍ତ୍ରଣା ହୋଇଥିଲା। ସମ୍ପର୍କୀୟମାନେ କେଶରୀଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଏକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ଦିନ ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରୀ କର୍ତ୍ତୃପକ୍ଷ ପୋଲିସ ପହଞ୍ଚି ସମାଧାନ ନ କରିବା ପର୍ଯ୍ୟନ୍ତ ମୃତଦେହକୁ ଛଡାଯିବ ନାହିଁ ବୋଲି କହିଥିଲେ। ସମ୍ପର୍କୀୟମାନେ କେଶରୀଙ୍କ ମୃତ୍ୟୁ ନେଇ ଗାଁରେ ଥିବା ତାଙ୍କ ପରିବାରବର୍ଗଙ୍କୁ ଜଣାଇଥିଲେ। କେଶରୀଙ୍କ ମୃତ୍ୟୁ ଖବର ଶୁଣି ପରିବାରବର୍ଗଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଥିଲା। ଶନିବାର ସକାଳରେ କେଶରୀଙ୍କ ସ୍ତ୍ରୀ ବନିତା, ୨ ଛୋଟ ଝିଅ ପାପୁନି, ମାମୁନିଙ୍କ ସମେତ ତାଙ୍କ ଭାଇ, ଭାଇବୋହୂ ଓ ଶଶୁର ମୃତଦେହ ଆଣିବାକୁ ତାମିଲନାଡୁ ତିରୁପ୍ପୁର ଅଭିମୁଖେ ବାହାରିଥିଲେ। ସୋମବାର ଅପରାହ୍ନରେ ସେମାନେ ମୃତଦେହ ରହିଥିବା ଡାକ୍ତରଖାନାରେ ପହଞ୍ଚିଥିଲେ। ଡାକ୍ତରୀ କର୍ତ୍ତୃପକ୍ଷ ପୋଲିସ ପହଞ୍ଚି ସମାଧାନ ନ କଲା ଯାଏଁ ମୃତଦେହ ନେବା ତୋ ଦୂରର କଥା ଦେଖାଇବାକୁ ବି ମନା କରିଥିଲେ। ଫଳରେ ପରିବାରବର୍ଗ ଏବେ ଦୁଃଖର ସହ ପୋଲିସର ସମାଧାନ ବାଟକୁ ଅପେକ୍ଷା କରି ବସିଛନ୍ତି। ଏହି ଘଟଣାର ସମାଧାନ ହୋଇପାରୁ ନ ଥିବାରୁ ଗତ ୪ ଦିନ ହେଲା ମୃତଦେହ ଡାକ୍ତରଖାନାରେ ପଡିରହିଛି। ଏଥିପ୍ରତି କଳାହାଣ୍ଡି ଜିଲା ପ୍ରଶାସନ ତଥା ଜିଲା ଶ୍ରମ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ମହିଚଲା ପଞ୍ଚାୟତରେ ନୂତନ ଭତ୍ତା ପାଇଥିବା ହିତାଧିକାରୀ।

# ୨ ପଞ୍ଚାୟତରେ ୧୯୭ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ

**ଜୁନାଗଡ,୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ପଞ୍ଚାୟତରେ ସୋମବାର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୨୪ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ଏପରିକି ଅସହାୟ ଅବସ୍ଥାରେ ଥିବା ହିତାଧିକାରୀଙ୍କୁ ଘରକୁ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ଭତ୍ତା ଦେଇଥିଲେ। ମହିଚଲା ସରପଞ୍ଚ ଅଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଇଓ ନେତ୍ରାନନ୍ଦ ସାହୁ, ଜିଆରଏସ୍ କେଶବ ନାଏକ, ୟୁଥ୍ ସାନ୍ତନୁ କୁମାର ବଣିଆଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ। ସେହିପରି ବ୍ଲକ ବଳଦିଆମାଲ ପଞ୍ଚାୟତରେ ମଧ୍ୟ ୭୩ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ମେହେରଙ୍କ ଅଧକ୍ଷତାରେ ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ବିଏସ୍ଏସଓ ତୁଷାର ରଞ୍ଜନ ସାହୁ, ପିଇଓ ଶିବରାମ ସାହୁ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ।

# ଛତିଶଗଡ଼ ପୋଲିସ ମାଡ଼ରେ ୨ ଗୁରୁତର

**ଛତିଶଗଡ୍- ଓଡ଼ିଶା ସୀମାନ୍ତ ହତ୍ୟା ଘଟଣା**

- ଡାକ୍ତରଖାନାରେ ଭର୍ତ୍ତି, ଥାନାରେ ଅଭିଯୋଗ

**ପର୍ଲା,୨୦।୧ (ଡି.ଏନ.ଏ.)**

ଛତିଶଗଡ଼-ଓଡ଼ିଶା ସୀମାନ୍ତ ହତ୍ୟା ଘଟଣାରେ ମୃତକଙ୍କ ପରିବାରକୁ ଛତିଶଗଡ଼ ପୋଲିସ ଥାନାକୁ ଡାକି ମାଡ ମାରିଥିବା ବେଳେ ୨ ଜଣ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗତ ଶନିବାର ଦେଭୋଗ ପୋଲିସ ଲଛିପୁର ଗ୍ରାମର ବଳଦେବ ସୁନାନୀ (୫୨) ଓ ବିଦେଶୀ ସୁନାନୀ (୫୦)ଙ୍କୁ ଘଟଣା ସମ୍ପର୍କରେ ପଚାରିବାକୁ ଦେଭୋଗ ଥାନାକୁ ଡାକି ନେଇଥିଲେ। ସେଠାରେ ଦୁହିଁଙ୍କୁ ଘଟଣା ବିଷୟ ଜାଣିଥିବା ସନ୍ଦେହ କରି ନିସ୍ତୁକ ମାରପିଟ କରିଥିଲେ । ପରେ ଦୁହେଁଙ୍କୁ ଦେଭୋଗ ଅନ୍ତର୍ଗତ ଝରାବାହାଲ ଜଣେ ଗ୍ରାମରକ୍ଷୀଙ୍କ ଜିମାରେ ଛାଡିଦେଇଥିଲେ। ମାଡରେ ଆହତ ଦୁଇଜଣ ପରିବାର ଲୋକଙ୍କୁ ନେଇଯିବା ପାଇଁ ସମ୍ପର୍କିୟ ଗ୍ରାମରକ୍ଷୀ ଫୋନ କରିଥିଲେ। ପରିବାର ଲୋକ ଆଣିବାକୁ ଯାଇଥିବା ବେଳେ ରାସ୍ତାରେ ଦୁହେଁ ଗୁରୁତର ହେବାରୁ ତରୁନ୍ତ ଧର୍ମଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ବଳଦେବଙ୍କ ସ୍ତ୍ରୀ ଅଷ୍ଟମୀ ସୁନାନୀ ଛତିଶଗଡ ପୋଲିସଙ୍କ ନାମରେ ଧର୍ମଗଡ ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଗ୍ରାମର ହରି ନିଆଲ (୩୬)ଙ୍କ କ୍ଷେତ୍ରରେ ମଧ୍ୟ ଦେଭୋଗ ପୋଲିସ ମାରପିଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଗତ ୧୨ ତାରିଖରେ ଦେଭୋଗ ପୋଲିସ ଥାନାକୁ ଡାକି ଚାବୁକ ଓ ଠେଙ୍ଗାରେ ନିସ୍ତୁକ ମାଡ ମାରିଥିଲେ। ସେହିପରି ୧୮ ତାରିଖରେ ବଳଦେବ ସୁନାନୀ, ବିଦେଶୀ ସୁନାନୀ ଓ ଜଗତରାମ ନାଏକଙ୍କୁ ଥାନାରେ ରଖି ୪ଜଣ ପୋଲିସ ନିସ୍ତୁକ ମାଡ ମାରିଥିବା ଧର୍ମଗଡ ଥାନାରେ ଅଷ୍ଟମୀ ସୁନାନୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଧର୍ମଗଡ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଭାବେ ଜଣାଇଛନ୍ତି। ଧର୍ମଗଡ ଥାନା ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କୁ ପଚାରିବାରୁ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀ କରିଥିବା ଅଭିଯୋଗ ଅନୁଯାୟୀ ଛତିଶଗଡ ପୋଲିସକୁ ଠିକ ଭାବେ ତଦାରଖ କରିବାକୁ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ କହିଥିବା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧୦ ତାରିଖରେ ଛତିଶଗଡ-ଓଡିଶା ସୀମାନ୍ତରେ ତର୍ପ ସୁନାନୀଙ୍କ ହତ୍ୟା ଘଟଣାର ଛତିଶଗଡ ପୋଲିସ ତଦନ୍ତ କରୁଛି । ଆଜି ଯାଏଁ କୌଣସି ହତ୍ୟାକାରୀଙ୍କୁ ଚିହ୍ନଟ କରିପାରି ନ ଥିବା ବେଳେ ବାରମ୍ୱାର ମୃତଙ୍କ ଗ୍ରାମକୁ ଆସି ଜନସାଧାରଣଙ୍କ ହଇରାଣ କରୁଛି ।

### ଗ୍ରାମ୍ୟ କୃଷି କର୍ମୀ, କୃଷକ ସାଥୀଙ୍କ ତାଲିମ ଶିବିର ଉଦ୍‌ଯାପିତ

**କର୍ଲାମୁଣ୍ଡା,୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଆତ୍ମା ସଭାଗୃହଠାରେ ଓଡିଶା ସରକାର ଓ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ତଥା ଆତ୍ମା କଳାହାଣ୍ଡି ପକ୍ଷରୁ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ସାଧନା କର୍ମୀ ଭାବେ ଲାଞ୍ଜିଗଡ ଏଏଓ ସୁଧାଂଶୁ ଶେଖର ମେହେର, କର୍ଲାମୁଣ୍ଡା ଏଏଓ ମୋନାଲିଷା ଜେନା, ସରୋଜିନୀ ମିଶ୍ର, ଜିତେନ୍ଦ୍ର ସା, ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଯୋଗଦେଇ କୃଷି ଓ ପଶୁ ପାଳନ ପାଇଁ ଜଳର ଆବଶ୍ୟକତା ତଥା ପ୍ରାକୃତିକ ସମ୍ପଦଗୁଡିକ ପରିଚାଳନା ଆଦି ଉପରେ ତାଲିମ ପ୍ରଦାନ କରିଥିଲେ। ତାଲିମାର୍ଥୀ ଭାବେ ବ୍ଲକ ସମସ୍ତ ଭିଏଡବ୍ଲ୍ୟୁ, ବିଟିଏମ, ଏଟିଏମ ଓ କୃଷକ ସାଥୀମାନେ ଅଂଶ ଗ୍ରହଣ କରିଥିଲେ । ଶିବିରରେ କୃଷି କ୍ଷେତ୍ର ଅଧିକାରୀ ଅରୁଣ ଚନ୍ଦ୍ର ପାତ୍ରୀ, ଗ୍ରାମ୍ୟ କୃଷି କର୍ମୀ ଧର୍ମେନ୍ଦ୍ର ଶବର , ଘନଶ୍ୟାମ ଜାନୀ, ସରୋଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍ ଅବସରରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ପଞ୍ଚ ଦିବସୀୟ ଫୁଟବଲ ଉଦ୍‌ଘାଟିତ: ଜୟପାଟଣା ବିଜୟୀ

**କଲମପୁର,୨୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ପଞ୍ଚାୟତ କର୍ମେଲ ଡଙ୍ଗରିଗୁଡା ଚକଡୋଲା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ସୋମବାର ପଞ୍ଚ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ପ୍ରଥମ ମ୍ୟାଚ ଜୟପାଟଣା ଏବଂ ବଙ୍କାପଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ କେହି କାହାରିକୁ ଗୋଲ ସ୍କୋର କରି ପାରି ନ ଥିଲେ। ପେଲାନଟିରେ ଜୟପାଟଣା ବିଜୟୀ ହୋଇଥିଲେ। ପୂର୍ବତନ ୱାର୍ଡ ସଭ୍ୟ ରାମକୃଷ୍ଣ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆରଡି ଜେଇ ମାତାରାମ ବାଣ୍ଡରା, ସମ୍ମାନିତ ଅତିଥି ଗଣେଶରାମ ବାଗ, ଜଗନ୍ନାଥ ନାଏକ, ଗଣେଶ ନାଗ, ରମେଶ ପଣ୍ଡା ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରାଜୁ ଶବର ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ବିଟୁ ବାରିକ ଏବଂ କ୍ଷୀରୋଦ ମାଝି ଦାୟୀତ୍ୱ ତୁଲାଇଥିଲେ । ସୁରେଶ ମାଝି ଏବଂ କାର୍ତ୍ତିକ ମାଝି ଧାରାବିବରଣୀ ପ୍ରଦାନ କରିଥିଲେ। ଖେଳକୁ ଚକାଡୋଲା ସାଂସ୍କୃତିକ ଅନୁଷ୍ଠାନ ତଥା କମିଟି ନରେନ୍ଦ୍ର ନିଆଁଲ, ଟୁଲୁ ମାଝି, ସୁରେଶଚନ୍ଦ ଛୋଡ, ସାବେଶ ମାଝି, ଗଜିନ୍ଦ୍ର ନାଗ, ସୁଶାନ୍ତ ନାଗ, ଧର୍ମରାଜ ମାଝି, ପ୍ରେମ ବାଗ ପ୍ରମୁଖ ସହଯୋଗ କରୁଛନ୍ତି ।

# ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦାବିରେ ରାସ୍ତାରୋକୋ

**ପରବିନ୍ଦର ପାଲ ସିଂ ଆକ୍ରମଣ ଘଟଣା**

**ଭବାନୀପାଟଣା,୨୦।୧ (ଡି.ଏନ.ଏ.)**

ଭବାନୀପାଟଣା ଏବିଭିପି ଶାଖା ପକ୍ଷରୁ ବାହାଦୂର ବଗିଚାପଡା ନିକଟରେ ଥିବା ଗୁରୁଦ୍ୱାରା ସମ୍ମୁଖରେ ଭୁବନେଶ୍ୱରଠାରେ ପରବିନ୍ଦର ପାଲ ସିଂ ଆକ୍ରମଣ ଘଟଣାର ନିରପେକ୍ଷ ତଦନ୍ତ ଏବଂ ଜାମିନ ପାଇଥିବା ଅଭିଯୁକ୍ତମାନଙ୍କୁ କୋଠର ଦଣ୍ଡ ସ୍ୱରୂପ ଧାରା ୩୦୭ ଲାଗୁ କରିବା ଦାବିରେ ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯେଉଁଥିରେ ଶିଖ ସମୁଦାୟର ଅନେକ ବ୍ୟକ୍ତିଙ୍କ ସହ ନଗର ବିଦ୍ୟାର୍ଥୀ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଉକ୍ତ ବିକ୍ଷୋଭ ନଗର ସହ ସମ୍ପାଦିକା ଅଙ୍କିତା ପଲାଇଙ୍କ ନେତୃତ୍ୱରେ କରାଯାଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ପ୍ରଧାନ, ହିତେଶ ମେହେର, ଲୋକେଶ ମଙ୍ଗରାଜ, କିଶୋର ଶର୍ମା, ଅଭିଷେକ ନନ୍ଦ, ଦିପକ କୁମାର ପ୍ରଧାନ, ପ୍ରଦୀପ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।




ଭବାନୀପାଟଣା ଏବିଭିପି ଶାଖା ପକ୍ଷରୁ ସ୍ଥାନୀୟ ଗୁରୁଦ୍ୱାରା ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଆଈବୁଢ଼ୀର ହାତେ ୩ ଛେଉଁଡ୍ ଛୁଆକର ଭବିଷତ୍

**ପର୍ଲା, ୨୦।୧ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲ ଛଞ୍ଚାଣବାହାଲି ପଁଚେତ୍ ଅଧୀନ ବେହେରାଗୁଡ଼ା ଗାଁର ସୁବାସ ଦୋରୁଆନ(୪୫)କଁର ଶୁକୁରବାର ମୁରତ୍ୟୁ ହେଇଥିଲାବେଲେ ତାକର ୩ ଝିଁପୁଓ ବେସାହାରା ହେଇଯାଇଛନ୍। ଏନ୍ତାଥି ମା'ବାପ୍ ଛେଉଁଡ୍ ୩ ଭାଇବହେନ୍‌କର ଭବିଷତ୍ ଗୁଟେ ପରକାର ଅଁଧାରକେ ଠେଲି ହେଇଯାଇଛେ।



ନାତି ନାତେନ ସଂଗେ ଆଈବୁଢ଼ୀ ସୁଲୋଚନା।

ସୂଚନା ଅନ୍‌ସାରେ ବେହେରାଗୁଡ଼ା ଗାଁର ସୁବାଷ ଦୋରୁଆନ। ଆଏଜ୍‌କେ ୪ ବଛର ତଲେ ସେ କୁଷ୍ଠ ରୋଗ୍‌ରେ ଆକ୍ରାଁତ ହେଇଥିଲେ। ପରିବାରଟା ନିହାତି ଗରିବ୍, ସୁବାସ କୁଲିମଜୁରି କରି କୁଟୁମ ପୁଷୁଥିଲେ। ରୋଗ୍‌ରେ ଆକ୍ରାଁତ ହେଲା ଉତାରୁ ଅନେକ ଚିକିଛା କରେଥିଲେ ବି ସବୁବେଲେ ମାନସିକ୍ ଚାପ୍‌ରେ ରହୁଥିଲେ। ଶେଷେ କାମ୍‌ବୁତା କରବାର ଛାଡ଼ିଦେଲେ। ଏନ୍ତା ପରିସ୍ଥିତିରେ ସୁବାସକଁର ମାଏକିନା ବି ବଛରେ ତଲେ ନିଜର ୩ ଛୁଆ ନନ୍ଦିନୀ(୭), ମାନସ(୪) ଆର ବାହୁବଳୀ(୨)କୁଁ ଛାଡ଼ି ପଲେଇଗଲେ। ସେଦିନ୍‌ଠାନୁ ୩ ନାତିନାତେନକର ବୋଝ୍ ଆଈବୁଢ଼ି ସୁଲୋଚନା(୬୫) ଉଠଉଛନ୍। ହେଲେ ବୁରୁଧ୍ ସୁଲୋଚନା ବି ବଡ଼ା କଷ୍ଟେ ଦୁଖ୍‌ସୁଖ କରି ନାତିନାତେନକଁର ଲାଗି ଆହାର ଯୁଟଉଛନ୍। ଏନ୍ତା ପରିସ୍ଥିତିରେ ଗଲା ଶୁକୁରବାର ସୁବାସ ବି ଆରପାରକେ ଚାଲିଯାଇଛନ୍। ଏହେଦେ ନାତିନାତେନକଁର ଭବିଷତ୍ ପୂରାପୂରି ବାଈବୁଢ଼ି ସୁଲୋଚନାକଁର ଉପରେ ଲଦି ହେଇଛେ। ହେଲେ ବଏସ୍ ଅଧିକା ହେବାର ଲାଗି ବୁରୁଧ୍ ସୁଲୋଚନା ବି ଆଘର ଲେଖେଁ କାମ୍‌ବୁତା କରି ନାଇଁପାରବାର। ମୁଇଁ ଆଏଁଖ୍ ମୁଜିଦେଲେ ଇ ଛୁଆକର କାଣା ହେବା, କେନ୍‌କେ ଯିବେ, ତାକର ଭବିଷତ୍ କାଣା ହେବା ବଲି ନାନା କଥା ଚିନ୍ତା କରି ସୁଲୋଚନା ହରମେଶା ଆଁଖିରୁ ଲହ ଗଡ଼ଉଛନ୍। ଇଆଡ଼େ ନାତେନଟା ପଢ଼ବାର ଆରମ୍ କରିଥିଲାବେଲେ ମଝିଆଁ ନାତି ଘରେ ଖେଲାବୁଲା କରୁଛେ। ସେନ୍ତା ସାନ ନାତି ବାହୁବଳୀ(୨) ଏହେଦେ ବି ଅବୁଝା। ସେ ସବୁବେଲେ ମା'କେ ଝୁରି ହେବାର ସଂଗେ କ୍ଷୀର ଖାଏବାର ଲାଗି ଅରଷ୍ଟି କରୁଛେ। ଇ ଦୁଖି ପରିବାର ଉପରେ ଜିଲା ଆର ଥାନୀଅ ପରଶାସନ ଦୁରୁଷ୍ଟି ଦେଇ ନିଷ୍ପାପ ମା'ବାପ୍ ଛେଉଁଡ୍ ୩ ଭାଇଭହେନ୍‌କୁ ଥଇଥାନ କରବାରକେ ଗାଁବାସୀ ଦାବି କରିଛନ୍।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

- ସିଟିଜନ୍ ଫୋରମ୍ କଳାହାଣ୍ଡି ପକ୍ଷରୁ ୧୦ ଦଫା ଦାବି
- ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୨୦।୧ (ଡି.ଏନ.ଏ.)**

ସିଟି ଜନ୍ ଫୋରମ୍ କଳାହାଣ୍ଡି ପକ୍ଷରୁ ୧୦ ଦଫା ଦାବି ନେଇ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଫୋରମ୍ ଅଧକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଦୀର୍ଘଦିନରୁ ଜିଲାର ବିକାଶ ସକାଶେ ନେଇ ଅନେକଗୁଡିଏ ସୁଚିନ୍ତିତ ମତାମତ କଳାହାଣ୍ଡି ସିଟିଜନ୍ ଫୋରମ୍ ପକ୍ଷରୁ ଦିଆଯାଉଛି । କିନ୍ତୁ ତାହାର ଉଚିତ ପଦକ୍ଷେପ ନିଆଯାଉ ନ ଥିବାରୁ ଜିଲାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ଆଶାଜନକ ଭାବେ ବିକାଶ ହୋଇପାରୁନାହିଁ ବୋଲି ଧାରଣାକାରୀମାନେ ମତବ୍ୟକ୍ତ କରିଥିଲେ। ମଧାହ୍ନରେ ଫୋରମ୍ ଅଧକ୍ଷ ମହାପାତ୍ରଙ୍କ ସମେତ ସମ୍ପାଦକ ସିମାଞ୍ଚଳ ମିଶ୍ର, ଉପାଧକ୍ଷ ସୁବାସ ଚନ୍ଦ୍ର ଚନ୍ଦ, ଯୁଗ୍ମ ସମ୍ପାଦକ ବି.କେ. ସେନାପତି, ପୂର୍ବତନ କୋଷାଧକ୍ଷ ହାଜି ଅମିନ ଖାଁ, କଳାହାଣ୍ଡି ବାର ଆସୋସିଏଶନ୍ ସଭାପତି ଭବେନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ନାଗରିକ ଦୀନବନ୍ଧୁ ମୁଣ୍ଡ, ଜଗଦୀଶ ପ୍ରସାଦ, ଜଗଦୀଶ ସିଂ, ସଞ୍ଜୀବ ନାୟକ, ଭାରତ ଭୂଷଣ ଦାସ, ପ୍ରଭାଶ ଚନ୍ଦ୍ର ମିଶ୍ର, ଯୋଗେଶ ଚନ୍ଦ୍ର ଦୋରା ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ଧାରଣାରୁ ଓହରିଥିଲେ। ୧୦ ଦଫା ଦାବି ମଧ୍ୟରେ ଭବାନୀପାଟଣାଠାରେ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା, ତହସିଲ ଅଫିସରେ ଠିକ ସମୟରେ କାର୍ଯ୍ୟ ହେଉ ନ ଥିବା ଯୋଗୁ ରେଜିଷ୍ଟ୍ରେଶନ୍ ଓ ମ୍ୟୁଟେଶନ୍ ସକାଶେ ଜନସାଧାରଣ ହଇରାଣ ହେଉଥିବା, ୨୭ଟି ବିଭାଗରେ ରାଇଟ ଟୁ ସାରଭିସ ଆକ୍ଟ ଏଯାଏଁ କାର୍ଯ୍ୟକାରୀ ହେଉ ନ ଥିବା, କେସିଙ୍ଗା-ଜୁନାଗଡ-ଖରିଆର ବାଇପାସ ରୋଡ ନିର୍ମାଣ, ତେଲ ନଦୀରୁ ମେଗା ଲିଫ୍ଟ ଇରିଗେସନ ପ୍ରକଳ୍ପ ଜୁନାଗଡ ବ୍ଲକ ମାକରସୋଲା ଓ ଗୋଲାମୁଣ୍ଡା ବ୍ଲକ ଉଚ୍ଛୁଲାଠାରେ ପ୍ରତିଷ୍ଠା କରାଯିବା, ଶ୍ମଶାନ ଓ ଗୋଚର ଜମି ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରାଯିବା, ଆଶାସାଗର ଓ କୁଶାଡୁଙ୍ଗୁରିକୁ ସୋନ୍ଦର୍ଯ୍ୟକରଣ କରାଯାଇ ଭବାନୀପାଟଣା ସହର ଆକର୍ଷଣୀୟ କରାଯିବା, ସହର ମଧ୍ୟରେ ଥିବା ମଦଭାଟିଗୁଡିକୁ ସ୍ଥାନାନ୍ତର କରାଯିବା, ଜିଲାର ସମସ୍ତ ଅଫିସ କାର୍ଯ୍ୟ ତଦାରଖ ସକାଶେ କନଷ୍ଟିଚ୍ୟୁସନ୍ ଅଫ୍ ଏମ୍‌ପାୱାରଡ ପବ୍ଲିକ ଏଡଭାଇଜରି କମିଟି ଗଠନ ଓ ସହର ଟ୍ରାଫିକ ନିୟନ୍ତ୍ରଣ ସକାଶେ ପୋଲିସ ବିଭାଗକୁ ଆଧୁନିକରଣ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।




କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ, ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ



# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ଉତ୍ତେଜନା

ବଲାଙ୍ଗୀର ଅଫିସ/ତରଭା, ୨୦।୧(ଡି.ଏନ୍.ଏ.)



ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥର ବଇରାସର ନିକଟରେ ରାସ୍ତାରୋକୋ କରାଯାଇଛି।

- ହତ୍ୟା ଅଭିଯୋଗ କଲେ ପରିବାର ଲୋକେ
- ହତ୍ୟାକାରୀ ଗିରଫ ଦାବିରେ ଜାତୀୟ ରାଜପଥ ଅବରୋଧ
- ପ୍ରେମଜନିତ ହତ୍ୟାକାଣ୍ଡ ଚର୍ଚ୍ଚା
- ଥାନାରେ ଯୁବତୀଙ୍କୁ ପଚରାଉଚରା

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ମିଛାପାଲି ଗ୍ରାମର ଆଲୋକ ନାଏକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସୋମବାର ବଇରାସର ନିକଟରେ ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥକୁ ଉତ୍ତ୍ୟକ୍ତ ଲୋକେ ଅବରୋଧ କରିଥିଲେ । ଆଲୋକ(୨୫)ଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ତୁରନ୍ତ ହତ୍ୟାକାରୀକୁ ଗିରଫ କରିବା ଦାବି ନେଇ ଏହି ରାସ୍ତାରୋକୋ କରାଯାଇଥିଲା । ହତ୍ୟାକାଣ୍ଡ ପଛରେ ପ୍ରେମଜନିତ କାରଣ ରହିଥିବା ଚର୍ଚ୍ଚା ଜୋର ଧରିଛି । ପୋଲିସ ଖଲିଆପାଲି ଗ୍ରାମର ଜଣେ ଯୁବତୀଙ୍କୁ ପୁଇଁତଲା ଥାନାକୁ ନେଇ ପଚରାଉଚରା କରୁଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ରବିବାର ରାତି ପ୍ରାୟ ୧ଟାରେ ଖଲିଆପାଲିର ଜଣେ ଯୁବତୀ ମିଛାପାଲିର ଅଶୋକ ନାଏକଙ୍କ ଘରକୁ ଯାଇ ତାଙ୍କ ପୁଅ ଆଲୋକ ସନ୍ଦେହଜନକ ଅବସ୍ଥାରେ ଖଲିଆପାଲି-ମିଛାପାଲି ଛକ ନିକଟରେ ପଡିଥିବା ଜଣାଇଥିଲେ । ସମ୍ପୃକ୍ତ ଯୁବତୀଙ୍କଠାରୁ ଏହା ଶୁଣିବା ପରେ ପରିବାର ଲୋକେ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଆଲୋକଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିକଟସ୍ଥ ତରଭା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। କିଭଳି ଭାବେ ଆଲୋକଙ୍କ ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ । ଏହି ଘଟଣାକୁ ନେଇ ମିଛାପାଲିରେ ଉତ୍ତେଜନା ଦେଖାଯାଇଥିଲା। ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ପଛରେ ପ୍ରେମଜନିତ ହତ୍ୟାକାଣ୍ଡ କାରଣ ବୋଲି ପ୍ରଚାର ହେବା ପରେ ଉତ୍ତ୍ୟକ୍ତ ଲୋକେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ହତ୍ୟାକାରୀଙ୍କ ଗିରଫ ଦାବିରେ ସେମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଇଁତଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋକଙ୍କ ମୃତ୍ୟୁର ଉଚିତ୍ ତଦନ୍ତ କରାଯିବା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହାର ଖୁଲାସା କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ। ଏହାପରେ ପୁଇଁତଲା ପୋଲିସ ଖଲିଆପାଲି ଗ୍ରାମର ଜଣେ ଯୁବତୀଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ସମ୍ପୃକ୍ତ ଯୁବତୀଙ୍କ ସହ ମୃତ ଆଲୋକଙ୍କ ଦୀର୍ଘଦିନରୁ ପ୍ରେମସମ୍ପର୍କ ରହିଥିଲା ଓ ଘଟଣାଦିନ ରାତିରେ ଉଭୟେ ଖଲିଆପାଲି-ମିଛାପାଲି ଛକ ନିକଟରେ କଥାବାର୍ତ୍ତା ହେଉଥିବା କେତେକ ଲୋକ ଦେଖିଥିବା ଆଲୋଚନା ହେଉଛି । ଏହାପରେ କିପରି ଆଲୋକଙ୍କ ମୃତ୍ୟୁ ଘଟିଲା ଓ ଯୁବତୀ ଜଣକ କିଭଳି ଭାବେ ଆଲୋକଙ୍କ ଗାଁ ମିଛାପାଲି ଯାଇ ତାଙ୍କ ପରିବାର ଲୋକଙ୍କୁ ଡାକିଲେ ତାହା ସ୍ପଷ୍ଟ ହୋଇନାହିଁ । ମୃତ ଆଲୋକଙ୍କ ପିତା ଅଶୋକ ନାଏକ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଥାନାରେ ଅଭିଯୋଗ କରିଛନ୍ତି। ପୁଇଁତଲା ପୋଲିସ ଘଟଣାକୁ ନେଇ ଏକ ମାମଲା (ନଂ.୯/୨୦) ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସମ୍ପର୍କରେ କୁହାଯାଇପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ମୃତ ଯୁବକ ଓ ପ୍ରେମିକା କୁହାଯାଉଥିବା ଯୁବତୀ ଜଣକ ଭିନ୍ନ ସମ୍ପ୍ରଦାୟ ହୋଇଥିବାରୁ ସେମାନଙ୍କ ବିବାହକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇ ପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

## ସଂକ୍ଷେପରେ

### ଛନଛଡ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ: କେନ୍ଦୁଉଡାର ଚାମ୍ପିୟନ

ଟିକ୍ରାପଡା, ୨୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅଧିନ ଛନଛଡାଠାରେ ପାଟଣେଶ୍ୱରୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଷୋଡଶ ବର୍ଷ ସାତଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । କେନ୍ଦୁଉଦାର ଓ ଟିକ୍ରାପଡା ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଟିକ୍ରାପଡା ଦଳକୁ ୪-୩ ଗୋଲରେ ହରାଇ କେନ୍ଦୁଉଡାର ଚାମ୍ପିୟନ ହୋଇଥିଲା । ଗଣେଶ ଭୋଇ ଖେଳ ପରିଚାଳନା କରିଥିଲେ । ସୁବ୍ରତ ବେହେରାଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ, ସାମାଜିକ କର୍ମୀ ଦିଲୀପ ରାଜପଲିଆ, ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜକିଶୋର ଡାଙ୍ଗ, ରାଜେଶ ବେହେରା ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦୦୦ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୩୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ ଦ ମ୍ୟାଚ ଭାବେ କେନ୍ଦୁଉଦାର ଦଳର ଟିଟୁ ରାୟ ଓ ମ୍ୟାନ ଅଫ ଦ ସିରିଜ ଭାବେ ଟିକ୍ରାପଡା ଦଳର ପିଙ୍କୁ ପଶାୟତଙ୍କୁ ପୁରସ୍କୃତ କରାଯାଇଥିଲା ।

### ନବଦିନାତ୍ମକ ରାମାୟଣ ପାରାୟଣ

ଦେଓଗାଁ,୨୦।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଡାକବଙ୍ଗଳା ପରିସରରେ ନିବଦିନାତ୍ମକ ତୁଳସୀ ରାମାୟଣ ପାରାୟଣ ଶନିବାରଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ ସାନବନ୍ଧରୁ କଳସ ଯାତ୍ରା ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ମଣ୍ଡପରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ମହନ୍ତ ସ୍ୱାମୀ ଚିନ୍ମୟ ଦାଶଜୀଙ୍କ ରାମ କବିତା ପାଠ ପରେ ପାରାୟଣ ଆରମ୍ଭ ହୋଇଥିଲା । ବ୍ୟାସଭାବେ ପ୍ରଶାନ୍ତ କୁମାର ମିଶ୍ର, ପୂଜକ ବାଳକୃଷ୍ଣ କର ଓ କର୍ତ୍ତାଭାବେ ହୃଦାନନ୍ଦ ଗଡତ୍ୟା ଦାୟିତ୍ୱ ତୁଲାଉଛନ୍ତି । ପ୍ରବଚକ ଭାବେ ତୁଳଣ୍ଡିର ଧୃରେନ୍ଦ୍ର ବଢ଼େଇ ଯୋଗଦେଇଛନ୍ତି। ସୋମବାର ଅପରାହ୍ନରେ ଗାୟୀକା ଜ୍ୟୋସ୍ନାଞ୍ଜଳୀ ଦୀକ୍ଷିତ ଓ ସାଥିଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୬ ତାରିଖ ପାରାୟଣ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ତରଫରୁ ପ୍ରକାଶ ।

### ୧୯୯୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

ଦେଓଗାଁ,୨୦।୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ନେତ୍ରଭାନୁ ହାଇସ୍କୁଲ ୧୯୯୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସ୍ଥାନୀୟ ଲକ୍ଷ୍ମଣଝୁଲାଠାରେ ଅନୁଷ୍ଠିତ ହୋଇଯାଇଛି । ସୁରେଶ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନରେ ଆଗାମୀ ଦିନରେ ସମସ୍ତେ ଏକଜୁଟ ହୋଇ ସମାଜର ହିତ ପାଇଁ କାମ କରିବାକୁ ମତ ରଖିଥିଲେ। ଏ ଅବସରରେ କୁନି ଶିଶୁମାନଙ୍କୁ ନେଇ ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ସିଂ ଚିନ୍ଦା, ସଞ୍ଜୟ କୁମାର ମେହେର ସହଯୋଗ କରିଥିଲେ ।



## ଜଗନ୍ନାଥ ମନ୍ଦିରର ରତ୍ନକୁମ୍ଭ ସ୍ଥାପନ

ଟିକ୍ରାପଡା,୨୦।୧(ଡି.ଏନ.ଏ.)

ସଇଁତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଉକେରଚରା ଗ୍ରାମରେ ନବନିର୍ମିତ ଜଗନ୍ନାଥ ମନ୍ଦିରରେ ରତ୍ନକୁମ୍ଭ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଅଜାମ୍ଭିଳ ଘିଭେଲା କର୍ତ୍ତା ରହିଥିଲେ । ଦେବେନ୍ଦ୍ର ଯୋଶୀ, ରଜନୀକାନ୍ତ ଦାସ ପୂଜକ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା । ନନ୍ଦକିଶୋର ପାଢୀ ବ୍ୟାସ ରହିଥିଲେ । ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ସ୍ଥାନୀୟ ସରପଞ୍ଚ କେତକୀ ଅମାତ, ସମିତି ସଭ୍ୟ ଗଙ୍ଗାଧର ବାରିକ, ବିଜେଡି ବ୍ଲକ ସଭାପତି ଦିଲୀପ ରାଜପଲିଆ ଅତିଥି ଭାବେ ଯୋଗ ଦେଇଥିଲେ ।

## ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଜୁରାବନ୍ଧ ବିଜୟୀ

ବଙ୍ଗୋମୁଣ୍ଡା, ୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଖେଳ ପଡିଆରେ ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ପାଠାଗାର ଦ୍ୱାରା ଆୟୋଜିତ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଜୁରାବନ୍ଧ ବନାମ ବନ୍ଦବାହାଲ ଦଳ ମଧରେ ଖେଳ ହୋଇଥିଲା। ୫-୪ ଗୋଲରେ ଜୁରାବନ୍ଧ ବିଜୟ ଲାଭ କରିଥିଲା। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଅଜିତ ଜୋଷୀ ଯୋଗଦେଇ ଥିଲେ। ସମ୍ମାନୀତ ଅତିଥିଭାବେ ଫୁଟବଲ ଖେଳାଳି ରମା ପାତ୍ର, ପୂର୍ବତନ ରେଫରି ମାଧବ ହଂସ, ଅନୀଲ ଖମାରୀ ଯୋଗ ଦେଇଥିଲେ। ମ୍ୟାଚ ପରିଚାଳନା ଆଶିସ ଦେବ ସାହୁ କରିଥିବା ବେଳେ ଲାଇନରେ ସୁନୀଶ ପ୍ରଧାନୀ ଓ ଶଶାଙ୍କ ରଞ୍ଜନ ଯାଦବ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚରେ ଅତିଥି, ରେଫେରି ଓ ଖେଳାଳିମାନେ।

## ଓଡ଼ିଶା ଫାୟାର ସର୍ଭିସ୍ ଟିମ୍ ଚାମ୍ପିୟନ

ବଲାଙ୍ଗୀର ଅଫିସ, ୨୦।୧

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ପ୍ରଥମ ରିଜର୍ଭ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଡିଷ୍ଟ୍ରିକ୍ଟ ଭଲେଣ୍ଟିୟର ଫୋର୍ସ (ଡିଭିଏଫ୍) ଦଳକୁ ପରାଜିତ କରି ଓଡିଶା ଫାୟାର ସର୍ଭିସ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଫାଇନାଲ ଖେଳରେ ଓଡିଶା ଫାୟାର ସର୍ଭିସ ଦଳ ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ୍ ବିନିୟମରେ ୧୦୬ ରନ୍‌ର ଟାର୍ଗେଟ୍ ଦେଇଥିଲା। ଏହାର ଜବାବରେ ଡିଭିଏଫ୍ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ୍ ହରାଇ ମାତ୍ର ୯୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ୧୩ ରନ୍ ବ୍ୟବଧାନରେ ଓଡିଶା ଫାୟାର ସର୍ଭିସ ଦଳ ବିଜୟୀ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଡିଏସ୍‌ପି ପୁରୁଷୋତ୍ତମ ସେଠୀ, ସମ୍ମାନିତ ଅତିଥି ଡିଏସ୍‌ପି ରବି ନାରାୟଣ ପାତ୍ର ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ କୁମଦ ସେଠ୍ ଯୋଗଦାନ କରି ବିଜୟ ଓ ରନର୍ସ ଅଫ୍ ଦଳକୁ ପୁରସ୍କୃତ କରିଥିଲେ। ଖେଳାଳି ଦିବାକରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ତୁଲାରାମ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ୍ ଓ ଓଡିଶା ହୋମଗାର୍ଡ ଦଳ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଥିଲା । ଶ୍ରୀକାନ୍ତ ରାଉତ୍, ସୁନୀଲ ଭୋଇ, କୁନା ପୁରୋହିତ ଓ ଆକାଶ ବେହେରା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ । ରିଜର୍ଭ ଇନ୍ସପେକ୍ଟର ଆତିଶ ସାହୁ ଓ ସର୍ଜେଣ୍ଟ ଅମିତ୍ କୀର୍ତ୍ତନିଆଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଆୟୋଜକ କମିଟି ସଦସ୍ୟ ଟୁଲୁ ଖମାରୀ, ବରୁଣ କୁମାର ପାଣି, ଆଶୁତୋଷ ପାଣିଗ୍ରାହୀ, ଜିତେନ୍ଦ୍ର ପଟେଲ, ଆନନ୍ଦ ଖୁଆସ, ଦେବେନ୍ଦ୍ର ପଧାନ, ସୁବଳ ସାହୁ, ବିଶ୍ୱଜିତ୍ ନାଏକ, ଦୁଃଖିଶ୍ୟାମ ମାଝି ସହଯୋଗ କରିଥିଲେ । ସ୍କୋରରଭାବେ ମୋହନ ସୁନ୍ଦର ବାଗ ଓ ପୂର୍ଣ୍ଣଚନ୍ଦ୍ର ପଟେଲ ଦାୟିତ୍ୱ ତୁଲାଇଥିଲେ । ବିନୟ କୁମାର ନାଏକ ଓ ରାମ ନାରାୟଣ ପଟେଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୧ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାରଠାରୁ ପ୍ରଥମ ରିଜର୍ଭ କପ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା।





ପ୍ରଥମ ରିଜର୍ଭ କପ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଓଡିଶା ଫାୟାର ସର୍ଭିସ୍ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ରିଜର୍ଭ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଧମାକା କପ୍ କ୍ରିକେଟ: ଖପ୍ରାଖୋଲ ଏ ଟିମ୍ ଚାମ୍ପିୟନ

ଖପ୍ରାଖୋଲ, ୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଖେଳ ପଡିଆରେ ଧମାକା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ମ୍ୟାଚ୍ ଖପ୍ରାଖୋଲ ଏ ଟିମ୍ ଓ ଜୟ ଜଗନ୍ନାଥ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟ ଜଗନ୍ନାଥ ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ବିନିମୟରେ ୩୮ ରନ୍ ସଂଗ୍ରହ କରିଥିଲା। ଯବାବରେ ଏ ଟିମ୍ ୪ ଓଭରରେ ନିର୍ଦ୍ଧାରିତ ୩୯ ରନ୍ଦ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ଖେଳକୁ ଦେବାଶିଷ ରାଉତ ଓ ସଞ୍ଜୀବ ବାଗ ପରିଚାଳନା କରିଥିଲେ। ଅଶୋକ ବାଗ ଓ ପୁରନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ମାନସ ସାହୁ ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାବୀର ପଧାନ, ପ୍ରସାଦ ଭୋଇ, ଠଣ ସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଅବସରରେ କ୍ରିକେଟ କ୍ଲବ ସଭାପତି ଗୋବିନ୍ଦ କଲେତ, ବୁଲୁ ସୁନା, ଅମିତ ହଂସ, ରୋମିଓ ସୁନା, ରାଜା ସୁନା, ଶିବା ସୁନା, ବୁଲୁ ପଣ୍ଡା, ବାଲଗୋପାଳ ଦାଶ, ସତ୍ୟ ବାଗ ସହଯୋଗ କରିଥିଲେ । ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଭାଗ ନେଇଥିଲେ। ରବିବାର ଟୁର୍ଣ୍ଣାମେଣ୍ଟକୁ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଓ ସରପଞ୍ଚ ଉପେନ୍ଦ୍ର ଭୋଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ।



ଚାମ୍ପିୟନ ଖପ୍ରାଖୋଲ ଏ ଟିମ୍‌ର ଖେଳାଳିମାନେ।

## ମାନସ ମନ୍ଥନ ଶିବିର ଉଦ୍‌ଘାଟିତ

ଲୋଇସିଂହା,୨୦।୧(ଡି.ଏନ.ଏ)

ଆଗକୁ ମାଟ୍ରିକ ପରୀକ୍ଷା । ବ୍ଲକର ଦଶମ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ଆଗଲପୁର ବ୍ଲକ ନଅଗାଁ(କ) ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୩ ଦିନିଆ ମାନସ ମନ୍ଥନ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଶିବିରକୁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ମଞ୍ଜୁଲତା ଭୋଇ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରଙ୍କ ସନ୍ଦେହ ଦୂର ଓ ଶିକ୍ଷଣ କୌଶଳ ଶିବିରର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରଧାନଶିକ୍ଷକ ଉଦ୍ଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବିଇଓ ମୁଖ୍ୟ ଅତିଥି, ପୂର୍ବତନ ଓଷ୍ଟା ସଭାପତି ପୁରନ୍ଦର ଦାସ ମୁଖ୍ୟବକ୍ତା ଭାବେ ଶିବିରରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ଏବିଇଓ ଦିଲୀପ ବେହେରା ଓ ଆନନ୍ଦ କୁମାର ବିଶି ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ଶିକ୍ଷକ ଜୟଦେବ ମହାକୁର ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ବ୍ରାହ୍ମଣ ଏକତା ମଞ୍ଚ ପକ୍ଷରୁ ସାମୂହିକ ବ୍ରତୋପନୟନ

ପାଟଣାଗଡ, ୨୦।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ସୋଲବନ୍ଧ ରାମ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ଏକତା ମଞ୍ଚ ତରଫରୁ ତିନିଦିନ ବ୍ୟାପୀ ବ୍ରହ୍ମ ଗାୟତ୍ରୀ ଯଜ୍ଞ ଏବଂ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ମୁଖ୍ୟ ଆଚାର୍ଯ୍ୟ ଭାବେ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଛନ୍ଦାଚରଣ ମିଶ୍ର ଏବଂ କର୍ତ୍ତାଭାବେ ସୁବର୍ଣ୍ଣା ଷଡଙ୍ଗୀ ଏବଂ ମୁରଲୀଧର ଷଡଙ୍ଗୀ ଦାୟିତ୍ୱ ନିର୍ବାହ କରିଥିଲେ। ଅଞ୍ଚଳର ୧୧ଜଣ ବ୍ରାହ୍ମଣ ପିଲାଙ୍କୁ ବ୍ରତୋପନୟନ କରାଯାଇଥିଲା। ୧୫ ଜଣ ଆଚାର୍ଯ୍ୟ ଯୋଗଦେଇ ବ୍ରତ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୨ ହଜାର ବ୍ରାହ୍ମଣ ପରିବାର ଯୋଗ ଦେଇଥିଲେ। ରବିବାର ସାବିତ୍ରୀ ପ୍ରଦାନ, ସାଧୁସନ୍ଥଙ୍କ ଆଶୀର୍ବାଦ ଏବଂ ଯଜ୍ଞ ପୂର୍ଣ୍ଣାହୁତି ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।



ସୋଲବନ୍ଧ ରାମ ମନ୍ଦିରରେ ଚାଲିଥିବା ସାମୂହିକ ବ୍ରତୋପନୟନରେ ବ୍ରହ୍ମଚାରୀମାନେ।

## ଶିକ୍ଷକ ନିଯୁକ୍ତି ଦାବିରେ ସ୍କୁଲରେ ତାଲା ପକାଇଲେ ଅଭିଭାବକ

ମୁରିବାହାଲ, ୨୦।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତର ବିଜାମାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦେବା ପ୍ରତିବାଦରେ ସୋମବାର ଗ୍ରାମବାସୀ ଓ ଅଭିଭାବକ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ବିଦ୍ୟାଳୟରେ ଗତ ୮ ମାସରୁ ଅଧିକ ହେବ ଜଣେ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଫଳରେ ଶିକ୍ଷାଦାନରେ ବ୍ୟାଘାତ ହେଉଛି। ବର୍ତ୍ତମାନ ୧ରୁ ପଞ୍ଚମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ପ୍ରଧାନଶିକ୍ଷକ କୁମର ଭୂତିଆ ୩୦ ଏପ୍ରିଲ, ୨୦୧୯ରେ ଅବସର ଗ୍ରହଣ କରିଥିଲେ। ସେହିଦିନଠାରୁ ଜଣେ ସହକାରୀ ଶିକ୍ଷକ ମନୋରଞ୍ଜନ ଖମାରୀ ଦାୟିତ୍ୱ ତଲାଉଛନ୍ତି। ପାଞ୍ଚଟି ଶ୍ରେଣୀକୁ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରିବା ସମ୍ଭବ ହେଉନାହିଁ। କୌଣସି କାରଣରୁ ସ୍କୁଲରେ ଅନୁପସ୍ଥିତି ରହିଲେ ପାଠପଢା ସମ୍ପୂର୍ଣ୍ଣ ବନ୍ଦ। ଏହି ସମସ୍ୟାକୁ ନେଇ ଅଭିଭାବକ ଓ ଗ୍ରାମବାସୀ ଏକାଧିକ ଥର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି ସୋମବାର ସେମାନେ ସ୍କୁଲରେ ତାଲା ପକାଇବା ସହ ପ୍ରତିବାଦ କରିଥିଲେ। ବିଦ୍ୟାଳୟ ଗେଟରେ ତାଲା ପଡିବା ଯୋଗୁଁ ରାସ୍ତାରେ ଛାତ୍ରୀଛାତ୍ରମାନେ ବସି ପାଠ ପଢିଥିବା ଦେଖିବାକୁ ମିଳିଥିଲା। ସ୍କୁଲ ଗେଟ ନ ଖୋଲିବା ଯୋଗୁଁ ମଧାହ୍ନଭୋଜନ କାର୍ଯ୍ୟକ୍ରମ ବନ୍ଦ ହୋଇପଡିଛି । ନୂତନ ଶିକ୍ଷକ ନିଯୁକ୍ତି ନଦେବା ପର୍ଯ୍ୟନ୍ତ ବିଦ୍ୟାଳୟରେ ତାଲା ଖୋଲାଯିବନାହିଁ ବୋଲି ପରିଚାଳନା କମିଟି ସଭାପତି ଅମ୍ବିକା ମହାକୁର, ଚନା ତାଣ୍ଡି, ପୂର୍ଣ୍ଣା ମାଝୀ, ଆରତୀ ସା, କନକ ବଗର୍ତି, ଆରତୀ ମୁଦୁଲି, ଚିତ୍ରୁ ଯାନୀ ଓ ଭୋକୋ ଧରୁଆ କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆଙ୍କୁ ପଚାରିବାରୁ ବ୍ଲକର ୫ ଗୋଟି ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଥିବା ବିଷୟ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଛି। ଉଚ୍ଚସ୍ତରରୁ ନିର୍ଦ୍ଦେଶ ଆସିଲେ ନୂତନ ଶିକ୍ଷକ ଯୋଗାଇ ଦିଆଯିବ ବୋଲି କହିଥିଲେ।



ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ସ୍କୁଲ ଗେଟରେ ତାଲା ପକାଇଥିବା ବେଳେ ପିଲାମାନେ ରାସ୍ତାରେ ବସି ପଢୁଛନ୍ତି।

**ବିଜାମାଲ ପ୍ରାଥମିକ ବିଦ୍ୟାଳୟ**

- ଭୋକରେ ଛାତ୍ରୀଛାତ୍ର ରାସ୍ତାରେ ପାଠପଢ଼ିଲେ
- ବନ୍ଦ ରହିଲା ମଧାହ୍ନଭୋଜନ କାର୍ଯ୍ୟକ୍ରମ
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ହମିଶ ମେହେର ମେମୋରିଆଲ କ୍ରିକେଟ : ଦେଷଣ୍ଡ ଚାମ୍ପିୟନ

**ଦେଓଗାଁ,୨୦।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ଲାଟବୁଢ଼ା କ୍ରିକେଟ ଆସୋସିଏଶନ ତରଫରୁ ଚାଲିଥିବା ହମିଶ ମେହେର ମେମୋରିଏଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ରାନିଦୋରା ଓ ଦେଷଣ୍ଡ ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଦେଷଣ୍ଡ ଦଳ ୯ ଉଇକେଟରେ ବିଜୟୀ ହୋଇଥିଲା । ମ୍ୟାନ ଅପ ଦି ମ୍ୟାଚ ଭକ୍ତ ବକୁଳ, ମ୍ୟାନ ଅପ ଦି ସିରିଜ ଭାବେ ରାନିଦୋରାର ସୁରଜ ଦାସଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର ଯୋଗଦେଇଥିଲେ ।

### ବାବାସାହେବ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ନିଯୁ ଷ୍ଟାରକୁ ଟାଇଟଲ

**ସୋନପୁର,୨୦।୧(ନି.ପ୍ର.):** ସୋନପୁର ରାମେଶ୍ୱର ନିକଟସ୍ଥ ଷ୍ଟାଡିୟମରେ ୫ ଦିନ ଧରି ଚାଲିଥିବା ବାବା ସାହେବ ମୋମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଭୀମ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଷାଣ୍ଢ ସ୍ପୋର୍ଟିଂ ଓ ନିଯୁ ଷ୍ଟାର ମଧରେ ଅନୁଷ୍ଠିତ ହୋଇଥିଲା। ଷାଣ୍ଢ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଦଳ ୧୦ ଓଭରରେ ୫୫ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ନିଯୁ ଷ୍ଟାର ଦଳ ୭.୫ ଓଭରରେ ୯ ଉଇକେଟ୍ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ନିଯୁ ଷ୍ଟାରର ବିକିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ଆୟୋଜକ ଭୀମ ସ୍ପୋର୍ଟିଂର କୁମାର ସାଗର ବେଷ୍ଟ ଅଲ ରାଉଣ୍ଡର ବିବେଚିତ ହୋଇଥିଲେ। ପିଙ୍କୁ ବେହେରା ଓ ସବ୍ୟସାଚୀ ମିଶ୍ର ଖେଳ ପରିଚାଳନା କରିଥିଲେ। ସଂଗ୍ରାମ ନାଏକ ଓ ଚିରଞ୍ଜିବ୍ ମହାନନ୍ଦ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।

# ସଂପ୍ରୀତିର ବାର୍ତ୍ତା ଦେଲା ନାଟକ ନାଗୀନ୍ ତେରା ବଂଶ ବଢ଼େ

**ବଲାଙ୍ଗୀର ଅଫିସ, ୨୦।୧**



ନାଟକ ନାଗୀନ୍ ତେରା ବଂଶ ବଢ଼େର ଏକ ଦୃଶ୍ୟ ।

### ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ସର୍ବଭାରତୀୟ ବହୁଭାଷୀ ନାଟକ ଉତ୍ସବ ମଠଖାଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରାଜସ୍ଥାନୀ ଲୋକକଥା ଉପରେ ଆଧାରିତ ହିନ୍ଦୀ ନାଟକ ନାଗୀନ୍ ତେରା ବଂଶ ବଢ଼େ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ହୃଦୟ ଜିଣିଛି । ନୂଆଦିଲ୍ଲୀର ଆକ୍ଟରର୍ସ ରିପେର୍ଟରି ଥିଏଟର ଅନୁଷ୍ଠାନ ପକ୍ଷରୁ ବିଜୟଦାନ୍ ଦେହେତାଙ୍କ ରଚିତ ଓ ନାଟ୍ୟକାର ଅବତାର ସାହାଣୀଙ୍କ ନିର୍ଦ୍ଦେଶିତ ଏହି ନାଟକର କଥାବସ୍ତୁରେ ବୃହତ୍ତର ସାମାଜିକ ସମନ୍ୱୟ ଓ ପାରସ୍ପରିକ ମାନବୀୟ ମୂଲ୍ୟବୋଧ, ସହଯୋଗ ଓ ସଦିଚ୍ଛା ବାର୍ତ୍ତା ରହିଛି। ଜଣେ ଧନୀକ ସେଠ୍ ଓ ତାଙ୍କ ସ୍ତ୍ରୀଙ୍କ ଦୁଃଖ ହେଲା ଯେ, ସେମାନଙ୍କର ଅମାପ ଧନ ସମ୍ପଦ ଥିବା ସତ୍ତ୍ୱେ ସନ୍ତାନ ସୁଖ ସେମାନଙ୍କର ନ ଥିଲା । ସନ୍ତାନହୀନତାର ଦୁଃଖକୁ ନେଇ ସାମାଜିକ ତାଡନାରେ ମ୍ରିୟମାଣ ସେଠ୍‌ଙ୍କୁ ଖୁସି କରିବାକୁ ଯାଇ ସେଠ୍‌ଙ୍କ ସ୍ତ୍ରୀ ହଠାତ୍ ଦିନେ ସେ ମାଁ ହେବାକୁ ଯାଉଥିବା କଥା କହିଦିଅନ୍ତି । ଏଥିରେ ସେଠ୍ ଖୁବ୍ ଖୁସି ହୋଇଯାଆନ୍ତି। ତେବେ ଏହି ଖୁସି ଖବରକୁ ନେଇ ସେ ସେଠ୍‌ଙ୍କ ସମ୍ମୁଖରେ ଏକ ଅଜବ କଥା ଉପସ୍ଥାପନ କରନ୍ତି ଯେ, ଉକ୍ତ ଜନ୍ମ ହେବାକୁ ଥିବା ସନ୍ତାନକୁ ସେଠ୍ ୧୬ବର୍ଷ ପର୍ଯ୍ୟନ୍ତ ଦେଖିପାରିବେ ନାହିଁ । ଏହି ସନ୍ତାନକୁ ସେ ଏବଂ ତାଙ୍କ ଦାସୀ କେବଳ ଦେଖିପାରିବେ । ଏହି କଥାରେ ସେଠ୍ ରାଜି ହୋଇଯାଆନ୍ତି । ୧୬ ବର୍ଷ ପରେ ତାଙ୍କର ବିବାହ ପ୍ରସ୍ତାବ ରଖି ବରବେଶର ଏକ ପୁତ୍ତଳିକା ତିଆରି ସବାରିରେ ବସାଇ ଦେଲେ । ଏହି ପ୍ରାଣହୀନ ପୁତ୍ତଳିକା ଦେଖି ସେଠାରେ ଥିବା ଏକ ନାଗୁଣୀ ସେହି ପୁତ୍ତଳିକା ଦେହରେ ପ୍ରାଣ ସଞ୍ଚାର କରିବା ପାଇଁ ତାର ସ୍ୱାମୀ ନାଗଦେବକୁ କହିଲେ । ଏହାପରେ ନାଗଦେବ ନିଜେ ପୁତ୍ତଳିକା ଭିତରକୁ ପଶି ଯିବା ଫଳରେ ପୁତ୍ତଳିକା ଦେହରେ ପ୍ରାଣ ସଞ୍ଚାର ହେଲା। ଏହାପରେ ଉକ୍ତ ବିବାହ ଧୁମ୍‌ଧାମରେ ହେଲା ଓ ସେଠ୍ ଘର ହସଖୁସିରେ ଭରିଗଲା । ମାତ୍ର ଅନ୍ୟପକ୍ଷେ ନାଗ ବିନା ନାଗୁଣୀର ଜୀବନ ଦୁର୍ବିସହ ହେବାକୁ ଲାଗିଲା । ତେବେ ସମ୍ପୂର୍ଣ୍ଣ ଘଟଣାକୁ ଦିନେ ନାଗୁଣୀ ସେଠ୍‌ଙ୍କ ସ୍ତ୍ରୀଙ୍କୁ କହିଦେବା ପରେ ସମସ୍ତେ ନାଗୁଣୀକୁ ମଧ ନିଜର ଏକ ବୋହୂ ଭାବେ ଗ୍ରହଣ କରି ହସଖୁସିରେ ରହିଲେ । ପରସ୍ପର ପ୍ରତି ସ୍ନେହ, ତ୍ୟାଗ, ସଦିଚ୍ଛା ଓ ଭଲ ପାଇବା ରହିଲେ କିଭଳି ସମସ୍ତଙ୍କ ଜୀବନ ସୁଖମୟ ହେବ ଏହି ନାଟକ ମାଧମରେ ବାର୍ତ୍ତା ଦିଆଯାଇଛି। କଳାକାରମାନଙ୍କ ନିଖୁଣ ଅଭିନୟ, ଚମତ୍କାର ଆଲୋକସଜ୍ଜା ଓ ସଂଳାପ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ।

ନାଟକ ଆରମ୍ଭ ହେବା ପୂର୍ବରୁ ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟସଭାରେ ଅତିଥି ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲାପାଳ ଅରିନ୍ଦମ ଡାକୁଆ, ପତ୍ରକାର ଭବାନୀ ପ୍ରସାଦ ତ୍ରିପାଠୀ ମଞ୍ଚାସୀନ ଥିଲେ । ବଲାଙ୍ଗୀରର ସାଂସ୍କୃତିକ ଅଭିବୃଦ୍ଧିରେ ମଠଖାଇ ମହୋତ୍ସବର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହି ମନ୍ତ୍ରୀ ପାଣିଗ୍ରାହୀ ବଲାଙ୍ଗୀର ଜିଲାର ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲାପାଳ ଡାକୁଆ ନାଟକ ମାଧମରେ ସାମାଜିକ ସଂସ୍କାର କଥା କହିଥିଲେ।। ଅଧ୍ୟକ୍ଷ ବିଧାୟକ ମିଶ୍ର ମଠଖାଇ ମହୋତ୍ସବ, କଳା ସଂସ୍କୃତି ଜରିଆରେ ଅଞ୍ଚଳର ବିକାଶ ଓ ସାମାଜିକ ମୂଲ୍ୟବୋଧ ବାର୍ତ୍ତା ଦେବା କଥା କହିଥିଲେ । ଏହି ଅବସରରେ ଯୁବବିଜ୍ଞାନୀ ଓମ୍‌ପ୍ରକାଶ ଦାସଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା । ସଭାକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ ଶିରିଶ ହୋତା ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଡ ଘାସିରାମ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଦିନର ମଞ୍ଚକୁ ବଲାଙ୍ଗୀରର ପ୍ରଥମ ନାରୀ ଅଭିନେତ୍ରୀ ସ୍ୱର୍ଗତା ଭାନୁମତୀ ଦାସଙ୍କୁ ଉତ୍ସର୍ଗ କରାଯାଇଥିଲା । ପୂର୍ବାହ୍ନରେ ପ୍ରଥମ ଦିନର ଓଡିଆ ନାଟକ ପୁନଶ୍ଚ ସତ୍ୟାଗ୍ରହକୁ ନେଇ ସକରାତ୍ମକ ସମୀକ୍ଷା ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ନାଟ୍ୟକାର ବିଜୟ ତ୍ରିପାଠୀ, ସନାତନ ଠାକୁର ଓ ନାଟକ ପୁନଶ୍ଚ ସତ୍ୟାଗ୍ରହର ନିର୍ଦ୍ଦେଶକ ଦିନେଶ ଦାସ୍ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ । ବହୁ ଦର୍ଶକ, ନାଟକ ପ୍ରେମୀ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଧାନ ମଣ୍ଡି ପରିଦର୍ଶନ କଲେ ସମବାୟ ସମିତି ନିବନ୍ଧକ

**ଖପ୍ରାଖୋଲ, ୨୦।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି ଜୁରିଆ ଧାନମଣ୍ଡିକୁ ଜିଲା ସମବାୟ ସମିତି ନିବନ୍ଧକ ପ୍ରଶାନ୍ତ କୁମାର ମହାନ୍ତି ସୋମବାର ସନ୍ଧ୍ୟାରେ ଗସ୍ତ କରିଥିଲେ । ଏହି ଅବସରରେ ଶହଶହ ବସ୍ତା ଧାନ ମଣ୍ଡି ସମ୍ମୁଖରେ ପଡି ରହିଥିବା ଦେଖିଥିଲେ। ଚାଷୀଙ୍କ ସହ ସେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ଟୋକନ ପାଇଥିଲେ ବି ଅନଲାଇନରୁ ଧାନ ବିକ୍ରି



ଜୁରିଆ ଧାନ ମଣ୍ଡିରେ ଜିଲା ସମବାୟ ସମିତି ନିବନ୍ଧକ ପ୍ରଶାନ୍ତ କୁମାର ମହାନ୍ତି ପହଞ୍ଚି କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ଟାର୍ଗେଟରେ ନାମ କଟିଯାଇଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ । ସୂଚନା ଅନୁସାରେ ଏହି ମଣ୍ଡିରୁ ଚାଷୀଙ୍କ ୨୮ଶହ କୁଇଣ୍ଟାଲ ଧାନ ଟାର୍ଗେଟ କଟିଯାଇଛି । ସେହିପରି ବ୍ଲକର ସବୁଠୁ ଅଧିକ ଧାନ କ୍ରୟ ମଣ୍ଡି ହୋଇଥିବାବେଳେ ଏହାର ପାଚେରି ନାହିଁ। ଚାଷୀ ପାଚେରି ପାଇଁ ଦାବି କରିବା ସହ ସମବାୟ ସମିତି କାର୍ଯ୍ୟାଳୟର ମରାମତି ଦାବି କରିଥିଲେ । ଗସ୍ତ ଅବସରରେ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ମିଶ୍ର, ସମବାୟ ସମିତି ସମ୍ପାଦକ କିଶୋର କୁମାର ପୁଟେଲ, ଚାଷୀ କନ୍ଦର୍ପ ସୁଆର, ତପ ସାହୁ, ସଞ୍ଜୀବ ପଟେଲ, ଜୟନ୍ତ ମେହେର, ପ୍ରକାଶ ନାଗ, ଯଦୁ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ବୁଢ଼ୀମାଉଳି ଫୁଟବଲ: କୁଦେଇପାଲି, ନାଇକେନସିରା ବିଜୟୀ

**ଦେଓଗାଁ,୨୦।୧(ଡି.ଏନ.ଏ)**

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ମା’ ବୁଢ଼ୀମାଉଳି ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । କମିଟି ସଭାପତି ବୀରେନ୍ଦ୍ର କୁମାର ପୋଢ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥିଭାବେ ଜରାସିଂହା କୃଷିସେବା ସମବାୟ ସମିତିର ନିର୍ଦ୍ଦେଶିକା ଯଶୋଦା ମେହେର, ସମ୍ମାନୀତ ଅତିଥିଭାବେ ଉଡାର ସମିତି ସଭ୍ୟ ସୁରେଶ କୁମାର ମେହେର, ସ୍ଥାନୀୟ ସରପଞ୍ଚ କାହ୍ନୁ ମେହେର, ଫୁଟବଲ ଖେଳାଳି ସୁନ୍ଦରମଣୀ ଦଣ୍ଡସେନା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଦିବସରେ ଘୁଟିପାଲି ଓ କୁଦେଇପାଲି ମଧରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ଗୋଲରେ କୁଦେଇପାଲି ବିଜୟୀ ହୋଇଥିଲା । ସେହିପରି ମାକରଗୁଆଁ ଓ ନାଇକେନସିରା ମଧରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଇବ୍ରେକର ୪-୩ଗୋଲରେ ନାଇକେନସିରା ବିଜୟୀ ହୋଇଥିଲା । ଖେଳକୁ ପ୍ରଶାନ୍ତ ଥନାପତି, କୁନ୍ତେ ମେହେର ଓ ପ୍ରଫୁଲ୍ଲ ମେହେର ପରିଚାଳନା କରିଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ ସ୍ୱାଧୀନ ମାଝୀ, ସୁଦାମ ବିଶ୍ୱାଳ, ଅଜିତ ଭୋଇ, ବିଭୂତି ଧରୁଆ, ଶମ୍ଭୁ ଜାନୀ, ସୁନୀଲ ସା, ରିଙ୍କୁ ମାଝୀ, ଦୁଲୁ ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି।

# ଶିଶୁ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ବଙ୍ଗୋମୁଣ୍ଡା, ୨୦।୧ (ଡି.ଏନ.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଗାଁରେ ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ପଡିଆଠାରୁ ଶତାଧିକ ଛାତ୍ରୀଛାତ୍ର, ମହିଳା, ପୁରୁଷଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା ସିନ୍ଧେକେଲା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ଜିଲା ଶିଶୁ ମଙ୍ଗଳ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ସିନ୍ଧେକେଲା ଥାନା ଅଧିକାରୀ ଅନନ୍ତ କୁମାର ପ୍ରଧାନ, ପଲ୍ଲିଶୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ରଥ, ଜିଲା ପରିଷଦ ସଦସ୍ୟ ଛନ୍ଦାରାଣୀ ନାଏକ, ସିନ୍ଧେକେଲା



ସିନ୍ଧେକେଲାରେ ବାହାରିଥିବା ଶିଶୁ ସୁରକ୍ଷା ସଚେତନତା ଶୋଭାଯାତ୍ରା।

ସରପଞ୍ଚ ରାଜା ଥନାପତି, ପଲ୍ଲିଶୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିବେକାନନ୍ଦ ଦାସ, ବଙ୍ଗୋମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈକୁଣ୍ଠନାଥ ଶବର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶିଶୁ ସୁରକ୍ଷା ନେଇ ମତ ରଖିଥିଲେ। ଶିଶୁ ସୁରକ୍ଷା ଦେଶ ରକ୍ଷା, ବାଲ୍ୟ ବିବାହ ଉଚ୍ଛେଦ ଏବଂ ଅସହାୟ ଶିଶୁଙ୍କୁ କାର୍ଯ୍ୟ ନିୟୋଜନ, ଶିଶୁ ଶ୍ରମିକ, ସ୍ୱାମୀ ପରିତ୍ୟକ୍ତା ଓ ନିର୍ଯାତିତା ମହିଳା ଓ ଅସହାୟମାନଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ଜନସାଧାରଣ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲା ଚାଇଲଡ ଲାଇନର ନିର୍ଦ୍ଦେଶିକା ସାରିକା ପୁରୋହିତ ସଭା ପରିଚାଳନା କରିଥିଲେ।

# ପର୍ଯ୍ୟଟନ କ୍ଷେତ୍ର ଭୀମ ପାହାଡକୁ ଆକର୍ଷଣ କରାଯିବ: ମନ୍ତ୍ରୀ

**ବଲାଙ୍ଗୀର ଅଫିସ,୨୦।୧**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକସ୍ଥିତ ମୁକୁନ୍ଦପୁର ପଞ୍ଚାୟତ ଅର୍ନ୍ତଗତ ପର୍ଯ୍ୟଟନ ସ୍ଥଳି ଭୀମପାହାଡ଼କୁ ସୋମବାର ରାଜ୍ୟ ପର୍ଯ୍ୟଟନ, ସଂସ୍କୃତି, ଓଡିଆ ଭାଷା ଓ ସାହିତ୍ୟ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏବଂ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ପରିଦର୍ଶନ କରିଥିଲେ । ଭୀମପାହାଡ଼ର ସୌନ୍ଦର୍ଯ୍ୟ ଓ ପ୍ରାକୃତିକ ଗୁମ୍ଫା ଦେଖି ମନ୍ତ୍ରୀ ପାଣିଗ୍ରାହୀ ଏହା ଦେଶ ବିଦେଶର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି କହିଥିଲେ । ପର୍ଯ୍ୟଟନ ସ୍ଥଳି ଘୋଷଣା ହେବା ପରଠାରୁ ଭୀମ ପାହାଡ଼ର ଉନ୍ନତି ଓ ଅଗ୍ରଗତି କାମ କିଭଳି ଚାଲିଛି ମନ୍ତ୍ରୀ ତାହା ତଦାରଖ କରିଥିଲେ । ଆଗାମୀ ଦିନରେ ଏଠାରେ ଆଉ କେଉଁ ସବୁ ଯୋଜନା କାର୍ଯ୍ୟକାରୀ କରାଯିବ ସେନେଇ ବିଧାୟକ ମିଶ୍ରଙ୍କ ସହ



ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବିଧାୟକ ନରସିଂହ ମିଶ୍ର ଭୀମପାହାଡ଼ରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

ଆଲୋଚନା କରିଥିଲେ । ଓଟିଡିସି ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡିକ ତଦାରଖ କରିଥିଲେ । ଓଟିଡିସି ଦ୍ୱାରା ନିର୍ମାଣ ହେଉଥିବା ଅତିଥି ଭବନର ନିର୍ମାଣର ମନ୍ଥରତାକୁ ନେଇ ମନ୍ତ୍ରୀ ପାଣିଗ୍ରାହୀ ଏବଂ ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ । ୬୩ଟି ଗୁମ୍ଫା ଥିବା ଭୀମ ପାହାଡର ମୁଖ୍ୟ ଗୁମ୍ଫାକୁ ମନ୍ତ୍ରୀ ଜ୍ୟୋତି ପ୍ରକାଶ ବୁଲି ଦେଖିଥିଲେ । ପରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଭୀମପାହାଡ଼ର ଐତିହାସିକ ପୃଷ୍ଠଭୂମି, ଲୋକକଥା ଏବଂ ଏଠାରୁ ମିଳିଥିବା ପୁରାତନ କାଳର କିଛି ଅସ୍ତ୍ରଶସ୍ତ୍ର, ଶିଳାଲିପି ଉପରେ ଆଲୋଚନା କରିଥିଲେ । ଅନୁଷ୍ଠିତ ସାଧାରଣ ସଭାରେ ସ୍ଥାନୀୟ ବାସିନ୍ଦାଙ୍କ ସହ ମନ୍ତ୍ରୀ, ବିଧାୟକ, ଲୋକଙ୍କ ଦାବି ମୁତାବକ ନିକଟସ୍ଥ ସୁଲିଆ ପୀଠକୁ ପର୍ଯ୍ୟଟନମାନଙ୍କୁ ଆକୃଷ୍ଟ କରିବା ପାଇଁ କ’ଣ ପଦକ୍ଷେପ ନିଆଯାଇପାରିବ ସେ ଉପରେ ଆଲୋଚନା କରିଥିଲେ । ସୁଲିଆ ପୀଠରେ ଯାତ୍ରା ସମୟରେ ପ୍ରବଳ ଜନସମାଗମ ହେଉଥିବାରୁ ସେଠାରେ ପିଇବା ପାଣି, ବିଜୁଳି, ପୀଠ ତଥା ମହୋତ୍ସବ ସ୍ଥଳିକୁ ରାସ୍ତା କରିବା ସହ ପୋଖରୀର ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା କରିଥିଲେ ।

# ଭତାରୁ ବଂଚିତ୍ ଅଟେଁନ, ସୁରୁସିଂ




ବିଧବା ଅଟେଁନ ମାଝି, ବୁଢୁଧ୍ ସୁରୁସିଂ ମଲ୍ଲିକ।

**ଲାଠୋର, ୨୦।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ପଁଚେତ୍ ସଦର ଗାଁର ବିଧବା ମହିଳା ଅଟେଁନ ମାଝି ଆର ତୁରେକେଲାର ସୁରୁସିଂ ମଲ୍ଲିକଙ୍କର ବଏସ୍ ହେଇଥିଲେ ବି ଭତା ପାଏବାରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ ଢୋଲମାନ୍ଦଲ ଗାଁର ସ୍ୱର୍ଗତ ଅର୍ଜୁନ ମାଝିଙ୍କର ମାଏକିନା ଅଟେଁନ ମାଝି। ତାକର ଗୁଟେବଲି ଝିଁକେ ବିହାବୁରା କଲା ଉତାରୁ ସେ ନିସାହା ହେଇଯାଇଛନ୍। ଜମିବାଡ଼ି ବଲି କିଛି ନାଇଁ। ସରକାର ଗରିବ୍ ଦୁଖିକୁ ଭତା, ଆବାସ ଘର, ଚାଉଲ ଯୁଗେଇ ଦେଉଥିଲାବେଲେ ଇ ସବୁରୁ ଅଟେଁନ ବଁଚିତ୍ ହେଇ ରହିଛନ୍। ଏନ୍‌ତାଥି ଉପେ ଶୁଇନ୍ ଅଟେଁନ ଗାଁଛାଡ଼ି ଝିଁକୁଏଁ ଘର ଗାଁ ତୁରେକେଲା ବ୍ଲକ ଅଧୀନ ବାଞ୍ଜିପାଲିରେ ଝନେ ଲାଗେଲେସର ଘରେ ଆଶ୍ରେ ନେଇଛନ୍। ସେନ୍‌ତା ତୁରେକେଲା ବସ୍ତିପଡ଼ାର ସୁରୁସିଂ ମାଝିଙ୍କର ପରିବାର କହେଲେ ମାଏକିନା ସରୋଜିନୀ ଆର ଗୁଟେ ବଲି ଝିଁ ଅମ୍ବିକାକୁଁ ନେଇ ସଁସାର। ସୁରୁସିଂ ବି ଦୁଖିସୁଖି କରି ଝିଁକେ ବିହାବୁରା କରି ସାରିଛନ୍। ଯେନ୍ ଜମିବାଡ଼ି ଟିକେ ରହିଛେ ସେଟା ସୁରୁସିଂ କମାବାର ସଂଗେ ମାଏକିନା କୁଲିମଜୁରି କରି ରୁଜ୍‌ଗାର କରୁଥିବାର ଟଁକାରେ ଯଥରକଥର ଘରର ତେଲ୍‌ନୁନ ଚଲୁଛେ। ସୁରୁସିଂକର ବଏସ୍ ୬୦ ଟପିଥିଲେ ବି ଆଏଜ୍‌ତକ ସେ ଭତାରୁ ବଁଚିତ୍ ହେଇ ରହିଥିବାର କହିଛନ୍। ଥାନୀଅ ବ୍ଲକ ପରଶାସନ ବୁଢୁଧ୍ ବିଧବା ଅଟେଁନ ମାଝି ଆର ସୁରୁସିଂ ମଲ୍ଲିକଙ୍କର ଉପରେ ଦୁରୁଷ୍ଟି ଦେଇ ଯେତେ ଜଲ୍‌ଦି ହେବା ଭତା ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

# ସରକାରୀ ସୁବିଧାରୁ ବଁଚିତ୍ ଦିବ୍ୟାଙ୍ଗ କୃଷ୍ଣ

## ଚିକିତ୍ସା, ସରକାରୀ ସାହାଯ୍ ଲାଗି ନିରଦେଶ ଦେଲେ ଜିଲାପାଳ

**ପାଟଣାଗଡ଼, ୨୦।୧ (ଡି.ଏନ୍.ଏ.)**

ପାଟଣାଗଡ଼ ଏନ୍‌ଏସି ସଭାକୁଠିଥି ସୋମବାର ଜିଲାପାଳଙ୍କର ଉପଖଣ୍ଡସ୍ତରୀୟ ଜନଶୁନାନି କାଯ୍‌କରମ ଅନୁଷ୍ଠିତ ହେଇଯାଇଛେ। ଇ ଶିବିରରେ ଝନେ ଦୁଖିନୀ ମା’ର ଗୁଲ୍‌ଗୁଲା ଦେଖିବାକେ ମିଳିଥିଲା। ସେ ରୋଗ୍‌ବେମାରୀରେ ଶଡୁଥିବାର ନିଜର ଦିବ୍ୟାଙ୍ଗ ପୁଓର ଚିକିଛା ଆର ଉନିଆଁ ସବୁ ସରକାରୀ ସାହାଯ୍ ଲାଗି ଜିଲାପାଳକୁଁ ଗୁହାରି କରବାକେ ଆସିଥିଲେ।

ସୂଚନା ଅନ୍‌ସାରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ ବିଲେଇମରା ଗାଁର ଦଶମୁ ବରିହା ଆର ଚନ୍ଦ୍ରା ବରିହାଙ୍କର ପୁଓ କୃଷ୍ଣ ବରିହା(୫)। ପରିବାରଟା ନିହାତି ଗରିବ୍, ଘରେ ଅଭାବ ଅନାଟନ ସବୁବେଲେ ଲାଗି ରହିଛେ। ଏନ୍‌ତାଥି ଆଏଜ୍‌କେ ୫ ବଛର ତଲେ ଦଶମୁ କୁଟୁମ୍ବସିଆ ତାମିଲନାଡୁକେ ଇଟା ଗଢ଼ବାର ଲାଗି ଦାଦନ ଯାଇଥିଲେ। ଇ ସମିଆରେ ଲଗାତାର ବରଷା ଲାଗି



ମା’ର ସଂଗେ ଦିବ୍ୟାଙ୍ଗ କୃଷ୍ଣ ବରିହା।

ପୁଓ କୃଷ୍ଣର ଦିହିପା ଖରାପ ହେଇଥିଲା। ସେଠାନେ ଚିକିଛା ଅଭାବୁ କୃଷ୍ଣଙ୍କର ଦିହିପା ଦିନୁଦିନ୍‌କେ ଅଧିକ୍ ବିଗିଡ଼ି ବସ୍‌ଲା। ଏନ୍‌ତାଥି କୁଟୁମଟା ପୁଓକେ ଧରି ନିଜର ଗାଁ ବିଲେଇମରାକେ ପଲେଇ ଆଏଲେ। ହେଲେ ଇଠାନେ ବି ଟଁକା ପଏସା ଅଭାବୁ ପୁଓର ଠିକ୍‌ସେ ଚିକିଛା କରେଇ ନାଇଁପାରଲେ। ଯେନ୍‌ଥିରଲାଗି କୃଷ୍ଣ ରୋଗ୍‌ବେମାରୀଥି ପଡ଼ି ଦିବ୍ୟାଙ୍ଗ ପାଲଟିଗଲେ। କୃଷ୍ଣ ଦିବ୍ୟାଙ୍ଗ ହେଇଥିଲେ ବି ଆଏଜ୍‌ତକ ସବୁ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ଇ ଘଟନାଟା ଅଂଚଲର ସାମାଜିକ କରମୀ ଅଚ୍ୟୁତ ସିପୁନ ଖମାରୀ ଆର ବନମାଳୀ ନାଏକଙ୍କର ନଜରକେ ଆସିଥିଲା। ସେମାନେ ଇ ଦୁଖି ପରିବାରକେ ସୋମବାର ପାଟଣାଗଡ଼ରେ ଅନୁଷ୍ଠିତ ଜିଲାପାଳଙ୍କର ଅଭିଯୋଗ ଶୁନାନିରେ ହାଜର କରେଇଥିଲେ। କୃଷ୍ଣଙ୍କର ଅବସ୍‌ତା ଦେଖି ଜିଲାପାଳ ଅରିନ୍ଦମ ଡାକୁଆ ପାଟଣାଗଡ଼ ଡାକ୍‌ତରଖାନାର ଚିକିଛା ଅଧିକାରୀ ଡା.ଦିଲୀପ ବିଶ୍ୱାଳଙ୍କୁଁ କୃଷ୍ଣ ବରିହାଙ୍କର ଦିହିପା ପରୀକ୍ଷା କରବାର ଲାଗି ନିରଦେଶ ଦେବାର ସଂଗେ ସାମାଜିକ ସୁରକ୍ଷା ଅଧିକାରୀ ଧବଳେଶ୍ୱର ଦଳପତିଙ୍କୁଁ ସରକାରୀ ସାହାଯ୍ ଯୁଗେଇ ଦେବାକେ କହିଥିଲେ।

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

**ଟିଟିଲାଗଡ, ୨୦।୧ (ଡି.ଏନ.ଏ.)**

ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଗୃହୀତ ପ୍ରସ୍ତାବ ଅନୁଯାୟୀ ଗତ ୧୩ ତାରିଖରୁ ୧୮ ଜାନୁୟାରୀ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ସାଧାରଣଜ୍ଞାନ, କୁଇଜ ପ୍ରତିଯୋଗୀତା ପ୍ରାଥମିକସ୍ତରରୁ ହାଇସ୍କୁଲସ୍ତର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଏ ନେଇ ଫଳାଫଳ ଘୋଷଣା କରିଛନ୍ତି। ଶିକ୍ଷାନୁଷ୍ଠାନ ମହେଶ୍ୱର ହିନ୍ଦୀ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପ୍ରଭାବତୀ ପବ୍ଲିକ ସ୍କୁଲ, ଜୁନିୟର ଓସ୍‌ଭ୍ୟାଲି ସ୍କୁଲ, ସରକାରୀ ବାଳକ ଉଚ୍ଚବିଦ୍ୟାଳୟ, ନିଜ ଅନୁଷ୍ଠାନ ଯୋଗାଇବା ସହ ପରୀକ୍ଷା ପରିଚାଳନା, ରେଜିଷ୍ଟ୍ରେସନ ଇତ୍ୟାଦିରେ ସହଯୋଗ କରିଥିଲେ। ସେଭଳି କଲେଜସ୍ତର ପ୍ରତିଯୋଗୀତା ବକ୍ତୃତା, ପ୍ରବନ୍ଧ, ସାଧାରଣଜ୍ଞାନ, କୁଇଜ ସ୍ଥାନୀୟ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜନ କରାଯାଇଥିଲା। ବିଚାରକଭାବେ ସଙ୍ଗୀତ ପାଇଁ ନବୀନ ଆଚାର୍ଯ୍ୟ, ଗୋପାଳ ବେହେରା, ରବିଚନ୍ଦ୍ର ସାଗର, ବକ୍ତୃତା ହିନ୍ଦୀ, ଇଂରାଜୀ ଓ ଓଡିଆ ଭାଷା ପାଇଁ ବିନୋଦ ଜାଲ, ପ୍ରଦ୍ୟୁମ୍ନ ଦର୍ଜି, ସତ୍ୟବ୍ରତ ପଣ୍ଡା, ସୁଚିସ୍ମିତା ମହାନ୍ତି, ସରିତା ସିଂଦେଓ, ଗୁରୁବାରୁ ସେଣ୍ଠୁରିଆ, ସ୍ୱାଗତିକା ରଥ, ପ୍ରତିମାରାଣୀ ଭାଟି, ବନ୍ଦିତା ନାଏକ, ସାଧାରଣଜ୍ଞାନ ଓ କୁଇଜ ପାଇଁ ସତ୍ୟବ୍ରତ ପଣ୍ଡା, ଦଳୀୟ ନୃତ୍ୟ ପାଇଁ ଶାନ୍ତନୁ ବେହେରା, ରାଜକିଶୋର ମାଝୀ, କବିତା ମାଝୀ, ଚିତ୍ରାଙ୍କନ ପାଇଁ ସୁଧିର ମେହେର ଓ ମିତୁ ସେନାପତି ପ୍ରମୁଖ ସହଯୋଗ କରିଥିଲେ । ୬ଦିନ ଧରି ଚାଲିଥିବା ଏହି ପ୍ରତିଯୋଗୀତା ଟିଟିଲାଗଡ ମ୍ୟୁନିସିପାଲଟି ଅଞ୍ଚଳର ପ୍ରାୟ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ସମାରୋହରେ ପୁରସ୍କୃତ କରାଯିବ ।



"ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ



### ଦିବ୍ୟାଙ୍ଗ ଭତ୍ତା ପାଇଁ ଜିଲାପାଳଙ୍କୁ ଭେଟିଲେ ଘନଶ୍ୟାମ

**କୋମନା,୨୦।୧(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ କୋନାବିରା ଗ୍ରାମପଞ୍ଚାୟତ ଅନ୍ତର୍ଗତ କରାମହୁଲ ଗ୍ରାମର ଦିବ୍ୟାଙ୍ଗ ଘନଶ୍ୟାମ ଛତ୍ରିଆ (୫୫)। ସେ କୌଣସି ସରକାରୀ ସହାୟତା ପାଉ ନାହାନ୍ତି । ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପରିବାର ସହ ଆସି ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ନିଜ ସମସ୍ୟା ଜଣାଇଛନ୍ତି। ସେ ସମ୍ପୂର୍ଣ୍ଣ ମାତ୍ରାରେ ଜଣେ ଭିନ୍ନକ୍ଷମ ହେବା ଯୋଗୁ କୌଣସି କାମଧନ୍ଦା କରି ପାରୁ ନାହାନ୍ତି। ନିଜର ବୋଲି କୌଣସି ସମ୍ପତ୍ତି ନ ଥିବାରୁ ତାଙ୍କ ପରିବାରକୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍ତ୍ରୀ ଅନ୍ୟ ଘରେ କୁଲି ମଜୁରୀ କାମ କରି ପରିବାର ଭରଣ ପୋଷଣ କରୁଛନ୍ତି । ଆର୍ଥିକ ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କ ଦିବ୍ୟାଙ୍ଗ ଚିକିତ୍ସା ମଧ୍ୟ କରି ପାରୁନାହାନ୍ତି । ଫଳରେ ଘରେ ବିଭିନ୍ନ ଅସୁବିଧା ଭୋଗ କରି ସବୁବେଳେ ପଡି ରହିଛନ୍ତି। ତାଙ୍କ ପରିବାରକୁ କେବଳ ୧୫ କିଲୋ ଟଙ୍କିଟିଆ ଚାଉଳ ମିଳୁ ଥିବା ବେଳେ ଆଉ କିଛି ସରକାରୀ ସହାୟତା ପାଉ ନ ଥିବା ଅଭିଯୋଗ କରିଛନ୍ତି। ଦିବ୍ୟାଙ୍ଗ ଭତ୍ତା ପାଇଁ କେତେଥର ସରପଞ୍ଚ, ବିଡିଓ ଓ ପୂର୍ବରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଘନଶ୍ୟାମ ଲିଖିତ ଜଣାଇଛନ୍ତି। ହେଲେ ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁ ଦିବ୍ୟାଙ୍ଗ ଭତ୍ତା, ଆବାସ ଯୋଜନା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗରୁ ଘନଶ୍ୟାମ ବାଦ ପଡିଛନ୍ତି। ଶେଷରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସି ଦିବ୍ୟାଙ୍ଗ ଭତ୍ତା ପାଇଁ କାକୁତି ମିନତି ହୋଇ ଜିଲାପାଳଙ୍କୁ ଗୁହାରି କରିଛନ୍ତି ।

# ଅବ୍ୟବସ୍ଥା ଘେରରେ କୋମନା ସ୍ୱାସ୍ଥ୍ୟକେନ୍ଦ୍ର

**କୋମନା, ୨୦।୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥାରେ ଗତି କରୁଥିବା ଅଭିଯୋଗ ହୋଇଛି । ଜିଲା ହେଡକ୍ୱାର୍ଟରଠାରୁ ୪୦ କି.ମି. ଦୂରରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୋମନା ବ୍ଲକର ପାଖାପାଖି ୨୦ରୁ ୨୫ଟି ଗ୍ରାମପଞ୍ଚାୟତ ଲୋକ ନିର୍ଭର କରିଥାନ୍ତି। ବିଶେଷ କରି ସୁନାବେଡା ଅଭୟାରଣ୍ୟର ଦୁଇଟି ଗ୍ରାମପଞ୍ଚାୟତ ସୁନାବେଡା ଓ ସୋସେଙ୍ଗ ସମେତ ମିଛାପାଲି, ଝଗ୍ରାହୀ, ଢୋର୍ଲାମୁଣ୍ଡା, ଭେଲା, ରଜନା, କୋମନା, କୁରେଶ୍ୱର, ଟିକ୍ରାପଡା, ପଏଁର, ବୁଢିକୋମନା, ପେଣ୍ଡ୍ରାବନ ଅଞ୍ଚଳର ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ଡାକ୍ତର ଅଭାବ ଯୋଗୁ ସମ୍ପୂର୍ଣ୍ଣ ଭାବେ ରୋଗୀସେବା ଭୁଷୁଡି ପଡିଛି। ଏଠାରେ ଶିଶୁ ଓ ସ୍ତ୍ରୀ ବିଶେଷଜ୍ଞଙ୍କ ସମେତ ୮ ଜଣ ଡାକ୍ତର ନିଯୁକ୍ତ ହେବା କଥା। ବର୍ତ୍ତମାନ ୨ଜଣ ଡାକ୍ତର ଅଛନ୍ତି। ସେଥିରୁ ଡାକ୍ତର ଦିବାକର ଓଝା ଇନଚାର୍ଜ ଅଧିକାରୀ ଭାବେ ଦାୟିତ୍ୱ ନେଇ ବିଭିନ୍ନ ଅଫିସିଆଲ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ରୋଗୀ ଚିକିତ୍ସା ପାଇଁ





କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

### ସେମାନେ ଯାହା କୁହନ୍ତି...



"ଦୀର୍ଘ ଦିନ ହେଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ ହେଉନାହିଁ। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଶିଶୁ ରୋଗୀମାନେ ବାହାର ରାଜ୍ୟ ହସ୍ପିଟାଲ ନେଇ ଚିକିତ୍ସା କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି।
**-ଭୁବନେଶ୍ୱର ନାଏକ, ସାମାଜିକ କର୍ମୀ**



"କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ତଥା ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଖଡିଆଳ, କୋମନା, ନୂଆପଡା ତଥା ବଲାଙ୍ଗୀର ଜିଲାର ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । ଯଥାଶୀଘ୍ର ଆବଶ୍ୟକ ଡାକ୍ତର ପଦବୀ ପୂରଣ କରନ୍ତୁ ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ।
**-ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସାମାଜିକ କର୍ମୀ**



"ଏଠାରେ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଡାକ୍ତର ପଦବୀ ଖାଲି ରହିଛି। ଜାଣିଶୁଣି ସ୍ୱାସ୍ଥ୍ୟ ବିଭାଗ ତଥା ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉନାହାନ୍ତି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଡାକ୍ତର ପଦବୀ ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରାଯିବ ।
**-ଅଭିନ୍ନ ପୁରୋହିତ, ସାମାଜିକ କର୍ମୀ**

### ଡାକ୍ତର ଅଭାବ, ଅଞ୍ଚଳବାସୀ ନିରାଶ

ସମୟ ପାଉ ନ ଥିବା କୁହାଯାଉଛି। ଫଳରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ସ୍ଥାନୀୟ ଲେକେ ଅନେକ ଥର ଜିଲା କର୍ତ୍ତୃପକ୍ଷଙ୍କୁ ଡାକ୍ତର ପଦବୀ ପୂରଣ ନିମନ୍ତେ ଦାବି କରିଥିଲେ ହେଁ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଡାକ୍ତର ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି ।



ଶିବିରରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

# ୭୨ ଅଭିଯୋଗ ପଞ୍ଜୀକୃତ

**କୋମନା,୨୦।୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକସ୍ଥିତ ରାଜୀବ ସେବା କେନ୍ଦ୍ରରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଶିବିରରେ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଛି। ପ୍ରମୁଖ ଅଭିଯୋଗଗୁଡିକୁ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ପଞ୍ଜୀକୃତ ମୁଖ୍ୟ ସମସ୍ୟାଗୁଡିକ ମଧ୍ୟରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ କ୍ଷତିଗ୍ରସ୍ତ ବିସ୍ଥାପିତଙ୍କୁ ଥଇଥାନ ପ୍ରଦାନ କରିବା ବାବଦକୁ ୬ଟି ଅଭିଯୋଗ, ସିଏମଆରଏଫ ୧ଟି, ଜମି ବିଷୟବସ୍ତୁ ନେଇ ୧୪ଟି ଅଭିଯୋଗ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ୩୫ଟି ଅଭିଯୋଗ ଆସିଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଉପ ଜିଲାପାଳ ତରଣିସେନ ନାଏକ, ଡିଆରଡିଏ ପି.ଡି. ବୃଷବ ଚନ୍ଦ୍ର ନାଏକ, ସିଡିଏମଓ କାଳୀପ୍ରସାଦ ବେହେରା, ଆରବିଏସକେ ମେନେଜର ମୁକେଶ ଭୋଇ, ଜିଲା ସମାଜ କଲ୍ୟାଣ ଅଧିକାରୀ ବିଦ୍ୟୁଲତା ପାତ୍ର, ଜିଲା ଜନଜାତି ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ବିଡିଓ ଶ୍ୟାମଲ କୁମାର ରୟ, ଏବିଡିଓ ଦେବାଶିଷ ସିହ୍ନା, ଅତିରିକ୍ତ ତହସିଲଦାର ଡ. ସତ୍ୟନାରାୟଣ ତାଣ୍ଡିଙ୍କ ସମେତ ବହୁ ଜିଲା ଓ ବ୍ଲକସ୍ତରୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୌତୁକ ପାଇଁ ହତ୍ୟା କରି ପୋତିଦେଇଥିବା ଅଭିଯୋଗ

**ନୂଆପଡା ଅଫିସ/ବୋଡେନ, ୨୦।୧ (ଡି.ଏନ.ଏ.)**

ବିବାହର ବର୍ଷକ ପରେ ଯୌତୁକ ନାଁରେ ନିର୍ଯାତନା ଦେଇ ମହିଳାଙ୍କୁ ହତ୍ୟା କରାଯାଇଥିବା ଏକ ଘଟଣା ଏବେ ସମ୍ନାନକୁ ଆସିଛି। ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ କୋଟଗାଁରେ ଏହି ଘଟଣା ଘଟିଛି। ସ୍ତ୍ରୀଙ୍କୁ ଜୀବନରେ ମାରିଦେଇଥିବା ବେଳେ ଶବ ବ୍ୟବଚ୍ଛେଦ ନ କରି ପୋତି ଦେଇଥିବା ଅଭିଯୋଗ କରିଛନ୍ତି ଝିଅର ବାପା। ମୃତ୍ୟୁର ୫ ଦିନ ପରେ ଅଭିଯୋଗ ହେବା

### ମୃତଦେହ ନିକଟରେ ଜଗିଛନ୍ତି ଲୋକେ

ପରେ ଶବ ନିକଟରେ ପରିବାର ସମେତ ଗ୍ରାମବାସୀ ରାତିରେ ଜଗି ରହିଥିବାବେଳେ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଖୋଳି ବ୍ୟବଚ୍ଛେଦ କରାଯିବା ପରେ ପରବର୍ତ୍ତି ତଦନ୍ତ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ପ୍ରାପ୍ତ ସୂଚନାନୁଯାୟୀ ଗତ ୧୬ ତାରିଖ ରାତିରେ ଲକ୍ଷ୍ମୀ ଚିନ୍ଦାଙ୍କ ଦେହ ଅସୁସ୍ଥ ହେବାରୁ ବୋଡେନ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିବା ପରେ ପରିବାର ଲୋକ ମୃତଦେହକୁ ନେଇ ଜୁଝଘାଟ ନଦୀ ନିକଟରେ ପୋତି ଦେଇ ଚାଲିଯାଇଥିଲେ। ଏହାକୁ ନେଇ ବୋଡେନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ହେଲେ ୨/୪ ଦିନ ପରେ ସୋମବାର ଝିଅଙ୍କ ବାପା ପବିତ୍ର ଝିଅଙ୍କୁ ଯୌତୁକ ଜନିତ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ବର୍ଷକ ତଳେ କୋଟଗାଁର ଭଲ ଚିନ୍ଦା (୨୫) ନାମକ ଯୁବକ ସିନାପାଲି ଥାନା ଚିତାରମା ଗାଁର ପବିତ୍ର ଚିନ୍ଦାଙ୍କ ଝିଅ ଲକ୍ଷ୍ମୀ ଚିନ୍ଦାଙ୍କୁ ବିବାହ କରିଥିଲେ। ମାସକ ତଳେ ଭାଇ ଜିଉଁତିଆ କରିବାକୁ ସେ ବାପ ଘରକୁ ଯିବା ସମୟରେ ଏକ ମୋଟରସାଇକେଲ ଆଣିବାକୁ କହିଥିଲେ। ସେହି ଅନୁସାରେ ଗତ ମଙ୍ଗଳବାର ଲକ୍ଷ୍ମୀ ବାପ ଘରୁ ଆସିବା ସମୟରେ ବାଇକ୍ ଆଣି ଆସିଥିଲେ। ଠିକ ଦିନକ ପରେ ଝିଅର ମୃତ୍ୟୁ ଖବର ପାଇବା ପରେ ପରିବାର ଲୋକ ହତବାକ ହୋଇପଡିଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଲିଖିତ ଭାବେ ଅଭିଯୋଗ କରିଛନ୍ତି।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରଙ୍କ ସହ ଶିକ୍ଷକ ବୃନ୍ଦ ।

# ବୁଢିକୋମନା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ନୂଆପଡ଼ା ଅଫିସ, ୨୦।୧**

ନୂଆପଡ଼ା ଜିଲାର ଏକ ଅଗ୍ରଣୀ ଉଚ୍ଚବିଦ୍ୟାଳୟ ମଧ୍ୟରେ ବୁଢିକୋମନା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ସକାଶେ ସଜବାଜ ଚାଲିଛି। ଏଥିପାଇଁ ରବିବାର ସ୍ଥାନୀୟ ବିଦ୍ୟାଳୟ ପରିସରରେ ଏକ ବୈଠକ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିବେକାନନ୍ଦ ମହାନ୍ତି ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ସର୍ବପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ପୁରାତନ ଛାତ୍ର ପ୍ରସନ୍ନ କୁମାର ପାଢୀଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ୧୯୭୧ରେ ପ୍ରତିଷ୍ଠିତ ଉଚ୍ଚବିଦ୍ୟାଳୟ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସହଯୋଗ ଏବଂ ସହାନୁଭୂତିରେ ଆରମ୍ଭ ହୋଇଥିଲା। ତେଣୁ ଏହାକୁ ଗାରିମାଙ୍କୁ ରୁଦ୍ଧିମନ୍ତ କରିବାକୁ ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏଥିରେ ଦୀର୍ଘ ୫୦ବର୍ଷ ଧରି ଶିକ୍ଷାଗ୍ରହଣ ଏବଂ ଶିକ୍ଷାଦାନ କରିଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ପରିବାରକୁ ଯୋଡିବାକୁ ଆଲୋଚନା କରାଯାଇଛି। ଏହାକୁ ୩ ଦିନ ଧରି ଭବ୍ୟ ଆୟୋଜନ କରାଯିବ । ଏଥିପାଇଁ ନିର୍ଦ୍ଦିଷ୍ଟ ତୀଥି ଧାର୍ଯ୍ୟ କରାଯାଇନାହିଁ। କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ସବୁ ବ୍ୟାଚରେ ଜଣେ ଲେଖାଏଁ ପୁରାତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ସଂଯୋଜକ ଭାବରେ ରଖାଯିବ। ଆସନ୍ତା ୨ ତାରିଖରେ ପୁଣି ଏକ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଦିନ ସମସ୍ତ ପୁରାତନ ଛାତ୍ର ଯୋଗଦେବାକୁ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ଆହ୍ୱାନ କରାଯାଇଛି। ଏଥିରେ ମୁରଲୀ ପାଢୀ, ଡମ୍ବରୁ ପଣ୍ଡା, କାର୍ତ୍ତିକ ଦୀପ, ଉତ୍କଳମଣୀ ଅଗସ୍ତି, ସୁଧୀର ପଣ୍ଡା, ପ୍ରଦୀପ ସାହୁ, ଶ୍ରୀବନ୍ତ ପାଢୀ, ଘନଶ୍ୟାମ ଭୋଇ, ଦୈତାରୀ ପାଢୀ, ଟପୁ ପଣ୍ଡା, ଘନଶ୍ୟାମ ନାଏକ, ଭୋରାମ ପଣ୍ଡା, ଚିତରଞ୍ଜନ ଦଣ୍ଡସେନା, ସୁବ୍ରତ ଅଗସ୍ତି, ବବ୍ରୁବାହାନ ସିଂ ଦେଓ ପ୍ରମୁଖ ଯୋଗଦେଇଥିଲେ । ସହଶିକ୍ଷକ ଶଶିପାତ୍ର ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।





କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଭୋଲାନାଥଙ୍କୁ ପୁରସ୍କୃତ କରୁଛନ୍ତି ।

# ଜିଲାର ଶ୍ରେଷ୍ଠ ଚାଷୀ ଭାବେ ଭୋଲାନାଥ ପୁରସ୍କୃତ

**ନୂଆପଡା ଅଫିସ,୨୦।୧**

ନୂଆପଡା ଜିଲାରେ ଜୈବିକ ପ୍ରଣାଳୀରେ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ଏହି ଜିଲା ଜେଞ୍ଜରା ଗାଁର ଉଦୀୟମାନ ଚାଷୀ ଭୋଲାନାଥ ସାହୁଙ୍କୁ ପ୍ରଶାସନ ଶ୍ରେଷ୍ଠ ଚାଷୀର ମାନ୍ୟତା ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଏକ ଭବ୍ୟ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରିଛନ୍ତି । ସୋମବାର ଭୁବନେଶ୍ୱରରେ ଜନତା ମୈଦାନରେ ଆୟୋଜିତ କୃଷି ଓଡିଶା-୨୦୨୦ କାର୍ଯ୍ୟକ୍ରମରେ ଏଥିରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ରାଜ୍ୟର ସବୁ ପ୍ରାନ୍ତରୁ ବଛା ଚାଷୀମାନେ ଯୋଗଦେଇଥିଲେ। ଏହି କ୍ରମରେ ନୂଆପଡା ଜିଲାରୁ ଜୈବିକ କୃଷି ଭିତିକ ଚାଷରେ ଶ୍ରେଷ୍ଠ ଚାଷୀ ଭାବେ ମନୋନୀତ ହୋଇଥିବା ଭୋଲାନାଥଙ୍କୁ ମୁଖ୍ୟମନ୍ତ୍ରୀ ନିଜ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷୀ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଚାଷୀ ଭୋଲାନାଥ ତାଙ୍କର ୨୦ ଏକ ଜମିରେ ପନିପରିବା, ଧାନ, ମକା ଆଦି ଜୈବିକ ପ୍ରଣାଳୀରେ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ସେ ନିଜେ ଉପାର୍ଜନ କରିବା ସହ ଗାଁର ବହୁ ଗରିବ ପରିବାରକୁ ରୋଜଗାର ମଧ୍ୟ ଯୋଗାଇ ଦେଇପାରୁଛନ୍ତି ।

# ୪୧ତମ ମିଳିତ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଖଡିଆଳ,୨୦।୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ରାଜା ଏଟି ହାଇସ୍କୁଲ ପଡିଆରେ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୧ତମ ମିଳିତ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମକୁଲ ଶବର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିନୋଦ ବିହାରୀ ପାଢ଼ୀ, ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭନନ୍ଦିନୀ ପୁରୋହିତ ଏବଂ ସମ୍ପାଦକ ଗୌରିଶଙ୍କର ଦୁବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ। ମିଳିତ କ୍ରୀଡା ଉତ୍ସବରେ ଯୁଗ୍ମ ସାଙ୍ଗଠନିକ ସମ୍ପାଦକ ଭାବେ ପ୍ରଣବ କୁମାର ପାତ୍ର, କୋଷାଧ୍ୟକ୍ଷ ବଳଭଦ୍ର ସୁନାନୀ ଦାୟୀତ୍ୱ ନିର୍ବାହ କରୁଛନ୍ତି। ପ୍ରଥମେ ଛାତ୍ରୀଛାତ୍ରମାନେ ଓ କ୍ରୀଡା ଶିକ୍ଷକ ରତନ ସିଂ ବାରିକ, ବିଜ୍ଞାନ ଶିକ୍ଷକ ରୁଦ୍ରାକ୍ଷ ବିଶି ଏବଂ ପ୍ରଦୀପ କୁମାର ପଣ୍ଡା ମଶାଲକୁ ସମଲେଶ୍ୱରୀ ମନ୍ଦିରକୁ ପୂଜା କରି ଶୋଭାଯାତ୍ରାରେ ବାହାରି ଖେଳ ପଡିଆରେ ସ୍ଥାପନ କରିଥିଲେ। ପରେ ମୁଖ୍ୟଅତିଥି ପାଢ଼ୀ ପତାକା ଉତ୍ତୋଳନ କରିଥିଲେ । ୨ ଦିନ ଧରି ହେବାକୁ ଥିବା ଏହି କ୍ରୀଡାକୁ ଦୌଡ ପ୍ରତିଯୋଗୀତା ମୁଖ୍ୟ ଭାବେ ଶିକ୍ଷକ ନବୀନ କିଶୋର ପାଢ଼ୀ, ଡିଆଁ ପ୍ରତିଯୋଗୀତା ମୁଖ୍ୟ ଭାବେ ଅକ୍ଷୟ କୁମାର ରଥ, ଥ୍ରୋ ଇଭେଣ୍ଟର ମୁଖ୍ୟ ମଧୁସ୍ମିତା ପଟ୍ଟନାୟକ ଦାୟୀତ୍ୱ ସମ୍ପାଦନ କରିଥିଲେ । ପ୍ରତିଯୋଗୀତାକୁ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ପ୍ରମିଳା ପଟ୍ଟନାୟକ, ରାଧାମୋହନ ମହାପାତ୍ର, ଅଶୋକ କୁମାର ବେହେରା, ଭୁପିନ୍ଦ୍ର ସିଂ, ଶିବପ୍ରସାଦ ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଶ୍ୟାମନାରାୟଣ ମୁଣ୍ଡ, ମହମ୍ମଦ କଲାମ, ପୁଷ୍ପାଞ୍ଜଳି ମହାପାତ୍ର, ସଚିନ ବାଗ, ବୈଷ୍ଣବ ମେହେର, ପ୍ରତାପ ବାଗ, ଧିରଜ ପ୍ରକାଶ ଭୋଇ, ମାନସରଞ୍ଜନ ମୁଣ୍ଡ, ପାର୍ଥସାରଥି ଖମାରୀ, ମେନକା ହରିଜନ, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ବିଭିନ୍ନ କ୍ରୀଡାକୁ ପରିଚାଳନା କରିଥିଲେ । ଶିକ୍ଷକ ଅକ୍ଷୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।





ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୪୧ତମ ମିଳିତ ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ସିନାପାଲି ବ୍ଲକ୍ ମିଳିତ ଶିକ୍ଷକ ସଂଘ ଗଠିତ

**ସିନାପାଲି,୨୦।୧ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ବ୍ଲକ୍‌ସ୍ତରୀୟ ମିଳିତ ଶିକ୍ଷକ ସଂଘ ଗଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ପଞ୍ଚାନନ ଖମାରୀଙ୍କ ସଭାପତିତ୍ୱରେ ସିନାପାଲି ବ୍ଲକ ଅଧୀନ ୧୬ଟି କ୍ଲଷ୍ଟରରୁ ଶତାଧିକ ଶିକ୍ଷକ ଯୋଗଦେଇଥିଲେ। ଏଥିରେ ପ୍ରସନ୍ନ କୁମାର ମାଝି ସଭାପତି, ଅରୁଣ କୁମାର ଯୋଷୀ ଓ ଝରଣା ଦୁରିଆ ଉପସଭାପତି, ବୈଷ୍ଣବ ମେହେର ସମ୍ପାଦକ, ସାନୁର୍ଯ୍ୟ ମେହେର ସହସମ୍ପାଦକ ଓ ଖଗେଶ୍ୱର ନିଆଲ କୋଷାଧ୍ୟକ୍ଷ, ପ୍ରେମାନନ୍ଦ ମେହେର ସହ କୋଷାଧ୍ୟକ୍ଷ, ରାକେଶ ମିଶ୍ର, ଲୋଚନ ମେହେର ଓ ରମେଶ ମେହେର ସଙ୍ଗଠନ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସଂଘ କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଠ ଶିକ୍ଷକ ହୃଦାନନ୍ଦ ମାଝି, ବିଦ୍ୟାଧର ମେହେର, ଭରତ ଚନ୍ଦ୍ର ବାଗ, ଆୟୁବ ଖାଁ, ହୃଦାନନ୍ଦ ମେହେର, କିଶୋର କୁମାର ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି । ଜିଲା ପ୍ରତିନିଧି ଭାବେ ପଞ୍ଚାନନ ଖମାରୀ ଓ ରାଜ୍ୟ ପ୍ରତିନିଧି ଭାବେ ତରୁଣ କୁମାର ମେହେରଙ୍କୁ ମନୋନୀତ କରାଯାଇଛି। ନବନିର୍ବାଚିତ ଶିକ୍ଷକ ନେତୃତ୍ୱଙ୍କୁ ପଦ ଓ ଗୋପନୀୟତା ଶପଥ ଗ୍ରହଣ କରାଯାଇଥିଲା। ଏହି ଅବସରରେ ଆଦର୍ଶ ଶିକ୍ଷକ ହୃଦାନନ୍ଦ ମେହେର ଓ କୁମୁଦବନ୍ଧୁ ଯୋଷୀଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଗୋପପୁରେ ନନ୍ଦୋତ୍ସବ, ପୁତନା ନିଧନ ମୁଖ୍ୟ ଆକର୍ଷଣ

**ନୂଆପଡା ଅଫିସ,୨୦।୧**

ପଶ୍ଚିମ ଓଡିଶାର ସ୍ୱତନ୍ତ୍ରତା ରଖୁଥିବା କୋଶଲୀ ଧନୁଯାତ୍ରା ଦିନକ ପରେ ଦିନ ଜମିବାରେ ଲାଗିଛି। ସୋମବାର ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ ରଙ୍ଗମଞ୍ଚ ପଡିଆ ଝଲସିଯାଇଥିବାବେଳେ କୁନି କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ ସମସ୍ତଙ୍କ ମନମୋହିଥିଲା। ଅନ୍ୟପଟେ ଗୋପ ନଗରୀରେ ପୁତ୍ନା ବଧ ଏବଂ ନନ୍ଦୋତ୍ସବ ମୁଖ୍ୟ ଆକର୍ଷଣ ଥିଲା । ରାତିରେ ସାଂସ୍କୃତିକ ସନ୍ଧ୍ୟାରେ ନୂଆପଡାବାସୀ ରଙ୍ଗ ମଞ୍ଚ ପଡିଆରେ ଝୁମିଥିବାବେଳେ ଦିନବେଳା କଂସ ମହାରାଜ ତାଙ୍କ ପାଟ ମନ୍ତ୍ରୀଙ୍କ ସହ ନଗର ପରିକ୍ରମା କରିଥିଲେ। ସୋମବାର କଂସ ମହାରାଜ ହାତୀ ଉପରେ ଚଢି ନୂଆପଡା ସହରର ସିର୍ତୋଲଠାରୁ ଆରମ୍ଭ



କଂସ ମହାରାଜା ସହର ପରିକ୍ରମା କରୁଛନ୍ତି ।



କଂସ ଦରବାରରେ ନୃତ୍ୟାଙ୍ଗନାମାନେ ନାଚୁଛନ୍ତି ।

### କୋଶଲୀ ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

କରି ନୀଳଶୈଳ ନଗର, ତାରିଣୀ ମନ୍ଦିର ଛକ ବୁଲି ସ୍ୱଚ୍ଛତା ବାର୍ତ୍ତା ଦେଇଥିଲେ। ସ୍ଥାନୀୟ ଜିଲା ପରିବହନ କାର୍ଯ୍ୟାଳୟ ବୁଲି ସେଠାରେ କିପରି ସଡକ ସୁରକ୍ଷା କାର୍ଯ୍ୟକ୍ରମ, ସରକାର ଦେଇଥିବା ବିଭିନ୍ନ କାମ କିପରି ଚାଲିଛି ତାକୁ ଅନୁଧ୍ୟାନ କରିଥିଲେ। ଯେମିତି ମଥୁରାବାସୀ ହଇରାଣ ନ ହେବେ ସେଥିପାଇଁ ପରାମର୍ଶ ଦେଇଥିଲେ। ସନ୍ଧ୍ୟାରେ ସବୁଦିନ ଭଳି ଗୋପପୁରର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ନୃତ୍ୟ ପ୍ରତିଯୋଗୀତା ହୋଇଥିଲା। କ୍ରମାନ୍ୱୟରେ ବିଶେଷ କରି କୋଶଲୀ ଧନୁଯାତ୍ରା ହେତୁ ସମ୍ବଲପୁରୀ ନୃତ୍ୟକୁ ଅଗ୍ରାଧିକାର ଦିଆଯାଇଥିଲା । ଅନ୍ୟପଟେ ତାଳ ଦେଇ କଂସଙ୍କ ଆଗମନ ହୋଇଥିଲା। ଢୋଲ ନିଷାନ ସାଙ୍ଗକୁ ବାଣ ରୋଶଣୀରେ କଂସ ପାଟମନ୍ତ୍ରୀଙ୍କୁ ନେଇ ଆସିଥିଲେ। କଂସ ପୁତନାଙ୍କୁ ଗୋପପୁରକୁ ପ୍ରେଣ କରିଥିବାବେଳେ ସେଠାରେ କୃଷ୍ଣଙ୍କ ଦ୍ୱାରା ନିଧନ ଚିତ୍ର ଜୀବନ୍ତ ହୋଇଥିଲା। କଂସ ଦରବାରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡା. ବିଜୟ ପାଣିଗ୍ରାହୀ, ଜେଲ ସୁପରିଣ୍ଟେଣ୍ଡେଣ୍ଟ କେ.ପି. ଦଳବେହେରାଙ୍କ ସହ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଅତିଥି ଭାବେ ଯୋଗଦେଇଥିଲେ। ବିଳମ୍ବିତ ରାତିଯାଏଁ ଲୋକେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ। କାର୍ଯ୍ୟକ୍ରମକୁ କମିଟି ପକ୍ଷରୁ ସଭାପତି ପ୍ରସନ୍ନ କୁମାର ପାଢୀ, ସମ୍ପାଦକ ଟିଟୁ ପଣ୍ଡା, ସୁରଜିତ ସିଂ ମହାରଥା, ସଞ୍ଜୟ ପାଢୀ, ଅବନୀ କୁମାର ଯୋଷୀ, ଲୋକନାଥ ରଥ, ସୁବଳ ଶ୍ୟାମ ପଣ୍ଡା, ଉଜ୍ଜ୍ୱଳ ତିୱାରି ପ୍ରମୁଖ ପରିଚାଳନା କରୁଛନ୍ତି । ସାଂସ୍କୃତିକ ସନ୍ଧ୍ୟାକୁ ଅଧ୍ୟାପକ ଶିବ ପ୍ରସାଦ ସା, କପିଳଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ।



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ, ଧନୀ ମଧ୍ୟ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ



**ସଂକ୍ଷେପରେ**



## ଇତମାରୁ ଜବତ ବାଦୁଡ଼ି ଜଙ୍ଗଲରେ ଛଡ଼ାଗଲା

**ବଡ଼ଗାଁ, ୨୦।୧ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ଗ୍ରାମର ଜଣେ ଯୁବକ ଜାଲ ଦ୍ୱାରା ବାଦୁଡ଼ି ଧରି ଫଟୋ ଭାଇରାଲ କରିଥିଲେ। ଏହା ବନ କର୍ମଚାରୀଙ୍କ ଦୃଷ୍ଟିକୁ ଆସିବା ପରେ ବାଦୁଡ଼ିକୁ ଧରିଥିବା ଇତମାର ବୁଲୁ ରାଉତଙ୍କଠାରୁ ବାଦୁଡ଼ି ଜବତ କରିଥିଲେ । ରବିବାର ବାଦୁଡ଼ିକୁ ବନ କର୍ମଚାରୀ ଜଙ୍ଗଲରେ ଛାଡିଛନ୍ତି ।

# ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ

## ■ ଚାଷୀଙ୍କ ଅଭିଯୋଗ ପାଇ ମଣ୍ଡିରେ ପହଞ୍ଚିଲେ ବିଧାୟିକା

ସୁନ୍ଦରଗଡ, ୨୦।୧ (ଡି.ଏନ୍.ଏ)

ଚାଷୀମାନଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ଦିଆଯିବ, ଅଭାବୀ ବିକ୍ରିର ଶିକାର ହେବାକୁ ଦିଆଯିବ ନାହିଁ ବୋଲି ସରକାର ଘୋଷଣା କରୁଛନ୍ତି। ହେଲେ ତାହାର ବାସ୍ତବତା କେତେ ସୁନ୍ଦରଗଡ଼ ଜିଲାରେ ଦେଖିବାକୁ ମିଳିଛି। ଜିଲାର ଅନେକ ଅଞ୍ଚଳରେ ଚାଷୀ ଧାନମଣ୍ଡିରେ ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ଗିପାଲି ଅଞ୍ଚଳର ବହୁ ଚାଷୀ ଗତ ୨ମାସ ଧରି ନିଜର ଧାନ ମଣ୍ଡିରେ ବିକ୍ରି କରିପାରୁ ନାହାନ୍ତି। ମଣ୍ଡି ଗ୍ରହଣ କରୁ ନ ଥିବା ନେଇ ଚାଷୀମାନଙ୍କ ଠାରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗ ପାଇବା ପରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ସୋମବାର ସନ୍ଧ୍ୟାରେ ଏହି ଧାନମଣ୍ଡିରେ ପହଞ୍ଚିଥିଲେ। ସେଠାରେ



ବିଧାୟିକା କୁସୁମ ଟେଟେ ମଣ୍ଡିରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରୁଛନ୍ତି।

ସେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ଚାଷୀମାନଙ୍କ ଏହି ସମସ୍ୟା ସମ୍ପର୍କରେ ଏହି ଧାନମଣ୍ଡିର ଏମ୍‌ଡି ପ୍ରକାଶ ପଟେଲଙ୍କୁ ପଚାରି ବୁଝିଥିଲେ। ପୂର୍ବରୁ ଆସିଥିବା ଚାଷୀମାନଙ୍କ ଧାନ ମଣ୍ଡିରେ କ୍ରୟ କରାଯାଉଛି। ଅଭିଯୋଗ କରୁଥିବା ଚାଷୀଙ୍କର କୌଣସି ଟିଠା ତାଙ୍କ ପାଖରେ ପହଞ୍ଚିନଥିବା ଏମ୍‌ଡି ସୂଚାଇ ଥିଲେ। ଏ ନେଇ ବିଧାୟିକା ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ।

## ନାହିଁରେ ନାହିଁରେ ଚାଲିଛି ବୀରମିତ୍ରପୁର ତହସିଲ

କୁଆଁରମୁଣ୍ଡା,୨୦।୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ତହସିଲ ଅଞ୍ଚଳର ରାଏବୋଗା, ଝୁନମୁର, ଅଣ୍ଡାଳି- ଜାମବାହାଲ ଇତ୍ୟାଦି ଅଞ୍ଚଳରେ ସରକାରୀ ଜମି ଜବରଦଖଲ ଠାରୁ ଆରମ୍ଭ କରି ବାଲି, ମୋରମ ଇତ୍ୟାଦି ଅବାଧରେ ଚୋରା ଚାଲାଣ ହେଉଛି। ଫଳରେ ବିଗତ ଦେଢ ଦୁଇ ବର୍ଷ ହେଲା ଏହି ଅଞ୍ଚଳରେ ବାଲି, ମୋରମ୍ ଚାଲାଣକାରୀମାନେ ବେଶ୍ ସକ୍ରିୟ ହୋଇ ଉଠିଛନ୍ତି। ଏପରିକି ସେମାନେ ତହସିଲର ତଳ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଭିତିରି ହାତଗୁଞ୍ଜା ଦେଇ ଚୁପ୍ ରଖୁଛନ୍ତି। କେବଳ ଏତିକି ନୁହେଁ, ଉକ୍ତ ତହସିଲ ଅଞ୍ଚଳର ରାଏବୋଗା, ସଲଙ୍ଗାବାହାଲ, ଦଲକି, ଅନ୍ଧାରୀ, ପ୍ରତାପପୁର ଇତ୍ୟାଦି ପଞ୍ଚାୟତରେ ବେଆଇନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଇଟାଭାଟି ମାଲିକମାନେ ଅବାଧରେ ନଦୀକୂଳରୁ ମାଟି, ବାଲି ଓ ପାଣିକୁ ବ୍ୟବହାର କରି ମାଲାମାଲ ହେଉଛନ୍ତି। ବେଆଇନ ଇଟାଭାଟି ବନ୍ଦ କରିବା ଦିଗରେ ତହସିଲ କର୍ମଚାରୀଙ୍କର ଆଦୌ ଆନ୍ତରିକତା ନ ଥିବା ଏଠାରେ ସ୍ପଷ୍ଟ ବାରି ହୋଇପଡୁଛି। ଅନ୍ୟ ପକ୍ଷରେ ଠିକାଦାରମାନେ ରାସ୍ତା ମରାମତି ପାଇଁ ପାହାଡ଼ ପାର୍ଶ୍ୱରୁ ଅବାଧରେ ମୋରମ୍ ସ୍ପଷ୍ଟ ଦିବାଲୋକରେ ଚାଲାଣ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ବୀରମିତ୍ରପୁର ତହସିଲଦାର ଅଂଶୁମାନ ଦାଶଙ୍କୁ ୯୪୩୭୧୦୦୦୫୬୮ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନାହାନ୍ତି।

# ଫୁଟବଲ ଟୁର୍ନାମେଣ୍ଟ: ଗରଗଡ଼ବାହାଲ ଚାମ୍ପିୟନ

ବଡ଼ଗାଁ, ୨୦।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଗରଗଡବାହାଲ ଗ୍ରାମରେ ସ୍ଥାନୀୟ ଫାଇଟର କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୪୦ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଲାଖପଡା ଓ ଗରଗଡବାହାଲ ମଧ୍ୟରେ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଗରଗଡବାହାଲ ୨-୦ରେ ଲାଖପଡାକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବରଗଡ ଥାନା ସବ୍‌ଇନ୍ସପେକ୍ଟର ଶିଶିର କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଓ ସ୍ଥାନୀୟ ସରପଞ୍ଚ ସରିତା ଲାକ୍ରା, ସମିତି ସଭ୍ୟ ସୌଦାମିନୀ ହାହା, ଲଳିତ ମୋହନ ବେହେରା, ଗୌତିଆ ସନାତନ ବେହେରା



ଚାମ୍ପିୟନ ଓ ରନର୍ସ ଅପ ଟିମ ଗହଣରେ ଅତିଥି।

ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ଖାସି ଏବଂ ତୃତୀୟ ସ୍ଥାନ ପାଇଥିବା କିଞ୍ଜିରକେଲା ଓ ଚତୁର୍ଥ ସ୍ଥାନ ପାଇଥିବା ଯାଜପୁର ଦଳକୁ ୧୫ଶହ ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଥିଲା। ସୁଦର୍ଶନ କିଷାନ, ପ୍ରଶାନ୍ତ ବାଗ, ବିଶେଶ୍ୱର ଲାକ୍ରା, ଅରକ୍ଷୀତ ମାଝୀ ଖେଳ ପରିଚାଳନା କରିଥିଲେ। ଗୋବର୍ଦ୍ଧନ ହାହା, ଦେବଦତ୍ତ ପୃଷେଟ, ଭଗବାନ ଲାକ୍ରାଙ୍କ ସହିତ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଓଡ଼ିଶା- ଛତିଶଗଡ଼ ସୀମାନ୍ତରେ ବିଶ୍ୱଶାନ୍ତି ମହାଯଜ୍ଞ

ହେମଗିର, ୨୦।୧ (ଡି.ଏନ.ଏ)

ପରସ୍ପର ରାଜ୍ୟ ଭିତରେ ଶାନ୍ତିମୈତ୍ରୀ, ଏକତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉଭୟ ଓଡିଶା- ଛତିଶଗଡ ସୀମାନ୍ତ ଚନ୍ଦରପୁର ଓ ହମିଲପୁର ମଧ୍ୟବର୍ତ୍ତି ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଏହି ଯଜ୍ଞର ମୁଖ୍ୟ ପୁରୋଧା ଭାବରେ ବ୍ରହ୍ମାବଧୂତ କିରେନ୍ଦ୍ର କୁମାର ବାବା ଯଜ୍ଞକାର୍ଯ୍ୟ ନିର୍ବାହ କରିଥିଲେ। ଯଜ୍ଞ ଶୁକ୍ରବାରରୁ ଆରମ୍ଭ ହୋଇ ରବିବାର ସମ୍ପନ୍ନ ହୋଇଥିଲା। ଏଥିରେ ଉଭୟ ରାଜ୍ୟର ପ୍ରାୟ ଏକ ଶହ ଗ୍ରାମବାସୀଙ୍କ ତରଫରୁ ହଜାର ହଜାର ସଂଖ୍ୟାରେ କଳସ ଯାତ୍ରା କରାଯାଇଥିଲା। ପ୍ରଥମ ଦିବସରେ ଅଖଣ୍ଡବତୀ ପ୍ରଜ୍ଜ୍ୱଳନ କରାଯାଇଥିଲା। ଏହି ଅବସରରେ ଯଜ୍ଞ କାର୍ଯ୍ୟ ପାଇଁ ବ୍ରହ୍ମାବଧୂତ ଚିତ୍ତରଞ୍ଜନ ବାବା, ଉଦ୍ଧବଚରଣ ବାବା, ତୁଳାରାମ ବାବା, ଦେବାନନ୍ଦ ବାବା, ଛାୟାକାନ୍ତ ବାବା ପ୍ରମୁଖ ଯୋଗଦେଇଥିଲେ। ତିନିଦିନ



ଚନ୍ଦରପୁର ଓ ହମିଲପୁର ମଧ୍ୟବର୍ତ୍ତି ସ୍ଥାନରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି।

ଧରି ଜପ ଯଜ୍ଞହୋମ ଚାଲୁଥିବା ବେଳେ ଭଜନ, ପ୍ରବଚନ, କୀର୍ତ୍ତନ, ସଂଚାର, ପାଲା ପ୍ରଭୃତି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଶେଷ ଦିବସରେ ଯଜ୍ଞ ପୂର୍ଣ୍ଣାହୁତି ଏବଂ ସାମୂହିକ ପ୍ରସାଦବିତରଣ କରାଯାଇଥିଲା। ଏଥିରେ ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ ତଥା ଛତିଶଗଡ଼ ରାଜ୍ୟର ବହୁବରିଷ୍ଠ ବ୍ୟକ୍ତି ଲୋକପ୍ରତିନିଧି ମଧ୍ୟ ଯୋଗଦେଇଥିଲେ। ଯଜ୍ଞ କାର୍ଯ୍ୟକୁ କମିଟିର ସଭାପତି ବିଜୟଶଙ୍କର ପଟ୍ଟନାୟକ, ଉପସଭାପତି ଦୌଲତ ସା, ମହତାବ ସିଂ ବରିହା, ସମ୍ପାଦକ ଦେଓନାରାୟଣ ପ୍ରସାଦ ପଟ୍ଟନାୟକ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିଥିଲେ। ଯଜ୍ଞରେ ଉଭୟ ରାଜ୍ୟର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା। କମିଟିର ବାବୁଲାଲ ଗୁପ୍ତା, ମୋହିତରାମ ଗୁପ୍ତା, ସତିଶ ଚନ୍ଦ୍ର ବେହେରା, ସୁରେନ ସିଂ ସିଦ୍ଦାର, ରାମଲାଲ ପଟେଲ, ବିନାୟକ ପଟ୍ଟନାୟକ, ଚିତ୍ରସେନ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ପୁରୁଖା କଂଗ୍ରେସ କର୍ମୀଙ୍କ ପରଲୋକ

**ସୁନ୍ଦରଗଡ ,୨୦।୧ (ଡି.ଏନ୍.ଏ):** ସୁନ୍ଦରଗଡ ଜିଲା ହେମଗିର ତଥା ବିଲେଇ ମୁଣ୍ଡା ଅଞ୍ଚଳର ଜଣାଶୁଣା ପୁରୁଖା କଂଗ୍ରେସ କର୍ମୀ ତଥା ବୟୋଜ୍ୟେଷ୍ଠ ନେତୃସ୍ଥାନୀୟ ନାଗରିକ ଗୌରୀଶଙ୍କର ପଣ୍ଡାଙ୍କ ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ତାଙ୍କରି ବିୟୋଗରେ ପରିବାର, ଆତ୍ମୀୟ ସ୍ୱଜନ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ସେ ଜଣେ କଂଗ୍ରେସ ସଙ୍ଗଠକ ଓ ସମାଜସେବା କାର୍ଯ୍ୟରେ ତାଙ୍କର ବିଶେଷ ଅବଦାନ ରହିଥିଲା। ତାଙ୍କ ଅନ୍ତିମ ସମୟରେ ୪ ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ଜ୍ୟେଷ୍ଠପୁତ୍ର ଅଂଶୁମାଳି ପଣ୍ଡା ମୁଖାଗ୍ନି ଦେଇଥିଲେ। ପିସିସି ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ଅଜିତ ପ୍ରସାଦ ପ୍ରମୁଖ ସ୍ୱର୍ଗତ ପଣ୍ଡାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସୋମବାର ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସଭାପତି ଚିନ୍ମୟ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ଶୋକସଭା ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ବେଣୁମାଧବ ତ୍ରିପାଠୀ, ହେମନ୍ତ ଦାସ, ଅବନୀ ପୁରୋହିତ, କେଶବ ଚନ୍ଦ୍ର ସା, ଋତୁରାଜ ପୁରୋହିତ, ଆଲୋକ ପୂଜାରୀ, ମୁରଲୀଧର ପଣ୍ଡାଙ୍କ ସମେତ ବହୁ ସଭ୍ୟ ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରି ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ।



ଗୌରୀଶଙ୍କର ପଣ୍ଡା

# ଆଦିବାସୀ ସାହିତ୍ୟ ମେଳା

ସୁନ୍ଦରଗଡ଼, ୨୦।୧ (ଡି.ଏନ୍.ଏ)

ସ୍ଥାନୀୟ ପଣସପଡାସ୍ଥିତ ସଂସ୍କୃତି କେନ୍ଦ୍ରଠାରେ ଆଦିବାସୀ ସାହିତ୍ୟ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ଏଏସଆଇ ତଥା ଆଦିବାସୀ ସାହିତ୍ୟିକ ସନେଶ୍ୱର ନାଏକ ମୁଖ୍ୟ ଅତିଥି ଓ ଫାଦର ଖ୍ରୀଷ୍ଟଫର କେର୍କେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସାହିତ୍ୟ ସଭାରେ ୧୪୦ଜଣ ଉଦୀୟମାନ ଆଦିବାସୀ ଯୁବ ଲେଖିକା, ଲେଖକଙ୍କ ଦ୍ୱାରା ଲିଖିତ ଗଳ୍ପ, କବିତା ଓ ପ୍ରବନ୍ଧ ଲୋକାର୍ପଣ




ଆଦିବାସୀ ସାହିତ୍ୟ ମେଳାରେ ମଞ୍ଚାସୀନ ଅତିଥି, ବକ୍ତା।

କରାଯାଇଥିଲା। ଏହି ସଙ୍କଳନରେ ୯ଗୋଟି ଭାଷା ଓରାମ, ମୁଣ୍ଡା, ଖଡିଆ କିଷାନ, କେନ୍ତା, ସାଦ୍ରୀ, ହିନ୍ଦି, ଓଡିଆ ଓ ଇଂରାଜୀ ଭାଷାରେ ଲିଖିତ ଲେଖାମାନ ସ୍ଥାନ ପାଇଛି। ଆଦିବାସୀ ମନର ନିରାଡମ୍ବର ଓ ଅନାବିଳ ଚିନ୍ତାର ଏହା ଗୋଟିଏ ଅଦଭୁତ ସମାରୋହ ହୋଇଥିଲା। ପୁସ୍ତକ ଉନ୍ମୋଚନ ପରେ ପ୍ରତ୍ୟେକ ଲେଖିକା, ଲେଖକମାନଙ୍କୁ ଗୋଟିଏ ଲେଖାଏଁ କବିତା ବହି ଭେଟି ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଆଦିବାସୀମାନେ ନିଜ କଥା ନିଜେ ଲେଖି ପ୍ରକାଶ କରିପାରିଲେ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟର ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏହା ମାନବ ସମାଜକୁ ବହୁବିଧ ଭାବେ ଉପକୃତ କରିପାରିବ ବୋଲି କହିଥିଲେ।

## ବଡ଼ଗାଁ ହାଇସ୍କୁଲ ପଛପଟକୁ ଶାନ୍ତି କଲୋନୀ ନାମିତ

ବଡ଼ଗାଁ, ୨୦।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପଛପଟ ଆମ୍ବ ବଗିଚା ଥିବା ସ୍ଥାନକୁ ଆମ୍ବ ବଗିଚାପଡା କୁହାଯାଉଥିଲା। ଏହି ପଡାକୁ ଶାନ୍ତି କଲୋନୀ ନାମିତ କରିବା ପାଇଁ ପଡାବାସୀଙ୍କ ସମ୍ମତିକ୍ରମେ ପଞ୍ଚାୟତ କାର୍ଯ୍ୟାଳୟରେ ଲିଖିତ ଜଣାଇଥିଲେ। ସୋମବାର ବଡ଼ଗାଁ ସରପଞ୍ଚ ଶୁଶିଲା ଡନସନା, ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା, ବଡ଼ଗାଁ ନାଏବ ସରପଞ୍ଚ କେଶବ କର୍ସେଲ, ଧରଣୀଧର ସା, ଭୋଳାନାଥ ଦାସ, ସଚ୍ଚିଦାନନ୍ଦ ସା, ଦିବ୍ୟଲୋଚନ ପୃଷେଟ, ପୂର୍ବତନ ବଡ଼ଗାଁ ସରପଞ୍ଚ ବସନ୍ତ ଡ଼ନସନା, ବିଟୁ ନାୟକ, ପ୍ରକାଶ ସାହୁ, ଛବିଲ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ବଡଗାଁ ସରପଞ୍ଚ ଡନସନା ଶାନ୍ତି କଲୋନୀ ନାମିତ କରାଗଲା ଘୋଷଣା କରିଥିଲେ।




ଶାନ୍ତି କଲୋନୀ ନାମିତ କାର୍ଯ୍ୟକ୍ରମରେ ସରପଞ୍ଚ ଓ ଅନ୍ୟମାନେ।

# କୁଆଁରମୁଣ୍ଡା ସାପ୍ତାହିକ ବଜାର ନିକଟରେ ପୁଣି ଫାଟିଲା ପିଚୁ

କୁଆଁରମୁଣ୍ଡା,୨୦।୧(ଡି.ଏନ.ଏ.)

**୧୪୩ ନମ୍ବର ଜାତୀୟ ରାଜପଥ ମରାମତି ନିମ୍ନମାନର**

୧୪୩ ନମ୍ବର ଜାତୀୟ ରାଜପଥର ବେଦବ୍ୟାସଛକ ଠାରୁ ବୀରମିତ୍ରପୁର ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ଭରପୂର ହୋଇଛି। ଏବେ ଖାଲଖମାପୂର୍ଣ୍ଣ ରାଜପଥର ଏହି ଅଂଶକୁ ମରାମତି କରିବା ପାଇଁ ଏକ ଠିକା ସଂସ୍ଥା ଟେଣ୍ଡର ନେଇଛି। ମାତ୍ର ନିମ୍ନମାନର ମରାମତି କାର୍ଯ୍ୟ ହେଉଥିବାରୁ ଗୁରୁବାର କୁଆଁରମୁଣ୍ଡାର ଲୋକନାଥ ମନ୍ଦିର ସମ୍ମୁଖରେ ପିଚୁ ଫାଟି ଖଣ୍ଡଖଣ୍ଡ ହୋଇ ରାଜପଥରୁ ଉଠିଯାଇଥିଲା। ଏହା ପରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ସମ୍ପୃକ୍ତ ଠିକାସଂସ୍ଥା ପକ୍ଷରୁ ସେଠାରେ ପୁନର୍ବାର ପିଚୁ କରାଯାଇଥିଲା। ଏହା ପରେ ଶୁକ୍ରବାର କୁଆଁରମୁଣ୍ଡା ସାପ୍ତାହିକ ବଜାର ନିକଟରେ ସୃଷ୍ଟି ହୋଇଥିବା ଖାଲଗୁଡିକୁ ପୋତାଯାଇ ପିଚୁ କରାଯାଇଥିଲା। ମାତ୍ର ସେଠାରେ ମଧ୍ୟ ଶନିବାର ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ମାତ୍ର ଦିନେ ନ ଯାଉଣୁ ସେଠାରେ ରାଜପଥରୁ ପିଚୁ ଫାଟି ଗଲାଣି। ତେଣୁ ମୋଟାମୋଟିଭାବେ କହିବାକୁ ଗଲେ ନିମ୍ନମାନର କାର୍ଯ୍ୟ ଯୋଗୁ ମରାମତି ସମୟରୁ ହିଁ ପିଚୁ ଫାଟି ଯାଉଛି। ଅନ୍ୟ ପକ୍ଷରେ ବେଦବ୍ୟାସ ଠାରୁ ୧୪୩ ନମ୍ବର ଜାତୀୟ ରାଜପଥରେ ଯେଉଁ ପିଚୁ ମରାମତି ଶେଷ ହୋଇଛି ତାହା କେତେ ଦିନ ପର୍ଯ୍ୟନ୍ତ ଠିକ୍‌ଭାବେ ରହିବ ସେ ନେଇ ସ୍ଥାନୀୟ ଲୋକେ ସନ୍ଦିହାନ ଅଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାଜପଥ ମରାମତି କରଯାଉଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ରାଜପଥ ବିଭାଗ ଓ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।




କୁଆଁରମୁଣ୍ଡା ସାପ୍ତାହିକ ବଜାର ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥରେ ପିଚୁ ଫାଟି ଯାଇଛି।



ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ୍ୟ ଲାଭ କରିପାରେ।
- ମହର୍ଷି ବିଶ୍ୱାମିତ୍ର



## ସଂକ୍ଷେପରେ..

### ଜିଲାସ୍ତରୀୟ କ୍ରିକେଟ ଚୟନ ଶିବିର

**ବ୍ରଜରାଜନଗର,୨୦।୧(ଡି.ଏନ.ଏ.):** ଝାରସୁଗୁଡା ଜିଲାସ୍ତରୀୟ କ୍ରିକେଟ ଚୟନ ଶିବିର ଆସନ୍ତା ୨୨ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ୧୯ ବର୍ଷ ଓ ୧୬ ବର୍ଷରୁ କମ୍ ପ୍ରତିଭାମାନେ ଏହି ଶିବିରରେ ଯୋଗଦେଇ ନିଜର ସାର୍ଟିଫିକେଟ ଓ ବୟସ ପ୍ରମାଣପତ୍ର ଜିଲା ଚୟନ କମିଟି ପାଖରେ ଦାଖଲ କରିବେ । ନିର୍ଦ୍ଧାରିତ ବୟସଠାରୁ ଅଧିକ ହୋଇଥିବା ପ୍ରାର୍ଥୀମାନଙ୍କୁ ବିଚାରକୁ ନିଆଯିବ ନାହିଁ । ଜିଲାର ବିଟିଏମ ପଡିଆ ଓ ବ୍ରଜରାଜନଗର ଓରିଏଣ୍ଟ ପଡିଆଠାରେ ଚୟନ କରାଯିବା ନେଇ ସର୍ବଶେଷ ତଥ୍ୟ ଜିଲା କ୍ରିକେଟ ଚୟନ କମିଟି ସଭାପତି ପ୍ରଜ୍ଜଳ ପଟେଲ ସୂଚନା ଦେଇଛନ୍ତି । ଓଡିଶା କ୍ରିକେଟ ଆସୋସିଏଶନ୍ ଗାଇଡ ଲାଇନ ଅନୁଯାୟୀ ଯୋଗ୍ୟ ଖେଳାଳିଙ୍କୁ ଚୟନ କରାଯିବ ।

# ୟୁନାଇଟେଡ ବ୍ୟାଙ୍କ ଫୋରମର ବିକ୍ଷୋଭ

**ବିଭିନ୍ନ ଦାବି ନେଇ ଆନ୍ଦୋଳନ**

ରାଉରକେଲା ଅଫିସ, ୨୦।୧



ବିଶ୍ରା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ବିଭିନ୍ନ ଦାବି ନେଇ ସୋମବାର ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ (ୟୁଏଫବିୟୁ) ପକ୍ଷରୁ ବିଶ୍ରା ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଉପସ୍ଥିତ ବ୍ୟାଙ୍କ ୟୁନିୟନ କର୍ମକର୍ତ୍ତା କହିଥିଲେ ଯେ, ୱେଜ ରିଭିଜନ ନେଇ ବାରମ୍ବାର ଦାବି ସତ୍ତ୍ୱେ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନାହାଁନ୍ତି। ଫାମିଲି ପେନସନ, ବେକ ପେ ଉପରେ ସ୍ପେଶିଆଲ ଆଲାଉନ୍ସ, ସମାନ କାମକୁ ସମାନ ଦରମା ଆଦି ଦାବି ଦୀର୍ଘ ଦିନ ହେବ ଝୁଲି ରହିଛି। ଛୁଟି ଓ ବ୍ୟାଙ୍କ ଲିଭ ଆଦି ଅମୀମାଂସିତ ହୋଇ ରହିଛି। ଏଭଳି ପରିସ୍ଥିତିରେ ବ୍ୟାଙ୍କ କର୍ମଚାରୀଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିରେ ସୁରେଶ ଦାସ, ସୋରଭ ପାନି. ଜୟନ୍ତ ପାତ୍ର, ପ୍ରଦୀପ ଦାସ, ବଟକୃଷ୍ଣ ସତପଥି, ପି.କେ ମହାନ୍ତି, ସୁରେଶ ମହାନ୍ତି, ଜେ.ପି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ-ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ମୃତ, ୧ ଗୁରୁତର

କୁଆଁରମୁଣ୍ଡା, ୨୦।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ସଲଙ୍ଗାବାହାଲ-ଜୟକୁଦର ରାସ୍ତାର ମଝାପଡ଼ା ନିକଟରେ ରବିବାର ରାତି ପ୍ରାୟ ୭ଟା ବେଳେ ଏକ ଅଟୋ (ଓଡି ୧୪ ଏନ ୨୭୦୮) ଓ ଏକ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ହରିଶ୍ଚନ୍ଦ୍ର ସିଂ(୩୫)ଙ୍କର ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ବସନ୍ତ ଏକ୍କା ଗୁରୁତର ଆହତ ହୋଇ ରାଉରକେଲା ସରକାରୀ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣାରେ ବାଇକ୍ ଅଟୋରେ ବାଡେଇ ହୋଇ ରାସ୍ତାରେ ଘଷି ଦୂରକୁ ଛିଟିକି ପଡିବା ବେଳେ ବାଇକ୍‌ରୁ ନିଆଁ ବାହାରି ଜଳିଥିଲା। ଘଟଣାସ୍ଥଳରେ ପହଞ୍ଚି ରାଏବୋଗା ପୋଲିସ ତଦନ୍ତ ଚଳାଇଛି। ଏ ନେଇ ଦଫା ୨୭୯, ୩୩୭, ୩୩୮, ୩୦୪(ଏ)ରେ ଏକ ମାମଲା (ନଂ.୭।୨୦୨୦) ରୁଜୁ ହୋଇଛି। ହରିଶ୍ଚନ୍ଦ୍ରଙ୍କର ମୃତଦେହ ସୋମବାର ବ୍ୟବଚ୍ଛେଦ କରାଯାଇଛି। ମୃତ ହରିଶ୍ ଓ ଗୁରୁତର ଆହତ ବସନ୍ତ ଏକ୍କାଙ୍କର ଘର ହେଉଛି ମଝାପଡ଼ା ପଞ୍ଚାୟତର ଜୟକୁଦର ଗ୍ରାମ। କୌଣସି କାମରେ ଉଭୟେ ଉକ୍ତ ବାଇକ୍‌ରେ ସଲଙ୍ଗାବାହାଲ ଅଞ୍ଚଳକୁ ଯାଇ ଫେରୁଥିଲା ବେଳେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ବୋଲି ପୋଲିସ କହିଛି।

# କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: କିର୍ମିରା ଚାମ୍ପିୟନ

କୋଲାବିରା, ୨୦।୧ (ଡି.ଏନ.ଏ.)


କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି ।

ମା'ସମଲେଶ୍ୱରୀ କ୍ରିକେଟ କ୍ଲବ ତରେଇକେଲା ଆନୁକୂଲ୍ୟରେ ୫ ଦିବସ ବ୍ୟାପି ଆୟୋଜିତ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗହ୍ମାପାଲି, ଅମନାପାଲି, ପରମାଣପୁର, ବୃନ୍ଦାମାଲ, ବଢେଇମୁଣ୍ଡା, ଜାମକାନି, କିର୍ମିରା, ରାମ ତିଲେଇମାଲ, ଦଣ୍ଡାବୁଡା, ସମାସିଂହା, ଚନ୍ଦରପୁର, ମୁରାଦିପାଲି, ତାଲମାଲ, ବଡବାହାଲ, ତରେଇକେଲା ଏବଂ ବାସୁପାଲି ଆଦି ୧୬ଟି ଦଳ ଯୋଗଦେଇଥିଲେ। ପ୍ରତିଯୋଗିତା ୨ଟି ଗ୍ରୁପରେ ବିଭକ୍ତ କରାଯାଇ ଖେଳ କରାଯାଇଥିଲା। ଫାଇନାଲ ମ୍ୟାଚ୍ ସମାସିଂହା ଏବଂ କିର୍ମିରା ମଧ୍ୟରେ ହୋଇଥିଲା। ଏଥିରେ ୭ ଉଇକେଟରେ ସମାସିଂହାକୁ ହରାଇ କିର୍ମିରା ବିଜୟୀ ହୋଇଥିଲା। ଭଗ ମହାନନ୍ଦିଆ, କିରନ କିଷାନ, ଗଣେଶ ପଧାନ ଏବଂ ଗୁଦଲୁ ଖେଳ ପରିଚାଳନା କରିଥିବା ବେଳେ ସ୍କୋରରେ ଶ୍ରୀକର ପ୍ରଧାନ, ଧର ବିହାରନି ଏବଂ ଶିବା ନିୟୋଜିତ ଥିଲେ। ବରିଷ୍ଠ ନାଗରିକ ବୀରେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀରେ କୋଲାବିରା ସରପଞ୍ଚ କୁମୁଦିନି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିରଞ୍ଚି ପଧାନ, ପ୍ରଶାନ୍ତ ମହାନନ୍ଦିଆ, ୱାର୍ଡସଭ୍ୟ ଶଙ୍କର ପାତ୍ର, ରାୟଧର ମାଝି, ଦୁର୍ଗାନନ୍ଦ ବିଶି, ସୁଶାନ୍ତ ବଗର୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହ କରିଥିଲେ। ୫ ଦିନ ଧରି ଚାଲିଥିବା ଏହି କ୍ରିକେଟ ପ୍ରତିଯୋଗିତା ପରିଚାଳନାରେ ଗ୍ରାମର ଦୀପକ ମହାନନ୍ଦିଆ, ଲୋଚନ ମହାନନ୍ଦିଆ, ଫକିର ମହାନନ୍ଦିଆ, ଫିରୋଜ ପ୍ରଧାନ, ଗଣେଶ ପ୍ରଧାନ, ଅସିତ ପ୍ରଧାନ, ଭିଷ୍ମ ପ୍ରଧାନ, ଅନିଲ ପ୍ରଧାନ, ପୁଚୁ ପ୍ରଧାନ, ଭବାନୀ ପ୍ରଧାନ, ଲୋକନାଥ ମହାନନ୍ଦିଆ ପ୍ରମୁଖ ସହଯୋଗ କରିଥିଲେ।

# ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସମାରୋହ

ରାଉରକେଲା ଅଫିସ, ୨୦।୧

ସୃଜନୀ ସାହିତ୍ୟ ସଂସଦ ପକ୍ଷରୁ ରବିବାର ତର୍କରା ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧ୍ୟାପିକା ଜ୍ୟୋତ୍ସ୍ନା ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ମଞ୍ଚାସୀନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରବି ଦେହୁରି ଯୋଗ ଦେଇ ସାହିତ୍ୟ ଓ ସମାଜ ପରସ୍ପର ପୂରକ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଚିତ୍ରାନନ୍ଦ ସାହୁ ଓ ଡାକ୍ତର ରାହାସ ବିହାରୀ ମହାପାତ୍ର, ଡାକ୍ତର ମଞ୍ଜୁଶର୍ମା ମହାପାତ୍ର ଯୋଗଦେଇ ସାମାଜିକ ଚେତନା ଓ ଅଭିବୃଦ୍ଧିରେ ସାହିତ୍ୟିକଙ୍କ ଭୂମିକାକୁ ଅସ୍ୱୀକାର କରି ହେବନି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ରାଜୀବ ପାଣି ଯୋଗ ଦେଇଥିଲେ। ସମ୍ମାନିତ ବକ୍ତାଭାବେ କବି ନୃସିଂହ ବିଶ୍ୱାଳ ମଞ୍ଚାସୀନ ଥିଲେ। ଏହି ଅବସରରେ କବି ସଚ୍ଚି ସ୍ୱାଇଁ ଓ ଜ୍ୟୋତ୍ସ୍ନା ସ୍ୱାଇଁଙ୍କ ଲିଖିତ ପୁସ୍ତକର ଅନାବରଣ କରାଯାଇଥିଲା। ଡାକ୍ତର ରାହାସବିହାରୀ ମହାପାତ୍ରଙ୍କୁ ଶାନ୍ତିଦୂତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାହିତ୍ୟ ଶାନ୍ତି ଓ ପ୍ରଗତିରେ ବାର୍ତ୍ତାବହ ଆଲୋଚନାରେ ମଞ୍ଚାସୀନ ଅତିଥି ଭାଗ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହାକୁ କବି ସୁଧାଂଶୁ ଅଶୋକ ଏବଂ ହରପ୍ରିୟା ପରିଡା, ଉର୍ବଶୀ ଦାସ ସଂଯୋଜନା କରିଥିଲେ। ଶତାଧିକ କବି ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। କବି ଭୋଳେଶ୍ୱର ବେହେରା, ସୁଶାନ୍ତ ନାୟକ, ଅଭୟ ସାହୁ, ସନ୍ଧ୍ୟାରାଣୀ ମୁଦୁଲି, ଅଜୟ ବିଶ୍ୱାଳ, ବଳରାମ ଦାସ, ସଂଯୁକ୍ତା ପାଟ୍ଟଯୋଶୀ, ଦେବାଶିଷ ପଣ୍ଡା, ଅଭିମନ୍ୟୁ ବେହେରା, ଲକ୍ଷ୍ମୀଧର ସ୍ୱାଇଁ, ଆରତୀ ବେହେରା, ମୀରା ମଲ୍ଲିକ, ବିଜୟ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।


କ୍ଲଷ୍ଟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ।

# ଅର୍ଡା, କିର୍ମିରା କ୍ଲଷ୍ଟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

କିର୍ମିରା, ୨୦।୧ (ଡି.ଏନ.ଏ.)

କିର୍ମିରା ବ୍ଲକ ଅର୍ଡା ସ୍ଥିତ ଆଦିବାସୀ ହରିଜନ ଆବାସିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶାରିରୀକ କ୍ରୀଡା ଅଧିକାରୀ ଡମ୍ବରୁଧର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସିଆରସିସି କ୍ଷୀରୋଦ୍ର ପୋଢ଼, ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରୀଡାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ନିତ୍ୟାନନ୍ଦ ଜଗତ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ସେହିପରି କିର୍ମିରା କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା ସ୍ଥାନୀୟ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଦିଲୀପ ନାଏକଙ୍କ ଅଧ୍ୟକ୍ଷତାରେ ବିଇଓ ଅଶୋକ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସରପଞ୍ଚ ରୀନା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସଂଘ ସଭାପତି ଶଶିକାନ୍ତ ନାଏକ, ଖେଳ ଶିକ୍ଷକ ପ୍ରଦୀପ ବେହେରା, ପ୍ରଫୁଲ୍ଲ ପଟେଲ, ନିର୍ମଳ ସାହୁ, ସୁନୀଲ ପଟେଲ ସହଯୋଗ କରିଥିଲେ ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋଲାବିରା,୨୦।୧ (ଡି.ଏନ.ଏ.)

କୋଲାବିରା ବ୍ଲକ ରଘୁନାଥପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କୋଲାବିରା ଗୋଷ୍ଠି ଶିକ୍ଷା ଅଧିକାରୀ ଗିରିଧାରୀ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରଗଡ ଭୁକ୍ତା ମହାବିଦ୍ୟାଳୟ ଅଧ୍ୟାପକ ଜୟନ୍ତ କୁମାର ସାହୁ ଯୋଗଦେଇଥିଲେ। ଖୃଣ୍ଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଗୌରୀଦାସ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୌରାଣିକ ଯୁଗରେ ଗୁରୁଶୁଷ୍ୟ ସମ୍ବନ୍ଧ, ଅଭିଭାବକଙ୍କ କର୍ତ୍ତବ୍ୟ ଓ ନିଷ୍ଠା ତଥା ଆଧୁନିକ ଶିକ୍ଷା ଉପରେ ଅନେକ ପୌରାଣିକ ଉଦାହରଣ ମାଧ୍ୟମରେ ଶିକ୍ଷାର ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ରଘୁନାଥପାଲି ସରପଞ୍ଚ ନନ୍ଦିତା ସରାଫ, ସମିତି ସଭ୍ୟା ନିରୁପମା ପଧାନ, ଗ୍ରାମର ଚନ୍ଦ୍ରଭାନୁ ସରାଫ, ଅବସରପ୍ରାପ୍ତ ଶିକ୍ଷକ ଉଦ୍ଧବ ବାରିକ ପ୍ରମୁଖ ଯୋଗଦେଇ ଶିଶୁ ପିତା-ମାତା ଓ ଶିକ୍ଷକଙ୍କ ଦାୟିତ୍ୱ ଓ କର୍ତବ୍ୟ ସହ ଶିଶୁଙ୍କ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଗୁରୁଶିଷ୍ୟ ପରମ୍ପରା ସମାଜରେ ଏବ ଆଦର୍ଶ ଅଟେ, ଏହାଦ୍ୱାରା ପିଲା ନିଜର ଦାୟିତ୍ୱ, କର୍ତବ୍ୟ, ସ୍ନେହ, ସମ୍ମାନ ଓ ସଂସ୍କାର ବୁଝି ପାରିବା ସହ ପ୍ରତିଷ୍ଠିତ ହୋଇ ପାରିଥାଏ ଓ ସମାଜର ସୁଧାର ଆଣିବାରେ ସକ୍ଷମ ହୋଇଥାଏ ବୋଲି କହିଥିଲେ। କୋମଳମତି ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୂଲ୍ୟବୋଧ, ଭାଷାପ୍ରତି ଅନୁରାଗ ତଥା ଗୁରୁଜନଙ୍କୁ ଭକ୍ତି ଓ ସମ୍ମାନକୁ ନେଇ ଅତିଥିମାନେ ମତବ୍ୟକ୍ତ କରିବା ସହିତ ଭାଷା ଜଗତରେ ଭାଷାର ସୁରକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟବୋଧ ଉପରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଣୀର ଟପ୍ପର ୪ ଜଣ ଛାତ୍ରୀଛାତ୍ର ହେଲେ ତନ୍ମୟ ପଟେଲ, ବିଶ୍ୱନାଥ ପଧାନ, ପିୟୁଷ ସରାଫ ଏବଂ ସୋହାନି ରାଣୀ । ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରୀତିରାଣୀ ସମ୍ମାନ ପ୍ରଦାନ କରାଯାଇଥିଲା। ସପ୍ତମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀ ପ୍ରୀତିରାଣୀ ସରାଫଙ୍କ ଅକାଳ ବିୟୋଗରେ ତାଙ୍କ ବାପା ରୁପେଶ ସରାଫ ଝିଅର ସ୍ମୃତି ଉଦ୍ଦେଶ୍ୟରେ ଗତ ବର୍ଷପରି ଚଳିତବର୍ଷ ମଧ୍ୟ ତିନୋଟି ରୌପ୍ୟ ମୁଦ୍ରିକା ପ୍ରଦାନ କରି ସମ୍ମାନିତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପଧାନ ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିଲାମୟ ସରାଫଙ୍କ ସମସ୍ତ ସଦସ୍ୟ ସଦସ୍ୟା, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା।


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।


ନକ୍ସାପାଲିରେ ଆୟୋଜିତ ମକର ଯାତ୍ରା।

# ନକ୍ସାପାଲିରେ ମକର ଯାତ୍ରା

କିର୍ମିରା,୨୦।୧ (ଡି.ଏନ.ଏ.)

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ନକ୍ସାପାଲି ଗ୍ରାମରେ ହରିହର ଭେଟ ଓ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଲିମଟିକିରାରୁ ହରିଙ୍କୁ ଏବଂ ଶିବ ମନ୍ଦିରରୁ ହରଙ୍କୁ ଅଣାଯାଇ ଗ୍ରାମ କୀର୍ତ୍ତନ ମଣ୍ଡପରେ ହରିହର ଭେଟ କରାଯାଇଥିଲା। ଅମୀୟ ପୂଜାରୀ ଛେଣାପହଁରା କରିଥିବା ବେଳେ ଗଙ୍ଗାଧର ମହାପାତ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ବିଧାୟକ ନବ ଦାସଙ୍କ ବଡଭାଇ ରାଜକିଶୋର ଦାସ ଠାକୁରଙ୍କ ଦର୍ଶନ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କମିଟି ସଭାପତି ବିହାରୀ ଜୟପୁରିଆଙ୍କ ସମେତ ସଦସ୍ୟ ହରେନ୍ଦ୍ର ଜଗତ, ଗିରି ବେହେରା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

# କର୍ମଚାରୀଙ୍କୁ ମାରପିଟ : ଜେଲଗଲେ ଅଭିଯୁକ୍ତ

ଭବାନୀପାଟଣା,୨୦।୧ (ଡି.ଏନ.ଏ.)

ଭବାନୀପାଟଣା ବ୍ଲକ କାର୍ଯ୍ୟାଳୟରେ ଜଣେ ମହିଳା କର୍ମଚାରୀଙ୍କୁ ଅନ୍ୟ ଜଣେ କର୍ମଚାରୀ ମାରପିଟ କରିବା ନେଇ ଗତ ୧୯ ତାରିଖ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ମହିଳା କର୍ମଚାରୀଙ୍କ ଅଭିଯୋଗ ଆଧାରରେ ପୋଲିସ କ୍ଷୀତିଶ ମୁଣ୍ଡଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମହିଳା କର୍ମଚାରୀଙ୍କୁ ଦୀର୍ଘଦିନ ଧରି ଅଧିକାରୀ ବିଭିନ୍ନ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ। ଗତ ୧୮ ତାରିଖରେ ମୁଣ୍ଡ ଯୁବତୀଙ୍କୁ ମାଡ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣା ନେଇ ମହିଳା କର୍ମଚାରୀ ଜଣକ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ କ୍ଷୀତିଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# କଲୋନୀବାସୀଙ୍କୁ ପରକରି ଚାଲିଗଲେ ଗୋଲକ ପ୍ରସାଦ

**ପୁରୁଷ ହେଲେ ବି ସମସ୍ତେ ମାଉସୀ ଡାକୁଥିଲେ**

ରାଉରକେଲା ଅଫିସ, ୨୦।୧

ରେଲୱେ କଲୋନୀ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ଗୋଲକ ପ୍ରସାଦ ଅଞ୍ଚଳବାସୀଙ୍କୁ ଛାଡି ଚାଲିଯାଇଛନ୍ତି। ତାଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି। ଗୋଲକ ନିଜ କଳା ଓ କଳାକାର ଭୂମିକା ପାଇଁ ମାଉସୀ ଭାବେ ବେଶ ପରିଚିତ ଥିଲେ। ପୁରୁଷ ହୋଇ ବି ସେ ମାଉସୀ ଭାବେ ଜଣାଶୁଣାଥିଲେ। ତାଙ୍କ ମୃତ୍ୟୁଜନିତ କାରଣ ପାଇଁ ରବିବାର ରେଲୱେ କଲୋନୀ ଅଞ୍ଚଳର ବଜାରଘାଟ ବନ୍ଦ ରହିଥିଲା। ଦୀର୍ଘ ୫୩ ବର୍ଷ ଧରି ସେ ଅଞ୍ଚଳବାସୀଙ୍କ ସୁଖଦୁଃଖର ସାଥି ହୋଇ ରହିଥିଲେ। ସେଲୁନ ଦୋକାନ ଖୋଲି ପରିବାର ଚଳିବା ସହ ନାଟକ ତାମସାରେ ବିଶେଷ ଅଗ୍ରହ ବ୍ୟକ୍ତ କରୁଥିଲେ। କଳା ଅନୁଷ୍ଠାନର ସେ ଥିଲେ ପ୍ରାଣ ପ୍ରତିଷ୍ଠାତା। ଏହି ଅନୁଷ୍ଠାନ ଦ୍ୱାର ଦୀର୍ଘ ବର୍ଷ ଧରି ଅଞ୍ଚଳରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବୋଇତ ବନ୍ଦଣା ଉତ୍ସବ ଅନୁଷ୍ଠିତ ହେଉଥିଲା। ଗତ ୧୯୭୩ରେ ଏକ ନାଟକରେ ନାରୀ ଭୂମିକା ଅଭାବ ପଡିବାରୁ ଗୋଲକଙ୍କୁ ଏହି ଭୂମିକା ପୂରଣ କରିବାକୁ ପଡିଥିଲା। ସେବେଠୁ ଅଞ୍ଚଳରେ ମାଉସୀ ଭାବେ ସେ ନାମ ଅର୍ଜନ କରିଥିଲେ।

ପିଲାଠୁ ନେଇ ଯୁବକ ସମସ୍ତେ ତାଙ୍କୁ ମାଉସୀ ସମ୍ବୋଧନ କରୁଥିଲେ। ଏଥିରେ ସେ ତିଳେ ମାତ୍ର ଦ୍ୱିଧାବୋଧ କରୁ ନ ଥିଲେ। ବରଂ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ। ଗୋଲକ ଛୋଟ ସେଲୁନ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ନିଜ ଅଞ୍ଚଳରେ କିପରି ଓଡ଼ିଆପର୍ବ ପର୍ବାଣୀ ବଞ୍ଚି ରହିବ ସେ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ତାଙ୍କ ମୃତ ଶରୀରକୁ ଅଞ୍ଚଳ ପରିକ୍ରମା କରିବା ସହ ବେଦବ୍ୟାସ ଶ୍ମଶାନ ଘାଟ ପର୍ଯ୍ୟନ୍ତ ଆସିଥିଲେ। ଏପରିକି ବିଧାୟକ ସାରଦା ନାୟକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଯୁବ ନେତା ପ୍ରଶାନ୍ତ ସେଠୀ, ନୃସିଂହ ନାୟକ, ବିଷ୍ଣୁ ପଣ୍ଡା, ରାଧାକାନ୍ତ ମହାରଣା, ତୀର୍ଥବାସୀ ମିଶ୍ର, ଅଭିମନ୍ୟୁ ସେଠୀ, ଅଜୟ ବଳ, ଜୟଦେବ ସେଠୀ, ଆୟୁବ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ମହିଳାଙ୍କୁ ମିଳିଲା ସହାୟତା

ରାଉରକେଲା ଅଫିସ, ୨୦।୧

**ଧରିତ୍ରୀ ପ୍ରଭାବ**

ବନ୍ଧମୁଣ୍ଡା ଅଞ୍ଚଳର ଅସହାୟ ମହିଳା ସୁକୁରମନି ମୁଣ୍ଡାଙ୍କୁ ସହାୟତା ମିଳିଛି। ତାଙ୍କ ସମ୍ପର୍କରେ ଗତ ୧୬ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ତାଙ୍କ ନିକଟକୁ ବିଭିନ୍ନ ଅଞ୍ଚଳରୁ ସହାୟତାର ହାତ ବଢିଛି। ଗତ ୧୭ରେ ସ୍ଥାନୀୟ ମହିଳା ସଙ୍ଗଠନ ସଦସ୍ୟା ମିଳିତ ଭାବେ ତାଙ୍କୁ ୨ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଓଡ଼ିଶା ୟୁନିକ ଓମେନ୍ସ କ୍ଲବ ପକ୍ଷରୁ ତୃପ୍ତିମୟୀ ସ୍ୱାଇଁ, ଶ୍ରମତୀ ଲାବନ୍ୟା, ଲକ୍ଷ୍ମୀ ଶେଖର, କିରଣ ସିଂ, ମୀନା ସିଂ, ରୁକ୍ମଣୀ ବାଗ, ଆରତୀ ପ୍ରସାଦ, ସବିତା ରାୟ, ସୁଜାତା ଗିରି ପ୍ରମୁଖ ଘରକୁ ଆସି ତାଙ୍କ ଭଲମନ୍ଦ ପଚାରି ବୁଝିବା ସହ ରୋଗ ଚିକିତ୍ସା ନେଇ ସହଯୋଗ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବିଜେଡି ନେତା ମାନସ ମହାନ୍ତି ଏଭଳି ଖବର ଧରିତ୍ରୀରୁ ପଢିବା ପରେ ତାଙ୍କ ଘରେ ପହଞ୍ଚି ବୃଦ୍ଧାଙ୍କ ରୋଗ ଯନ୍ତ୍ରଣା ବିଷୟରେ ପଚାରି ବୁଝିଥିଲେ। ତାଙ୍କ ସମସ୍ୟା ପଚାରି ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଖୁବ ଶିଘ୍ର ମହିଳାଙ୍କୁ ଡାକ୍ତରୀ ଚିକିତ୍ସା ପ୍ରଦାନ କରାଯିବା ନେଇ ବ୍ୟବସ୍ଥା କରାଯିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି।


ମାନସ ମହାନ୍ତି ମହିଳାଙ୍କୁ ସହାୟତା କରୁଛନ୍ତି।